
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୦୫ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 05 February 2026
Vol.No. 36 ■ No.34 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ସୁପ୍ରିମକୋର୍ଟରେ ଏସ୍ଆଇଆର ଶୁଣାଣି: ମମତା ରଖିଲେ ପକ୍ଷ, କହିଲେ ପଶ୍ଚିମବଙ୍ଗ ଜନସାଧାରଣଙ୍କ ଲଢ଼େଇ



ନୂଆଦିଲ୍ଲୀ,୪/୨ : ସୁପ୍ରିମକୋର୍ଟରେ ବୁଧବାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର) ନେଇ ଶୁଣାଣି ବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ କୋର୍ଟରେ ଉପସ୍ଥିତ ରହି ପକ୍ଷ ରଖିଛନ୍ତି । ମମତା ବ୍ୟକ୍ତିଗତ ଭାବରେ ମାମଲା ଉପରେ ଯୁକ୍ତି କରିବା ପାଇଁ ଅନୁମତି ମାଗି ଏକ ମଧ୍ୟବର୍ତ୍ତୀକାଳୀନ ଆବେଦନ ଦାଖଲ କରିଥିଲେ। ଏସ୍ଆଇଆର ବିରୋଧରେ ମମତା, ମୋସ୍ତାରି ବାନୁ, ତୃଣମୂଳ କଂଗ୍ରେସ ସାଂସଦ ଡେରେକ୍ ଓ ବ୍ରାଏନ୍ ଓ ଡୋଲା ସେନ୍ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଥିଲେ। ସୂଚନାଯୋଗ୍ୟ, ମମତା ନିଜେ ଜଣେ ଓକିଲ ଓ ରାଜ୍ୟରେ ଚାଲିଥିବା ଏସ୍ଆଇଆରକୁ ଦୀର୍ଘ ଦିନ ହେଲା ବିରୋଧ କରିଆସୁଛନ୍ତି । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ମମତା କହିଥିଲେ, ସେ ପଶ୍ଚିମବଙ୍ଗରୁ ଆସିଛନ୍ତି ଓ ସେଠାକାର ତୃଣମୂଳ ସ୍ଥିତି ସମ୍ପର୍କରେ ଅବଗତ ଅଛନ୍ତି। ଏହା ମୋ ନିଜ ଲଢେଇ ନୁହେଁ, ଜନସାଧାରଣଙ୍କ ଲଢେଇ ବୋଲି କହିଥିଲେ। ଏହି ମାମଲାରେ ସେ ନିର୍ବାଚନ ଆୟୋଗଙ୍କୁ ଅନେକ ଚିଠି ଲେଖି ସାରିଛନ୍ତି। ମମତା କହିଥିଲେ, ଏସ୍ଆଇଆର ପ୍ରକ୍ରିୟା ଲୋକଙ୍କ ନାଁ ଭୋଟର ତାଲିକାରୁ ହଟେଇବାକୁ କରାଯାଉଛି। ଯଦି କେହି ଝିଅ ବାହାଘର ପରେ ନିଜ ସ୍ୱାମୀଙ୍କ ଉପନାମ ବ୍ୟବହାର କରୁଛନ୍ତି, ତାହା ହେଲେ ତାଙ୍କ ନାମ ମେଳ ଖାଉନି ବୋଲି ଦର୍ଶାଇ ଭୋଟର ତାଲିକାରୁ ହଟେଇ ଦିଆଯାଉଛି। ପଶ୍ଚିମବଙ୍ଗକୁ ଜାଣିଶୁଣି ଟାର୍ଗେଟ କରାଯାଉଛି । ଏହି ପ୍ରକ୍ରିୟାର ଚାପରେ ଅନେକ ବୁଥସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କ ଜୀବନ ଗଲାଣି ଓ କେତେକ ଆତ୍ମହତ୍ୟା କରିଛନ୍ତି। ଆସାମରେ କାହିଁକି ଏସ୍ଆଇଆର କରାଯାଉନି ବୋଲି ମମତା ପ୍ରଶ୍ନ କରିଥିଲେ । ପଶ୍ଚିମବଙ୍ଗର ଲୋକଙ୍କୁ ଦବେଇବାକୁ ବିଜେପି ଶାସିତ ରାଜ୍ୟର ପର୍ଯ୍ୟବେକ୍ଷକ ଅଣା ଯାଉଥିବା ସେ ଅଭିଯୋଗ କରିଛନ୍ତି। ନିର୍ବାଚନ କମିସନଙ୍କୁ ମମତା 'ହ୍ୱାଟ୍ସଅପ୍' କମିସନ କହି ସମାଲୋଚନା କରିବାକୁ ପଛାଇ ନଥିଲେ। ପଶ୍ଚିମବଙ୍ଗକୁ ଟାର୍ଗେଟ କରି ଭୋଟରଙ୍କ ନାମ ବହୁଳ ଭାବରେ ଭୋଟର ତାଲିକାରୁ ବାଦ୍ ଦିଆଯାଉଥିବା ମମତା ଯୁକ୍ତି ରଖିଥିଲେ। ଯେତେବେଳେ ନ୍ୟାୟ ବନ୍ଦ ଦ୍ୱାର ପଛରେ କାନ୍ଦେ, ସେତେବେଳେ ନ୍ୟାୟ ଅନ୍ୟ କେଉଁଠୁ ବି ମିଳୁନି ବୋଲି ଅନୁଭବ କରାଯାଏ ବୋଲି ମମତା କହିଥିଲେ। ମମତାଙ୍କ ସହିତ ବରିଷ୍ଠ ଓକିଲ ଶ୍ୟାମ ଦିବାନ ଉପସ୍ଥିତ ଥିଲେ। ଏହି ସମୟରେ ମମତା ତିନି ବିଚାରପତି ତାଙ୍କୁ କୋର୍ଟରେ ପକ୍ଷ ରଖିବାକୁ ଅନୁମତି ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ ।

## ମହାନଦୀ ସମସ୍ୟାର ସମାଧାନ କରିବେ କେନ୍ଦ୍ର ସରକାର: ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର, ୪/୨ (ନି.ପ୍ର): ଓଡ଼ିଶାର ଜୀବନରେଖାକୁ ଦେଖିଲେ ଏବେ ଦୁଃଖ ଲାଗୁଛି। ଏ ମରୁଭୂମି ନା ମହାନଦୀ । ନ୍ୟାୟିକ ଲଢେଇ ଭିତରେ ଛତିଶଗଡ ମହାନଦୀର ତଣ୍ଟି ଚିପି ଦେଇଛି । ଓଡ଼ିଶାର ଦାବି ଶୁଣୁନି ପଡିଶା ରାଜ୍ୟ । ଏସବୁ ଭିତରେ ଶେଷରେ କେନ୍ଦ୍ରକୁ ଭରସିଛି ଓଡ଼ିଶା । ନ୍ୟାୟ ମିଳିବ ବୋଲି ଆଶା ବଢିଛି । ସମୟ ଗଡିବା ସହିତ ଅନିଶ୍ଚିତତା ଆଡକୁ ଠେଲି ହୋଇଯାଉଛି ମହାନଦୀର ଭାଗ୍ୟ ଓ ଭବିଷ୍ୟତ । ମହାନଦୀ ମାଆକୁ କେବେ ନ୍ୟାୟ ମିଳିବ, ଏ ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ। ଟ୍ରିବ୍ୟୁନାଲ, ଆପୋଷ ଆଲୋଚନା, କମିଟି ପାଖରେ ଅଟକିଯାଇଛି ମହାନଦୀର ଝର । ବାରମ୍ବାର ନିରାଶ ହେବା ପରେ ଏବେ ପଡ଼ିଶା ନୁହେଁ କେନ୍ଦ୍ର ଭରସାରେ ଓଡ଼ିଶା। ଦୁଇପାଦ ଆଗକୁ ବଢ଼ି କେନ୍ଦ୍ରକୁ ମହାନଦୀ ବିବାଦରେ ମୁଣ୍ଡ ଖେଳାଇବାକୁ ଅନୁରୋଧ କରିଛନ୍ତି ରାଜ୍ୟ ସରକାର । କେନ୍ଦ୍ରକୁ ମଧ୍ୟସ୍ଥ ରଖି ଆପୋସ ଆଲୋଚନା ପାଇଁ କରିବାକୁ ଚାହୁଁଛି ଓଡ଼ିଶା । ଟ୍ରିବ୍ୟୁନାଲର ଅବଧି ଆସନ୍ତା ମାର୍ଚ୍ଚରେ ସରୁଛି । ତଥାପି ଆଇନଗତ ଲଢେଇରେ ପଛଘୁଞ୍ଚା ଦେବାକୁ ଚାହୁଁନି ଓଡ଼ିଶା । ଟ୍ରିବ୍ୟୁନାଲ ଅବଧିକୁ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ରକୁ ଅବଗତ କରିଛି ରାଜ୍ୟ । ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ହେଲେ ପ୍ରଶ୍ନ ଉଠୁଛି, ଛତିଶଗଡ଼ରେ ଥିବା ବିଜେପି ସରକାରକୁ ସହଜରେ ଭରସିପାରୁନି କି ଓଡ଼ିଶା ? ମହାନଦୀ ପ୍ରସଙ୍ଗରେ ଓଡ଼ିଶାର ପ୍ରସ୍ତାବକୁ ଅଣଦେଖା କରୁଛି କି ଛତିଶଗଡ଼ ? ଅନ୍ୟପଟେ ବିରୋଧୀଙ୍କ ଯୁକ୍ତି, ମହାନଦୀକୁ ନ୍ୟାୟ ଦେବାରେ ଟ୍ରିପଲ ଇଞ୍ଜିନ ଫେଲ୍ । ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ । ଏହାପୂର୍ବରୁ ଓଡ଼ିଶାରେ ମହାନଦୀର ଅବସ୍ଥା ମରୁଭୂମି ଭଳି । ଆପୋସ ଆଲୋଚନା ଓ ଟ୍ରିବ୍ୟୁନାଲ ଲଢ଼େଇ ଭିତରେ କେବେ ନ୍ୟାୟ ପାଇବ ମହାନଦୀ ? ତାହା ବଡ ପ୍ରଶ୍ନ ।

## ଦୁର୍ନୀତି ଗସ୍ତ ଅଧିକାରୀଙ୍କ ତାଲିକା ମାଗିଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୪/୨ (ନି.ପ୍ର): ଦୁର୍ନୀତି ଗସ୍ତ ଅଧିକାରୀଙ୍କ ତାଲିକା ମାଗିଲେ ମୁଖ୍ୟ ଶାସନ ସଚିବ । ସଚିବ ସ୍ତରୀୟ ବୈଠକରେ ଆଗାମୀ ମାସରେ ଉପସ୍ଥାପନା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରୁନଥିବା ତଥା ଦୁର୍ନୀତିଗ୍ରସ୍ତ, ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନିଆଯିବା ସମ୍ପର୍କରେ ଆଗାମୀ ମାସରେ ଉପସ୍ଥାପନା ପାଇଁ ତଥ୍ୟ ମାଗିଛନ୍ତି ମୁଖ୍ୟ ଶାସନ ସଚିବ ।

## ଧଉଳିଠାରେ ୩ଟି ବିଳାସପୂର୍ଣ୍ଣ କାରାଭାନ୍ର ଶୁଭାରମ୍ଭ

ଭୁବନେଶ୍ୱର, ୪/୨ (ନି.ପ୍ର): ଆଜି ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଧଉଳିଠାରେ ୩ଟି ବିଳାସପୂର୍ଣ୍ଣ କାରାଭାନ୍ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାରାଭାନ୍ ଟୁରିଜିମ୍ ଯୁବ ପର୍ଯ୍ୟଟକ ଏବଂ ପ୍ରକୃତି ପ୍ରେମୀଙ୍କ ସହ ଦୁଃସାହସିକ ଭ୍ରମଣରେ ଆଗ୍ରହ ରଖୁଥିବା ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ । ଏହା ପର୍ଯ୍ୟଟନ ସହ ବିଳାସମୟ ଯାତ୍ରାକୁ ଯୋଡ଼ିବ । ଭ୍ରମଣ ସମୟରେ ହୋଟେଲର ଆବଶ୍ୟକତାକୁ ମଧ୍ୟ ଏହି କାରାଭାନ୍ ପୂରଣ କରିପାରିବ ।

## ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ୱାଇ ଖେମଚାନ୍ଦ ସିଂହ



ନୂଆଦିଲ୍ଲୀ,୪/୨ : ମଣିପୁର ବିଜେପି ବିଧାୟକ ଦଳ ନେତା ୟୁମନାମ ଖେମଚାନ୍ଦ ସିଂହ ବୁଧବାର ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଜାତିଗତ ବିବାଦ-ପ୍ରପୀଡ଼ିତ ରାଜ୍ୟରେ ପ୍ରାୟ ଏକ ବର୍ଷ ପରେ ରାଷ୍ଟ୍ରପତି ଶାସନ ଶେଷ ହୋଇଛି। ମଣିପୁର ରାଜ୍ୟପାଳ ଅଜୟ ଭଲ୍ଲା ଇମ୍ଫାଲର ଲୋକ ଭବନରେ ଖେମଚାନ୍ଦଙ୍କୁ ଶପଥପାଠ କରାଇଛନ୍ତି। ଏହି ଉତ୍ସବରେ ରାଜ୍ୟର ଅନେକ ବିଜେପି ବିଧାୟକ, ଦଳର ବରିଷ୍ଠ କର୍ମକର୍ତ୍ତା ଓ ଏନ୍ଡିଏର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ବିକଶିତ ଭାରତ ୨୦୪୭ରେ ମଣିପୁର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମଣିପୁରରେ ୩୬ଟି ସମ୍ପ୍ରଦାୟ ଅଛନ୍ତି ଏବଂ ଆମେ ରାଜ୍ୟରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ଆଣିବାକୁ ଆଶା କରୁଛୁ ବୋଲି ଶପଥ ଗ୍ରହଣ ସମାରୋହ ପରେ ସିଂହ କହିଛନ୍ତି। ଫେବ୍ରୁଆରି ୩ ତାରିଖରେ ମଣିପୁର ବିଧାନସଭାର ୪୫ରୁ ଅଧିକ ବିଧାୟକ ମେ ?ତେୟୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ଖେମଚାନ୍ଦଙ୍କୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଗ୍ରହଣ କରିବା ନେଇ ସହମତି ପ୍ରକାଶ କରିଥିଲେ। କ୍ଷମତା ବଣ୍ଟନ ଚୁକ୍ତିର ଏକ ଅଂଶ ଭାବରେ କୁକି ସମ୍ପ୍ରଦାୟର ନେମଚା କିପଗେନଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି। ସେ ମଣିପୁରର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ ହୋଇଥିବା ବେଳେ ଗୋବିନ୍ଦ ଦାସ କନଥୋଜାମ ଗୃହମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ମଣିପୁରରେ ରାଷ୍ଟ୍ରପତି ଶାସନ ପ୍ରଥମେ ଫେବ୍ରୁଆରି ୧୩, ୨୦୨୫ରେ ଲାଗୁ କରାଯାଇଥିଲା ଏବଂ ପରେ ଅଗଷ୍ଟ ୧୩ରେ ଛଅ ମାସ ପାଇଁ ବୃଦ୍ଧି କରାଯାଇଥିଲା।

## ନିରବ ନବୀନଙ୍କ ଛାୟା କ୍ୟାବିନେଟ୍ : ଶାସକ ଦଳକୁ ସୁହାଉଛି ବିରୋଧୀ ବିଜେଡିର ଆଭିମୁଖ୍ୟ



ଭୁବନେଶ୍ୱର, ୪/୨ (ନି.ପ୍ର): ମୋହନଙ୍କ ମନ୍ତ୍ରୀଙ୍କୁ ଜଗିବା ସହ ବିଭାଗରେ ହେଉଥିବା ଦୁର୍ନୀତି ଓ ଦୋଷ ଦୁର୍ବଳତାକୁ ଧରିବାକୁ ବିଜେଡି ବିଧାୟକଙ୍କୁ ବଡ ଦାୟିତ୍ୱ ଦେଇଥିଲେ ନବୀନ । କ୍ୟାବିନେଟ ଷ୍ଟାଇଲରେ ବିଧାୟକଙ୍କୁ ବଣ୍ଟା ଯାଇଥିଲା ବିଭାଗ। ପାଖାପାଖି ଦେଢ ବର୍ଷ ବିତିଗଲାଣି । ହେଲେ ନବୀନଙ୍କ ଛାୟା କ୍ୟାବିନେଟ କେମିତି କାମ କରୁଛି ତାହା କାହାକୁ ଜଣାନାହିଁ । ଏଭଳିସ୍ଥଳେ ଆଗକୁ ବିଧାନସଭା ଅଧିବେଶନ । ବିଜେଡି ସୁପ୍ରିମୋଙ୍କ ନିର୍ଦ୍ଦେଶ କେତେ ପାଳନ କରିଛନ୍ତି ଦଳୀୟ ବିଧାୟକ ତାହା ଗୃହରେ ଜଣାପଡିବ । ଶାସନ କ୍ଷମତାରୁ ଯିବା ପରେ ବିଭାଗୀୟ ତ୍ରୁଟି ବିଚ୍ୟୁତିକୁ ଧରିବାକୁ ଛାୟା କ୍ୟାବିନେଟ

◆◆ପୃଷ୍ଠା ୭

## ଇରାନ ଡ୍ରୋନ୍କୁ ମାରି ଖସାଇଲା ଆମେରିକାର ଲଢୁଆ ବିମାନ

ନୂଆଦିଲ୍ଲୀ,୪/୨ : ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା ଚରମ ସ୍ଥିତିରେ ପହଞ୍ଚିବାରେ ଲାଗିଛି । ଆରବ ସାଗରରେ ଦୁଇ ଦେଶ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିଛି । ଆରବ ସାଗରରେ ମୁତୟନ ତା'ର ଯୁଦ୍ଧ ଜାହାଜ ଆଡ଼କୁ ଆକ୍ରାମକ ଭାବେ ମାଡ଼ି ଆସୁଥିବା ଇରାନର ଏକ ଡ୍ରୋନ୍କୁ ଏହାର ଫାଇଟର ଜେଟ୍ ଗୁଳି କରି ଖସାଇ ଦେଇଥିବା ଆମେରିକା ଦାବି କରିଛି । ଆରବ ସାଗରରେ ମୁତୟନ ଏହାର ବିମାନ ବାହକ ୟୁଏସ୍ଏସ୍ ଆବ୍ରାହମ୍ ଲିଙ୍କନ ଆଡ଼କୁ ମାଡ଼ି ଆସୁଥିବା ଇରାନ ଡ୍ରୋନ୍କୁ ଏହାର ଲଢୁଆ ବିମାନ ଗୁଳି କରି ଖସାଇ ଦେଇଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି । ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ୍ ଲିଭିଟ୍ କହିଛନ୍ତି ଯେ, ଏହି ଘଟଣା ସତ୍ତ୍ୱେ ଆମେରିକାର ରାଷ୍ଟ୍ରଦୂତ ଷ୍ଟିଭ୍ ୱିଟକଫ୍ ଚଳିତ ସପ୍ତାହର ଶେଷ ଭାଗରେ ଇରାନ ସହ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଆମେରିକା ସେନା ସୂଚନା ଅନୁଯାୟୀ, ଇରାନର ଶାହିଦ-୧୩୯ ଡ୍ରୋନ୍ ଆନ୍ତର୍ଜାତିକ ଜଳରାଶିରେ ମୁତୟନ ଆମେରିକା ଯୁଦ୍ଧଜାହାଜ ଆଡ଼କୁ ଆକ୍ରାମକ ଭାବେ ମାଡ଼ି ଆସୁଥିଲା । ଆମେରିକା ସେନା ଦ୍ୱାରା ଚେତାବନୀ ଦିଆଯିବା ସତ୍ତ୍ୱେ ଏହାକୁ ପଛକୁ ହଟି ନଥିଲା ।

## ଜନ୍ମମାଟିକୁ ଚତୁର୍ଥ ଗସ୍ତ କଲେ ମହାମହିମ ରାଷ୍ଟ୍ରପତି

### ହୋଲିଡେ ହୋମ ଉଦ୍‌ଘାଟନ ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ



ବାରିପଦା, ୪/୨ (ନି.ପ୍ର):: ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ୨ ତାରିଖ ଠାରୁ ଓଡିଶା ଗସ୍ତରେ ଥିବା ବେଳେ, ଆଜି ନିଜ ଜନ୍ମମାଟି ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ରେ ପହଞ୍ଚି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଆଜି ସକାଳେ ମହାମହିମ ପୁରି ଶ୍ୱେତଗଙ୍ଗା ଠାରେ ପିଣ୍ଡଦାନ କରି ଶ୍ରୀ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେପରେ ମୟୁରଭଞ୍ଜ ଗସ୍ତରେ ଆସି ଧାର୍ଯ୍ୟ ସମୟ ଦିବା ୧୧.୧୦ ମିନିଟରେ ରାଇରଙ୍ଗପୁର ଦଣ୍ଡବୋଷ ହେଲିପେଡରେ ଅବତରଣ କରିବା ପରେ ସେଠାରୁ ସଡ଼କପଥରେ ରାଇରଙ୍ଗପୁର ସ୍ଥିତ କେନ୍ଦ୍ର ସରକାରଙ୍କ ଦ୍ୱାରା ନବନିର୍ମିତ ହୋଲିଡେ ହୋମ ଅଭିମୁଖେ ଯାତ୍ରାକରି ହୋଲିଡେ ହୋମ ଉଦଘାଟନ କରିଥିଲେ। ପରେ ପରେ ମହାମହିମ ମହୁଲଡିହା ସ୍ଥିତ ସରକାରୀ ଏସଏସଡି ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀ ମାନଙ୍କ ସହ ଭାବ ବିନିମୟ କରିବା ସହ ଭଞ୍ଜବୀର ସୁନାରାମ ସୋରେନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିର ଲୋକାର୍ପଣ କରିଥିଲେ। ଏହାପରେ ମହାମହିମ ରାଷ୍ଟ୍ରପତି ପୁର୍ଣ୍ଣେଶ୍ୱର ମହାଦେବ ମନ୍ଦିର ଦର୍ଶନ ଓ ପୂଜା କରିଥିଲେ। ତିନିଜଣ ପୂଜକ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମହାମହିମ ପୂଜା ପରେ ମନ୍ଦିରରେ ଝାଡୁ ମାରିଥିଲେ। ପ୍ରକାଶ ଥାଉକି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ମହାଦେବ ମନ୍ଦିରରେ ପୂର୍ବରୁ ନିୟମିତ ସେବା ପୂଜା କରୁଥିଲେ। ସେହିପରି ଯେତେବେଳେ ବିଜେପି ତାଙ୍କ ନାମ ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ଘୋଷଣା କରିଥିଲା ସେତେବେଳେ ସେ ଏହି ମନ୍ଦିରରେ ଝାଡୁ ମାରିଥିଲେ। ଯାହାର ଦୃଶ୍ୟ ସେତେବେଳେ ଗଣମାଧ୍ୟମରେ ବେଶ ଚର୍ଚ୍ଚିତ ହୋଇଥିଲା। ପୁର୍ଣ୍ଣେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜା ସାରି ଫେରିବା ବାଟରେ ପ୍ରଟୋକଲ ଭାଙ୍ଗି ପିଲାଙ୍କୁ ଚକଲେଟ ବାଣ୍ଟିଥିଲେ ମହାମହିମ ରାଷ୍ଟ୍ରପତି। ଏହାପରେ ରାଇରଙ୍ଗପୁର ସ୍ଥିତ ବ୍ରହ୍ମାକୁମାରୀ କେନ୍ଦ୍ର କୁ ଯାଇ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରୁ ମହୁଲଡିହା ସ୍ଥିତ ନିଜ ବାସ ଭବନକୁ ଯାଇଥିଲେ। ସେଠାରେ ମଧ୍ୟାହ୍ନ ଭୋଜନ ଓ ବିଶ୍ରାମ ପରେ ଅପରାହ୍ନ ୪ଘଟିକାରେ କଚେରୀ ପଡ଼ିଆରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପୁଣି ହୋଲି ଡେ ହୋମ ଆସି ବିଭିନ୍ନ ବର୍ଗର ଲୋକଙ୍କ ସହ ଭେଟ କରିବା ପରେ ନିଜ ବାସ ଭବନକୁ ପ୍ରତ୍ୟାବର୍ତ୍ତନ କରି ରାତ୍ରି ଯାପନ କରିଥିଲେ। ଆସନ୍ତାକାଲି ଗୁରୁବାର ମହାମହିମ ଘରେ ଜଳଖିଆ କରି ସକାଳ ୯ ଘଟିକାରେ ନିଜ ଶଶୁର ଘର ଗାଁ ପାହାଡ଼ପୁର ଅଭିମୁଖେ ଗସ୍ତ କରିବେ। ଅପରାହ୍ନ ୧ଟା ୧୦ମିନିଟ ସମୟରେ ରାଇରଙ୍ଗପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ପ୍ରସାଦ ସେବନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ବାସ ଭବନକୁ ଫେରି ବିଶ୍ରାମ ନେବେ। ପୁଣି ଅପରାହ୍ନ ୩ଘଟିକାରେ ଦାଣ୍ଡବୋଷ ଆସି ହେଲିକ୍ୟାପ୍ଟର ଯୋଗେ ବାହାରି ଯଶିପୁର ଗସ୍ତ କରି ସେଠାରୁ ସ୍ୱତନ୍ତ୍ର ଗାଡିରେ ସଡ଼କ ପଥରେ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ପ୍ରବେଶ କରିବେ। ଶିମିଳିପାଳ ବୁଲିବା ସହ ଗୁରୁଗୁଡ଼ିଆ ଠାରେ ରାତ୍ର ଭୋଜନ କରି ରାତ୍ରିଯାପନ ମଧ୍ୟ କରିବେ। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କେବଳ ମୟୁରଭଞ୍ଜ ଜିଲ୍ଲାରେ ୪୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ଲୋକସଭା ମୁଲତବୀ: ଭାଷଣ ଦେଇପାରିଲେନି ପ୍ରଧାନମନ୍ତ୍ରୀ

### ରଭନୀତଙ୍କୁ ବିଶ୍ୱାସଘାତକ କହିଲେ ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ,୪/୨ : ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଆଜି ଲୋକସଭାକୁ ସମ୍ବୋଧନ କରିପାରି ନାହାନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜି ଅପରାହ୍ନ ୫ଟାରେ ପ୍ରଧାନମନ୍ତ୍ରୀ ମୋଦି ଲୋକସଭାକୁ ସମ୍ବୋଧନ କରିବାର ଥିଲା। ହେଲେ ଏହାର ଠିକ ପୂର୍ବରୁ ବିରୋଧୀ ଦଳର ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଗୃହ କାର୍ଯ୍ୟ ସ୍ୱାଭାବିକ ସ୍ଥିତିକୁ ଆସି ନ ପାରିବାରୁ ଲୋକସଭାକୁ ମୁଲତବୀ ଘୋଷଣା କରାଯାଇଛି। ଆସନ୍ତାକାଲି ଦିନ ୧୧ଟା ଯାଏ ଲୋକସଭାକୁ ମୁଲତବୀ ଘୋଷଣା କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଆଜି ଭାଷଣ ଦେଇ ପାରି ନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦି ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଜବାବ ଦେବା ପାଇଁ ୫ଟାର ସମୟ ନିର୍ଦ୍ଧାରିତ ଥିଲା। କିନ୍ତୁ ବଜେଟ୍ ଅଧିବେଶନର ଏହି ସମୟରେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ପ୍ରସଙ୍ଗରେ ହଙ୍ଗାମା କରିଥିଲେ। ବିଶେଷ କରି ପୂର୍ବତନ ସେନାଧ୍ୟକ୍ଷ ଜେନେରାଲ୍ ଏମ୍ଏମ୍ ନରଭାଣେଙ୍କ ଅପ୍ରକାଶିତ ଆତ୍ମଜୀବନୀ (ମେମୋଇର)ରୁ ଉଦ୍ଧୃତି ହୋଇଥିବା ଚାଇନା ସହ ଲଦାଖ ସୀମା ବିବାଦ ପ୍ରସଙ୍ଗ ରାହୁଲ ଗାନ୍ଧି ଉଠାଇବାକୁ ଚେଷ୍ଟା କରିଥିଲେ। ସୋମବାର ଠାରୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଏ ପ୍ରସଙ୍ଗରେ

◆◆ପୃଷ୍ଠା ୭

# ଗୋଠଛଡ଼ା ଦନ୍ତା ଆକ୍ରମଣରେ ବିଦ୍ୟୁତ କର୍ମଚାରୀ ଆହତ

ଚମ୍ପୁଆ, ୪/୨ (ନି.ପ୍ର): ଚମ୍ପୁଆରେ ହାତୀ ଆତଙ୍କ ଥମିବାର ନାଁ ଧରୁନାହିଁ। ଦିନକୁଦିନ ଗୋଠ ଛଡା ଦନ୍ତା ହାତୀଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ବନ ବିଭାଗ ହାତୀଙ୍କ ଗତିବିଧି ଜାଣି ପାରୁ ନଥିବାରୁ ନାଚାର ହୋଇ ହାତବାନ୍ଧି ବସିଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ସାଧାରଣ ଜନତା ବାରମ୍ବାର ହାତୀ ଆକ୍ରମଣର ଶିକାର ହେଉଛନ୍ତି। କେତେବେଳେ ହାତୀ ପାଦ ତଳେ ନିରୀହ ମଣିଷଙ୍କ ଜୀବନ ଚାଲି ଯାଉଛି ତ କେତେବେଳେ ଗୁରୁତର ଆହତ ହେଉଛନ୍ତି। ଅନୁରୂପ ଘଟଣା କ୍ରମେ ଆଜି ପତଳା ଜଙ୍ଗଲରେ ଦନ୍ତା ହାତୀ ରହିଥିବା ଖବର, କାହାରି ପାଖରେ ନ ଥିଲା। ଯାହାଦ୍ୱାରା ଆଜି ଦନ୍ତା ଆକ୍ରମଣରେ ଜଣେ ବିଦ୍ୟୁତ କର୍ମଚାରୀ ଆହତ ହୋଇଛନ୍ତି। ଚମ୍ପୁଆ ବନାଚଂଳ ପତଳା ଜଙ୍ଗଲ ପତଳା ଗାଁମୁଣ୍ଡ ରାସ୍ତାରେ ଘଟିଛି ଏହି ଘଟଣା।

ଖବର ଅନୁସାରେ, ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ପତଳା ଗ୍ରାମର ଜିତେନ୍ଦ୍ର ନାଏକ। ସେ ଚମ୍ପୁଆ ବିଦ୍ୟୁତ ବିଭାଗରେ କାର୍ଯ୍ୟ କରନ୍ତି। ଆଜି ସକାଳ ପ୍ରାୟ ୭ ଟା ୧୫ ମିନିଟ ସମୟରେ ଚମ୍ପୁଆ ବିଦ୍ୟୁତ କାର୍ଯ୍ୟାଳୟରେ ରାତି ଡ୍ୟୁଟି ସାରି ନିଜ ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡ ରାସ୍ତାରେ ହଠାତ ଏକ ଦନ୍ତା ହାତୀ ସହିତ ସାମ୍ନାସାମ୍ନି ହେବାରୁ ସେ ଦନ୍ତା ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ଖବର ପାଇ ବନ କର୍ମଚାରୀ ଡାକ୍ତରଖାନାରେ ପହଂଚିଛନ୍ତି । ତେବେ ଗୋଠଛଡା ଦନ୍ତା ହାତୀଙ୍କ ଗତିବିଧି ସମ୍ପର୍କିତ ସଠିକ ସୂଚନା ବନବିଭାଗ ପାଖରେ ରହୁ ନଥିବା ବେଳେ ହାତୀର ଉପସ୍ଥିତି ଅଂଚଳବାସୀ ଜାଣିପାରୁ ନାହାନ୍ତି। ଫଳରେ ଅସମୟରେ ବାରମ୍ବାର ହାତୀ ଆକ୍ରମଣର ଶିକାର ହେଉଛନ୍ତି ଲୋକେ। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

# ଦର୍ଶକଙ୍କ ମନ ମୋହିଲା ସମ୍ବଲପୁରୀ ନାଟକ 'କଥାନୀ ଢଳତି ବେଲାର'

ସମ୍ବଲପୁର, ୪/୨ (ନି.ପ୍ର): ସମ୍ବଲପୁର ନାଟ୍ୟକଳା ପରିଷଦର ନାଟକ 'କଥାନୀ ଢଳତି ବେଲାର' ଭୁବନେଶ୍ୱରରେ ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି । ନାଟକକୁ ମୁଖ୍ୟ ସ୍ରୋତରେ ଆଣିବା ପାଇଁ ତଥା ନାଟ୍ୟ ଦଳ ମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ଠାରେ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଂଗୀତ ନାଟକ ଏକାଡେମିର ମିଳିତ ସହଯୋଗରେ ଓଡିଶାର ବିଭିନ୍ନ ନାଟ୍ୟାନୁଷ୍ଠାନ ମାନଙ୍କୁ ନେଇ 'ନାଟ୍ୟ ଧାରା' ର ଆୟୋଜନ କରିଆସୁଛି । ଏହି କ୍ରମରେ ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପ ଠାରେ ଫେବୃଆରୀ ୧ ରୁ ୩ ତାରିଖ ଯାଏ ତିନୋଟି ନାଟକ ମଞ୍ଚସ୍ଥ ହୋଇଯାଇଛି । ଫେବୃଆରୀ ୨ ତାରିଖରେ ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ସମ୍ବଲପୁରୀ ନାଟକ ' କଥାନୀ ଢଳତି ବେଲାର... ' ମଞ୍ଚସ୍ଥ ହୋଇଯାଇଛି । ବିରୁପାକ୍ଷ ପ୍ରଧାନଙ୍କ ଦ୍ୱାରା ରଚିତ ତଥା ଦିଲୀପ କୁମାର ଦେବଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ପାରିବାରିକ ନାଟକ ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇପାରିଥିଲା । ଓଡିଶା ନାଟ୍ୟ ସଂଘର ସମ୍ପାଦକ ଡଃ. ସୁଧାଂଶୁ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ଆକାଶବାଣୀ କେଉଁଝରର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ କୃତିବାସ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟକ, କଳାକାର ଓ ଆକାଶବାଣୀର ସମ୍ପର୍କ ବିଷୟ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ଗୋବିନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପିତୃଦେବ ଭବ ଓ ମାତୃଦେବ ଭବ ଭଳି ମହାନ ଚିନ୍ତନ ଆମ ଭାରତୀୟ ସଂସ୍କୃତିରେ ଥିଲେ ମଧ୍ୟ, ତାହା ଆଜିର ଦିନରେ କୁଆଡେ ଲୁଚି ଯାଇଛି କ୍ଷ ଯେଉଁ ଯଶୋଦାର କୋଳରେ ଗେଲବସରରେ ବଢିଥିବା କାହ୍ନା ପରି ପୁଅ ଝିଅମାନେ ଭୁଲି ଯାଉଛନ୍ତି ନିଜର ବାପା ମାଆ ମାନଙ୍କୁ । ପରିସ୍ଥିତିର ଜୀବନର ଢଳତି ବେଳାରେ ସେମାନେ ବାଧ ହୋଇ ଜରାଶ୍ରମର ଅନ୍ତେବାସୀ ନିଯାଉଛନ୍ତି । ଶେଷରେ ପରିବାରର ସ୍ନେହ ଆଦର ହଜିଯାଉଛି । ଶ୍ୟାମଳୀ ପରି ନାତି ନାତୁଣୀ ମାନେ ଖୋଜି ବୁଲୁଛନ୍ତି ଅଜା ଆଈଙ୍କର ଅନାବିଳ ସ୍ନେହ । ହେଲେ ସମୟ ଗଡ଼ିଗଲା ପରେ ଆଉ ଫେରି ଆସେନି... ଏମିତି ଏକ ପାରିବାରିକ ସମ୍ପର୍କର କାହାଣୀକୁ ନେଇ ଆଧାରିତ ନାଟକ ' କଥାନୀ ଢଳତି ବେଲାର ' ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପ ପ୍ରେକ୍ଷାଳୟ ଦୀର୍ଘ ସମୟ ପାଇଁ ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା । ଏହି ଆବେଗଭରା ନାଟକର ଚରିତ୍ର ସାଥିରେ କିଛି ସମୟ ପାଇଁ ଦର୍ଶକମାନେ ଏକାକାର ହୋଇ ଖୋଜି ବୁଲିବାକୁ ବାଧ୍ୟ ହୋଇଥିଲେ ନିଜ ଚରିତ୍ରକୁ । ପ୍ରକୃତରେ ପରିବାର ଭିତରେ ଆଜିର ମଣିଷ ହଜେଇ ଦେଲାଣି ସେଇ ଅତୀତର ପ୍ରେମ ଓ ସ୍ନେହର ଆତ୍ମୀୟତା ଭାବକୁ । 'କଥାନୀ ଢଳଟି ବେଲାର' ନାଟକରେ ଭରପୁର ନାଟକୀୟ ଅଙ୍ଗକୁ ଖୁବ ସୁନ୍ଦର ଭାବରେ ଅଭିନେତା ଅଭିନେତ୍ରୀ ଓ ନିର୍ଦ୍ଦେଶକ ଉପସ୍ଥାପନା କରିବାରେ ସଫଳ ହୋଇପାରିଥିଲେ । ରବୀନ୍ଦ୍ର ପଣ୍ଡାଙ୍କ ସୁମଧୁର ସଂଗୀତ ଓ ସୂର୍ଯ୍ୟ ପାଣିଗ୍ରାହୀଙ୍କର ଆଲୋକ ସମ୍ପାତ ନାଟକକୁ ଆହୁରି ଉପଭୋଗ୍ୟ କରିପାରିଥିଲା । କୁନି ଝିଅ ଶ୍ୟାମଳୀ ଚରିତ୍ରରେ ଶ୍ୟାମଳୀ ପତି ଓ ଜୀବନର ଢଳତି ବେଲାର ଚରିତ୍ର ଯଶୋଦା ଭୂମିକାରେ ସଂଯୁକ୍ତା ପଣ୍ଡାଙ୍କର ଅଭିନୟ ଖୁବ ମନଛୁଆଁ ହୋଇଥିବା ବେଳେ କାହାଣୀର ପ୍ରତିଟି ଚରିତ୍ର ଦର୍ଶକଙ୍କର ହୃଦୟକୁ ଛୁଇଁ ପାରିଥିଲା । ସମ୍ବଲପୁରୀ ଭାଷାର ଏହି ନାଟକ ଆବେଗଭରା କଥାବସ୍ତୁଟି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗେଇ ପାରିଥିଲା ବୋଲି କୁହାଯାଇପାରେ ।

# ବନ୍ୟପ୍ରାଣୀ, ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବିକା ପାଇଁ ଏକ ବଡ଼ ସଙ୍କଟ ହେଉଛି ବନାଗ୍ନି

ଭୁବନେଶ୍ୱର, ୪/୨ (ନି.ପ୍ର): ରାଜ୍ୟରେ ଆସନ୍ତା ବନାଗ୍ନି ଋତୁକୁ ସଫଳତାର ସହ ମୁକାବିଲା କରିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ 'ଅରଣ୍ୟ ଭବନ'ଠାରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଡ କେ. ମୁରୁଗେସନଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କାର୍ତ୍ତିକ ଭି., ସି.ଏଫ୍, ପି ଏଣ୍ଡ ଏସ୍ ଏମ୍ ଉପସ୍ଥିତ ରହି ବନାଗ୍ନିର ପ୍ରଭାବ ଏବଂ ଏହାର ପ୍ରତିକାର ପାଇଁ ବିଭାଗ ଗ୍ରହଣ କରିଥିବା ବୈଷୟିକ ଓ କ୍ଷେତ୍ରସ୍ତରୀୟ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବନାଗ୍ନି କେବଳ ଜଙ୍ଗଲ ନୁହେଁ, ବରଂ ବନ୍ୟପ୍ରାଣୀ ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ପାଇଁ ଏକ ବଡ଼ ସଙ୍କଟ ବୋଲି




ବୈଠକରେ ମତପ୍ରକାଶ ପାଇଛି। ଗତବର୍ଷର ପରିସଂଖ୍ୟାନ ଅନୁଯାୟୀ, ଓଡ଼ିଶାରେ ପ୍ରାୟ ୨୯,୭୦୯ଟି ବନାଗ୍ନି ସ୍ଥଳ ଚିହ୍ନଟ ହୋଇଥିଲା। ଶୁଷ୍କ ପାଗ ଏବଂ ଜଙ୍ଗଲରେ ସଞ୍ଚିତ ଶୁଖିଲା ପତ୍ର ସାଙ୍ଗକୁ ମାନବଜନିତ ଅବହେଳା ଯୋଗୁଁ ଏହି ଅଘଟଣମାନ ଘଟିଥିଲା। ତଥାପି, ଉପଗ୍ରହ ଆଧାରିତ ସତର୍କ ସୂଚନା ଏବଂ ବନ କର୍ମଚାରୀଙ୍କ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ପ୍ରାୟ ୯୯.୭ ପ୍ରତିଶତ ଘଟଣାକୁ ନିୟନ୍ତ୍ରଣ କରାଯାଇ କ୍ଷତିର ପରିମାଣକୁ ସର୍ବନିମ୍ନ କରାଯାଇଥିଲା। ଏହି ସଫଳତାକୁ ଆଧାର କରି ଚଳିତ ବର୍ଷ ରାଜ୍ୟର ସମସ୍ତ ଜିଲ୍ଲା ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ଜଙ୍ଗଲ ମଧ୍ୟରେ ନିଆଁର ବ୍ୟାପ୍ତିକୁ ରୋକିବା ପାଇଁ ପ୍ରାୟ ୨୦,୪୬୧ କିଲୋମିଟର ଦୈର୍ଘ୍ୟର ଅଗ୍ନିରୋଧକ ରେଖା ସୃଷ୍ଟି କରାଯାଇଛି। ବନାଗ୍ନି ମୁକାବିଲା ପାଇଁ ଏହି ବର୍ଷ ବୈଷୟିକ କୌଶଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରାରମ୍ଭିକ ସ୍ତରରେ ନିଆଁକୁ ଚିହ୍ନଟ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ସଂଚାଳିତ କ୍ୟାମେରା ଏବଂ ଡ୍ରୋନ୍ ବ୍ୟବହାର କରାଯାଉଛି। ଏଥିସହିତ ବିଭିନ୍ନ ରେଞ୍ଜ ଏବଂ ବିଟ୍ ସ୍ତରରେ ୩୩୪ଟି ସ୍ୱତନ୍ତ୍ର ସୁରକ୍ଷା ଦଳ ମୁତୟନ ହୋଇଛନ୍ତି, ଯେଉଁମାନଙ୍କୁ ୫,୦୦୦ରୁ ଅଧିକ ଲିଫ୍ ବ୍ଲୋଅର୍ ଓ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ସାମଗ୍ରୀ ଯୋଗାଇ ଦିଆଯାଇଛି। କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ୬୩୧ରୁ ଅଧିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ପ୍ରାୟ ୨୦୦ ଜଣ ଏନଡିଆରଏଫ କର୍ମଚାରୀଙ୍କୁ ମଧ୍ୟ ବନାଗ୍ନି ପ୍ରତିରୋଧ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଶେଷରେ, ବନ ବିଭାଗ ପକ୍ଷରୁ ସ୍ଥାନୀୟ ସମୁଦାୟ ଏବଂ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସହଯୋଗ ପାଇଁ ନିବେଦନ କରାଯାଇଛି। ବନ ସୁରକ୍ଷା ସମିତି ଏବଂ ଇକୋ-ଡିଭେଲପମେଣ୍ଟ କମିଟି ମାଧ୍ୟମରେ ପ୍ରାୟ ୩୩୬ଟି ଗ୍ରାମରେ ସଚେତନତା ସୃଷ୍ଟି କରାଯାଉଛି। ଜଙ୍ଗଲରେ ଅସାବଧାନତା ବଶତଃ ନିଆଁ ନ ଲଗାଇବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି, କାରଣ ସାଧାରଣ ଜନତାଙ୍କ ସକ୍ରିୟ ସହଭାଗିତା ବିନା ଏହି ପ୍ରାକୃତିକ ସମ୍ପଦର ସୁରକ୍ଷା ସମ୍ଭବ ନୁହେଁ।

# ମଦ୍ୟପ ଡ୍ରାଇଭରଙ୍କ ଉନ୍ମତ୍ତ କାଣ୍ଡ: ୫ରୁ ଅଧିକ ଦୋକନ ଉପରେ ଚଢ଼ିଗଲା ହାଇୱା

ଭୋଗରାଇ, ୪/୨ (ନି.ପ୍ର): ମଦ୍ୟପ ହାଇୱା ଡ୍ରାଇଭରଙ୍କ ଉନ୍ମତ୍ତ କାଣ୍ଡ। ଭୋଗରାଇ ବ୍ଲକ ଚୌକି ହାଟରେ ୫ ରୁ ଅଧିକ ଦୋକନ ଉପରେ ଚଢ଼ିଗଲା ହାଇୱା। ଘଟଣା ସ୍ଥଳରେ ଚାପା ଉତ୍ତେଜନା ପରେ ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ହୋଇଥିଲା। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ଚୌକି ହାଟ ଠାରେ ଛିଡ଼ା ହୋଇଥିବା ହାଇୱା ଗାଡ଼ି ଡ୍ରାଇଭରଙ୍କ ଉନ୍ମତ୍ତ କାଣ୍ଡ ପାଇଁ ବଡ଼ ଅଘଟଣ ଦେଖିବା ପାଇଁ ମିଳିଛି। OD-22-W 3202 ନମ୍ବର ଏକ ହାଇୱା ଗାଡ଼ି ଡ୍ରାଇଭର ମଦ୍ୟପାନ କରି ଗୋଟିଏ ଅଟୋ ସହିତ ୫ଟି ଦୋକାନ ଭାଙ୍ଗି ଦେଇଛି। ତାହା ସହିତ ମାର୍କେଟ



ନିକଟରେ ଗୁରୁବାର ହେବାକୁ ଥିବା ହିନ୍ଦୁ ସମ୍ମିଳନୀ ପାଇଁ ବନ୍ଧା ଯାଇଥିବା ଗେଟକୁ ଭାଙ୍ଗି ଚୁରମାର କରିଦେଇଛି। ଯାହାକୁ ନେଇ ସ୍ଥାନୀୟ ଲୋକ ଓ ଦୋକାନୀମାନେ ଗାଡ଼ିଟିକୁ ଅଟକାଇବା ପାଇଁ ବହୁ ଚେଷ୍ଟା କରିଥିଲା ପରେ ଡ୍ରାଇଭରଙ୍କୁ କାବୁ କରିଥିଲେ। ଏ ନେଇ ଭୋଗରାଇ ପୁଲିସକୁ ଖବର ଦେବାପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଥାନାକୁ ନେବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ନ ଛାଡ଼ି କ୍ଷତିପୂରଣ ପାଇଁ ପ୍ରବଳ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପୁଲିସ ଓ ଜନସାଧାରଣଙ୍କ ଭିତରେ କଥା କଟାକଟି ହୋଇଥିଲା। ପରିଶେଷରେ ପୁଲିସ ଦୋଷୀ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ କ୍ଷତି ହୋଇଥିବା ଦୋକାନୀଙ୍କୁ ନ୍ୟାୟ ଦିଆଯିବ ବୋଲି କହିବା ପରେ ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ପୁଲିସକୁ ଦେଇଥିଲେ।

# ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସରେ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୪/୨ (ନି.ପ୍ର): ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ମାନର ପ୍ରତୀକ ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତୀୟତାର ଜନକ ତଥା ନବଜାଗରଣର ପ୍ରବର୍ତ୍ତକ । ତାଙ୍କରି ଉତ୍ସର୍ଗୀକୃତ କାର୍ଯ୍ୟ ଯୋଗୁଁ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ହୋଇଥିଲା । ଧୈର୍ଯ୍ୟ-ସହିଷ୍ଣୁତା, ସଂଗ୍ରାମ-ସାଧନାକୁ ପାଥେୟ କରି ଜାତିପ୍ରେମ ବହ୍ନି ପ୍ରଜ୍ୱଳିତପୂର୍ବକ ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ମଧୁବାବୁ ସଦା ଚେଷ୍ଟିତ ଥିଲେ। ସମାଜ, ସାହିତ୍ୟ, ଶିକ୍ଷା, ଅର୍ଥନୀତି ଓ ରାଜନୀତି ଆଦି ବିଭିନ୍ନ କ୍ଷେତ୍ରରେ ଏହି ଜନନାୟକଙ୍କର ପ୍ରେରଣା ଉତ୍କଳୀୟ ଜୀବନରେ ନବସୂର୍ଯ୍ୟୋଦୟ ସମ୍ଭବ କରାଇଥିଲା । ଯଥାର୍ଥରେ ଉତ୍କଳ ମାଟିର ଯୋଗ୍ୟତମ ସନ୍ତାନ, ଉତ୍କଳୀୟ



ଜାତୀୟତାର ମନ୍ତ୍ରଦାତା, ଶତାବ୍ଦୀର ସୂର୍ଯ୍ୟ ଉତ୍କଳଗୌରବ ମଧୁସୂଦନ ଦାସ ପ୍ରତ୍ୟେକ ଓଡ଼ିଆ ପାଇଁ ଚିରବନ୍ଦନୀୟ। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଲୋକଭବନ ଛକରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ବିଭାଗ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥଳରେ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି । ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରୁବୀର ସିଂ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମୋଦିନୀ ଟେଟେ, ଲୋକସମ୍ପର୍କ ଅଧିକାରୀ ଏମ୍. ଅଭିଷେକ ତଥା ଅନ୍ୟାନ୍ୟ ବରେଣ୍ୟ ଅତିଥିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ନିବେଦନ କରିଥିଲେ ।

# ମାଲ୍ୟବନ୍ତ ମହୋତ୍ସବ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ : ୩୫ ଲିଟର ମଦ ଜବତ, ଜଣେ ଗିରଫ

ମାଲକାନଗିରି, ୪/୨ (ନି.ପ୍ର): ଜିଲ୍ଲାର ସାଂସ୍କୃତିକ ଗଣପର୍ବ 'ମାଲ୍ୟବନ୍ତ ମହୋତ୍ସବ' ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ମହୋତ୍ସବର ତୃତୀୟ ଦିନରେ ମଦ ବିକ୍ରି ଓ ଚାଲାଣ ବିରୋଧରେ ଲଗାତାର ଅଭିଯାନ ଚାଲିଛି। ଗତକାଲି ରାତିରେ ଏମଭି-୭୯ ଥାନା ଅଂଚଳରେ ପୋଲିସ ଚେକିଂ ସମୟରେ ପ୍ରାୟ ୩୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ତାଣ୍ଡବାଇ ଗାଁର ଏରା ସୋଡି ନାମକ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ କେସ୍ ନମ୍ବର ୨୧/୨୦୨୬ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଏମଭି ୭୯ ଥାନାର ଏସଆଇ ଶ୍ରୀଚନ୍ଦନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ତାଣ୍ଡବାଇ ଅଂଚଳରେ ଅବୈଧ ମଦ ବିକ୍ରି ସମ୍ବନ୍ଧୀୟ ଗୁପ୍ତ ସୂଚନା ପାଇ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ଠାରୁ ୩୫ ଲିଟର ମଦ ଜବତ କରାଯାଇଥିଲା।

ଏହା ପୂର୍ବରୁ କାଲିମେଲା ଥାନା ଅଂଚଳରେ ମଧ୍ୟ ମଦ ଚୋରାଚାଲାଣ ଅଭିଯୋଗରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଦୁଇ ଥାନା ଅଂଚଳରେ ଲଗାତାର ଚାଲିଥିବା ଏହି କାର୍ଯ୍ୟାନୁଷ୍ଠାନ ମହୋତ୍ସବ ସମୟରେ ମଦ ବ୍ୟବସାୟ ଉପରେ ପ୍ରଶାସନର କଡ଼ା ନଜରକୁ ସ୍ପଷ୍ଟ କରୁଛି। ମହୋତ୍ସବକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଜାନୁଆରୀ ୨୯ ତାରିଖରୁ ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ଏହାସହ ଜିଲ୍ଲା ସୀମା ବାହାରୁ ମଦ ପ୍ରବେଶ, ସଂଗ୍ରହ ଓ ସରବରାହ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରାଯାଇଛି।

ସୂଚନାଯୋଗ୍ୟ ଯେ, ମଦ ବନ୍ଦ ହେବାର ସୂଚନା ପୂର୍ବରୁ ମିଳିଥିବାରୁ କିଛି ଗ୍ରାମାଚଂଳର ମଦ ବ୍ୟବସାୟୀ ଆଗରୁ ଅଧିକ ପରିମାଣରେ ମଦ କିଣି ମହଜୁଦ ରଖିଥିବା ସୂଚନା ମିଳିଛି। ବର୍ତ୍ତମାନ ସେହି ମଦକୁ ଅଧିକ ଦରରେ ଗୁପ୍ତ ଭାବେ ବିକ୍ରି କରାଯାଉଥିବା ଅଭିଯୋଗ ଉଠିଛି। ଏନେଇ ପୋଲିସ ଆହୁରି କଡ଼ା ଯାଞ୍ଚ୍ କରି ଏପରି ଅବୈଧ କାରବାରକୁ ବନ୍ଦ କରିବାର ଆବଶ୍ୟକତା ରହିଛି।

ସୂତ୍ରରୁ ପ୍ରକାଶ ଯେ, ମାଲ୍ୟବନ୍ତ ମହୋତ୍ସବ ଫେବୃଆରୀ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଡିଏନକେ ଗ୍ରାଉଣ୍ଡରେ ଅନୁଷ୍ଠିତ ହେଉଛି। ରାଜ୍ୟର ବିଭିନ୍ନ ସ୍ଥାନରୁ କଳାକାର ଓ ଦର୍ଶକଙ୍କ ଭିଡ଼ ଜମୁଥିବାରୁ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି।

ଗତ ବର୍ଷ ମହୋତ୍ସବ ସମୟରେ ସୃଷ୍ଟି ହୋଇଥିବା ଅଶାନ୍ତିଜନକ ପରିସ୍ଥିତି, ବିଶେଷକରି ଏମଭି-୨୬ ଗ୍ରାମର ହିଂସାତ୍ମକ ଘଟଣା ପରେ ପ୍ରଶାସନ ଏଥର ଅଧିକ ସତର୍କତା ଅବଲମ୍ବନ କରିଛି। ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ମହୋତ୍ସବ ସମୟରେ ମଦ ବିକ୍ରି, ସରବରାହ, ସେବନ କିମ୍ବା ଶାନ୍ତିଶୃଙ୍ଖଳା ଭଙ୍ଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କଠୋର ପଦକ୍ଷେପ ନିଆଯିବ। ଆବଶ୍ୟକ ହେଲେ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଲାଗୁ କରାଯିବାକୁ ମଧ୍ୟ ଚେତାବନୀ ଦିଆଯାଇଛି ।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଯୋଗୁଁ ପ୍ରବାସୀ ଶ୍ରମିକ ହେବାରୁ ରକ୍ଷା ପାଇଲେ ମେଧାବୀ ଛାତ୍ର ରତିକାନ୍ତ

ନୂଆପଡ଼ା, ୪/୨ (ନି.ପ୍ର): ଦାରିଦ୍ର୍ୟତା ଓ ପରିସ୍ଥିତିର ଚାପରେ ପ୍ରବାସୀ ଶ୍ରମିକ ହେବାକୁ ବାଧ ହେଉଥିବା ଜଣେ ମେଧାବୀ ଛାତ୍ରଙ୍କ ଉଚ୍ଚଶିକ୍ଷା ସ୍ୱପ୍ନକୁ ଆଜି ପୁନର୍ଜୀବନ ଦେଇଛନ୍ତି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ। କୋମନା ବ୍ଲକ୍ ର ନୂଆଗାଁ ଗ୍ରାମପଂଚାୟତ ଅନ୍ତର୍ଗତ ସାଲେଭଟା ଗ୍ରାମର ରତିକାନ୍ତ ଜଗତ ୨୦୨୪ ମସିହାରେ ମହାମାୟା ଇନଷ୍ଟିଚ୍ୟୁଟ୍, ନୂଆପଡ଼ାରୁ ଯୁକ୍ତ ୨ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିଲେ। ମେଧାବୀ ଛାତ୍ର ହୋଇଥିଲେ ମଧ୍ୟ ପରିବାରର ଆର୍ଥିକ ଅବସ୍ଥା ତାଙ୍କ ଶିକ୍ଷା ପଥରେ ବଡ଼ ବାଧା ସୃଷ୍ଟି କରିଥିଲା। ତାଙ୍କ ପିତା ରୋହିତ କୁମାର ଜଗତ ଜଣେ 'ଯୋଗାଣ ସହାୟକ' ଭାବେ କାର୍ଯ୍ୟରତ ଥିଲେ। କିନ୍ତୁ, ଏକ ଗୋଡ ଅଚଳ ହୋଇଯିବା ପରେ ସେ ଚାକିରି ହରାଇଥିଲେ। ଫଳସ୍ୱରୂପ ପରିବାରର ଆର୍ଥିକ ସ୍ଥିତି ଗଭୀର ଭାବେ ଅବନତି ହୋଇଥିଲା। ଉଚ୍ଚ ଶିକ୍ଷା ପାଇଁ ଆବଶ୍ୟକ ଅର୍ଥ ନଥିବାରୁ ଏବଂ ପରିବାର ପ୍ରତିପୋଷଣ ପାଇଁ ରତିକାନ୍ତ ଅନ୍ୟ ରାଜ୍ୟକୁ ପ୍ରବାସୀ ଶ୍ରମିକ ଭାବେ ଯିବାର ଯୋଜନା କରୁଥିଲେ। ଆଶାର ଶେଷ ଆଲୋକ ହେଲା ଜିଲ୍ଲାପାଳଙ୍କ ଜନଶୁଣାଣୀ। କିଛି ଦିନ ପୂର୍ବରୁ, ପରିବାର ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଉପସ୍ଥିତ ହୋଇ ନିଜ ଦୁଃଖ କଥା ରଖିଥିଲେ। ସେତେବେଳେ ଜିଲ୍ଲାପାଳ ରେଡକ୍ରସ୍ ପାଣ୍ଠିରୁ ପରିବାରକୁ ୧୦ ହଜାର ଟଙ୍କା ସହାୟତା ଦେଇଥିଲେ। ସୋମବାର ସଦ୍‌ଭାବନା ସଭାଗୃହରେ ହୋଇଥିବା ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ପୁନର୍ବାର ପରିବାର ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖ ଏବଂ ଅସହାୟତା ପ୍ରକାଶ କରିଥିଲେ । ପରିବାର ଚଳାଇବା ପାଇଁ ପୁଅ ତାମିଲନାଡୁ ଯିବା ପାଇଁ ବାଧ ହେଉଛି ବୋଲି କହିଥିଲେ । ଛାତ୍ରଙ୍କ ଭବିଷ୍ୟତ ଚିନ୍ତା କରି ଜିଲ୍ଲାପାଳ ମହାମାୟା ଇନଷ୍ଟିଚ୍ୟୁଟର ନିର୍ଦ୍ଦେଶକଙ୍କ ସହ ତୁରନ୍ତ ଆଲୋଚନା କରି ରତିକାନ୍ତଙ୍କ ପାଇଁ ବିଏସସି ପାଠ୍ୟକ୍ରମରେ ତାଙ୍କୁ ଭର୍ତ୍ତି କରିବା ନେଇ ସୁନିଶ୍ଚିତ କରିଥିଲେ। ବୁଧବାର କଲେଜରେ ଭର୍ତ୍ତି ସମ୍ପର୍କିତ ସମସ୍ତ ବ୍ୟବସ୍ଥା କରିବାକୁ ଡେପୁଟୀ କଲେକ୍ଟରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ, କୋମନା ବିଡିଓଙ୍କୁ ରୋହିତ ଜଗତଙ୍କ ୨.୫ ବର୍ଷର ବକେୟା ଦରମା ମିଳିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ଆମ ଦୁଃଖ ଜାଣି ଜିଲ୍ଲାପାଳ ତୁରନ୍ତ ମହାମାୟା ଇନଷ୍ଟିଚ୍ୟୁଟ୍ ର ନିର୍ଦ୍ଦେଶକଙ୍କୁ ଫୋନ୍ କରି ମୋ ପୁଅର ଉଚ୍ଚ ଶିକ୍ଷା ବ୍ୟବସ୍ଥା କରିଦେଲେ। ଆଜି ମୋ ପୁଅର ଭବିଷ୍ୟତ ସୁରକ୍ଷିତ ହୋଇଛି ବୋଲି କହିଛନ୍ତି ପିତା ରୋହିତ କୁମାର ଜଗତ। ସେହିପରି ଆଜି ଜିଲ୍ଲାପାଳ କୋଟେନଚୁଆଁ ଗାଁ ର ଜଣେ ୧୦ମ ଶ୍ରେଣୀ ମେଧାବୀ ଛାତ୍ରୀ ଅଙ୍କିତା ଅଗରିଆଙ୍କ ଘରକୁ ଯାଇ ତାଙ୍କୁ ପାଠପଢ଼ା ସମ୍ପର୍କରେ ପରାମର୍ଶ ଦେବା ସହିତ ବୋର୍ଡ ପରୀକ୍ଷାରେ ଉତମ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ଦେଇଥିଲେ।

# ସେଲ୍ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍ ୨୦୨୫-୨୬ରେ ଆରଏସପି ଦଳର ଉଜ୍ଜ୍ୱଳ ପ୍ରଦର୍ଶନ

ରାଉରକେଲା, ୪/୨ (ନି.ପ୍ର): ଜାନୁଆରୀ ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ଦୁର୍ଗାପୁର ଇସ୍ପାତ କାରଖାନା (ଆଇଏସପି) ଦ୍ୱାରା ଆୟୋଜିତ, ସେଲ୍ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍ ୨୦୨୫-୨୬ରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଉଭୟ ପୁରୁଷ ଏବଂ ମହିଳା ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି। ଏହି ଚାମ୍ପିଅନସିପରେ ଆରଏସପି ମହିଳା ବ୍ୟାଡମିଣ୍ଟନ୍ ଦଳ ଚମ୍ପିୟାନ ଟାଇଟଲ ହାସଲ କରିଥିବାବେଳେ ପୁରୁଷ ଦଳ କାଂସ୍ୟ ପଦକ ହାସଲ କରିଛନ୍ତି। ମହିଳା ଦଳରେ ପିଡ଼ି



ବିଭାଗର ଜିଏମ ସୁଶ୍ରୀ ଶାନ୍ତି କୁମାରୀ, ନୂତନ ପ୍ଲେଟ ମିଲ ବିଭାଗର ମ୍ୟାନେଜର ସୁଶ୍ରୀ ନିବେଦିତା ବେହେରା, ହଟ୍ ଷ୍ଟ୍ରିପ୍ ମିଲ୍-୨ ର ସିନିୟର ମ୍ୟାନେଜର ସୁଶ୍ରୀ ରୀତା ମୁର୍ମୁ ଏବଂ ପିପି ଆଣ୍ଡ ସି ବିଭାଗର ଏମଟି-ଟି ସୁଶ୍ରୀ କେ ଶ୍ରାବଣୀ ସାମିଲ ଥିଲେ। ଫାଇନାଲରେ ଆରଏସପି ମହିଳା ଦଳ ବୋକାରୋ ମହିଳା ଦଳକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲା।

ସେହିପରି, ପୁରୁଷ ଦଳରେ ନୂତନ ପ୍ଲେଟ ମିଲ ବିଭାଗର ଏଜିଏମ୍ ଶ୍ରୀ ଆର ନବୀନ, ସିଓଏଣ୍ଡସିସି ବିଭାଗର ଏଜିଏମ୍ ଶ୍ରୀ ପିଏନଏମଓ୍ୱାଇ ସ୍ୱାମୀ, ଟିଏଣ୍ଡଆରଏମ ବିଭାଗର ଇଞ୍ଜିନିୟରିଂ ଆସୋସିଏଟ୍ ମହମ୍ମଦ ଏମ୍ ରସିଦ ଏବଂ ବିଏଫ ବିଭାଗର ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ଟି କେ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ଏହି ଦଳ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟକୁ ପରାସ୍ତ କରି କାଂସ୍ୟ ପଦକ ହାସଲ କରିଥିଲା।

## ଧାରାବାହିକ:

ଭାଗ-୩୧

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



ଡ. ଶ୍ରୀହରି ପଣ୍ଡା



### ୬୫ ଅଧ୍ୟାୟ ( ଶ୍ରୀ ବଳରାମଙ୍କ ଗୋପପୁର ଗମନ)

ଶ୍ରୀଶୁକଦେବ କହିଲେ, ହେରାଜା, ଏକ ଦିନ ପ୍ରଭୁ ବଳରାମ, ନନ୍ଦ, ଯଶୋଦା, ବାଲ୍ୟବନ୍ଧୁମାନଙ୍କୁ ଶଙ୍ଖୋଳିବା ନିମିତ୍ତ ଗୋପପୁରକୁ ଗଲେ । ଗୋପୀ ଗୋପାଳମାନେ ବଳରାମଙ୍କ ଆଗମନ ସମ୍ବାଦ ପାଇ ସୁଗନ୍ଧ ଦ୍ରବ୍ୟ ଓ ନାନା ଉପହାରମାନ ଧରି ନନ୍ଦମନ୍ଦିରକୁ ଆସିଲେ । ବଳରାମ ସେମାନଙ୍କ ସହିତ ମିଳିତ ହୋଇ ଅତ୍ୟନ୍ତ ଆନନ୍ଦିତ ହେଲେ । ନନ୍ଦ ଯଶୋଦା ବଳରାମଙ୍କୁ କୋଳରେ ବସାଇ ଅତୀତକୁ ସ୍ମରଣ କରି ଅଶ୍ରୁ ମୁଞ୍ଚନ କଲେ । ତାଙ୍କୁ ନିବିଡ ଆଲିଙ୍ଗନ କରି ମୁଖ ଚୁମ୍ବନ କରି ଗଦଗଦ କଣ୍ଠରେ କହିଲେ, ବାବୁରେ ! ତୁମେ ଦୁଇ ଭାଇ ବ୍ରହ୍ମାଣ୍ଡର ଈଶ୍ୱର । କେତେ ଜନ୍ମ ତପସ୍ୟାର ଫଳ ସ୍ୱରୂପ ଆମେ ତୁମକୁ ପୁତ୍ର ରୂପେ ପ୍ରାପ୍ତ ହୋଇଥରଲୁ । ବୃଦ୍ଧ ବୟସରେ ଆମକୁ ନିରାଶ କରି ଆମର କୋଳ ଖାଲି କରି ଚାଲିଗଲ । ତୁମେ ଦୁହେଁ ତ ଆମର ଦୁଇ ଆଖି ସଦୃଶ, ତୁମେ ଗଲାଠାରୁ ଆଖି ହରାଇ ଏ ବୃଦ୍ଧବୃଦ୍ଧା ଦୁଇ ପ୍ରାଣୀ କେବଳ ଯାହା ଜୀବନ ଧରି ବଞ୍ଚିଛୁ । ଏ ବୃଦ୍ଧ ବୟସରେ ତୁମେ ଦୁହେଁ ହିଁ ଆମର ଶରଣ । ଗୋପପୁରର ବାଲ୍ୟବନ୍ଧୁମାନେ ଆସି ଅତି ଆନନ୍ଦରେ ବଳରାମଙ୍କୁ ଆଲିଙ୍ଗନ କଲେ । ବଳରାମବୃଦ୍ଧ ଗୋପାଳଙ୍କ ଚରଣରେ ନମସ୍କାର କଲେ । ଚିରଞ୍ଜିବୀ ହୁଅ ବୋଲି ସମସ୍ତେ ଆଶୀର୍ବାଦ କରିବା ସହ ବଳରାମଙ୍କୁ କୋଳାଗ୍ରତ କଲେ । ପରେ ଗୋପୀମାନେ ବଳରାମଙ୍କୁ ମଣୋହିରେ ବସାଇ କ୍ଷିରପାୟସ ସହ ସୁମିଷ୍ଟ ଭୋଜନରେ ଆପ୍ୟାୟିତ କଲେ । ପରେ ସୁକୋମଳ ଶଯ୍ୟାରେ ବିଶ୍ରାମ କରାଇ ସାଶ୍ରୁ ନୟନରେ ପ୍ରଭୁ ଶ୍ରୀକୃଷ୍ଣଙ୍କ କୁଶଳ ଜିଜ୍ଞାସା କଲେ । ବାବା ବଳରାମ ତୁମେ ଦୁହେଁ ମଧୁଭୁବନ ଗଲା ଦିନୁ ଆମର ମନ ତୁମ ସହ ଯାଇଛି କେବଳ ମାତ୍ର ଶରୀର ପଡିରହିଛି । ସଂସାରର ସମସ୍ତ ଉପଭୋଗ ଭୋଜନ, ପରିତ୍ୟାଗ କରିବା ସହ ଶାନ୍ତିରେ ଶୟନ କରିପାରୁନାହୁଁ । ଯାହାହେଉ ଆମର ପରମ ସୌଭାଗ୍ୟ ଯେ ତୁମ ଦୁହିଁଙ୍କ ହାତରେ କଂସ ଓ ତାର ଦୃଷ୍ଟ ଅନୁଚରମାନେ ବିନାଶ ହେଲେ ଏବଂ ଅବନୀର ଭାରା ଉଶ୍ୱାସ ହେଲା । ଆମର ପ୍ରାଣ ତୁଲ୍ୟ ତୁମେ ଦୁଇ ଭାଇ ପରମ ଆନନ୍ଦରେ ଦ୍ୱାରକାରେ ବାସ କରୁଛ । ମାତ୍ର ପୁତ୍ର, କଳତ୍ର, ଧନରତ୍ନ ସିଂହାସନ ସକଳ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇ ଆମର ପ୍ରାଣ ପ୍ରତିମ ଶ୍ରୀକୃଷ୍ଣ ଆମକୁ ଭୁଲିଗଲେ କି ? ସ୍ନେହ ଲଗାଇ ସ୍ୱେହଡୋରୀକୁ ନିଜ ହାତରେ ଛିଣ୍ଡାଇ ଦେଇ ଚାଲିଗଲେ ଓ ଗୋପଦାଣ୍ଡ ମାଡିଲେ ନାହିଁ । ଏତିକି କହୁ କହୁ ଗୋପୀମାନେ କୋହ ସମ୍ଭାଳି ନପାରି ବ୍ୟାକୁଳ ଭାବେ କ୍ରନ୍ଦନ କରିବାକୁ ଲାଗିଲେ ଓ କହିଲେ, ଆମେ ପଛେ ମନେ ନପଡିଲୁ ନାହିଁ, ପିତା, ମାତା ନନ୍ଦ ଯଶୋଦାଙ୍କୁ ବି ସେ ମନେ ପକାଉନାହାନ୍ତି । ନନ୍ଦରାଣୀ ଝୁରି ଝୁରି ବାୟାଣୀ ହୋଇଗଲେଣି, ନନ୍ଦ ମହାରାଜଙ୍କୁ ମଧ ପୁତ୍ର କଷ୍ଟ ବହୁତ ବାଧୁଛି । ଯାହାଙ୍କ ଲାଗି ପତି, ତନୟ, ଗୁରୁଜନ, ଗୃହ, ସଂସାର, ଲଜ୍ଜା, ସରମ ସବୁ ଛାଡିଦେଇଥିଲୁ ସେ ନିର୍ଦ୍ଦୟ ନିଷ୍ଠୁର ଭାବେ ଆମକୁ ଛାଡି ଚାଲିଗଲେ । ସେ କାହାର ନୁହେଁ, ଏପରିକି ତାଙ୍କ ଆତ୍ମା ମଧ ତାଙ୍କର ନୁହେଁ । କେବଳ ଭକ୍ତ ଜନ ହିଁ ତାଙ୍କୁ ମୋହିତ କରି ରଖିଥାନ୍ତି । ରୂପକୁ ତ ସହଜେ କୋଟି କନ୍ଦର୍ପ ସରି ନୁହେଁ, ତା ସାଙ୍ଗକୁ ତାଙ୍କର ଯେଉଁ ଅମୃତ ମଧୁର ବାଣୀ ସେଥିରେ ସେ ଦେହ, ମନ, ପ୍ରାଣ ସବୁ କିଣି ନେଇଯାନ୍ତି । ତାଙ୍କୁ ଯେତେ ଭୁଲିବାକୁ ଚାହୁଁଚୁ ମନ ସେତିକି ବରାବର ବହ୍ୱଳିତ ଓ ବ୍ୟାକୁଳିତ ହେଉଛି । ଆମକୁ ଲାଗୁଛି ଆମେ ସବୁ ଏପରି ହେଲାବେଳକୁ ସତେ ଯେପରି ସେ ଦୁଷ୍ଟ ଆମର ଚାରିପାଖେ ହସୁଛି,ନାଚୁଛି ଓ ଖତେଇ ହେଉଛି । ଆମେ କ୍ଷଣେ ହେଲେ ତାକୁ ମନରୁ ଅନ୍ତର କରିପାରୁନାହୁଁ । ଗୋପୀମାନେ ଏପରି କହି ରୋଦନ କରିବାର ଦେଖି ପ୍ରଭୁ ବଳରାମ ମଧୁର କଥା କହି ସନ୍ତ୍ୱନା ଦେଲେ । ଶ୍ରୀକୃଷ୍ଣ ସେମାନଙ୍କୁ ଅହର୍ନିଶ ସ୍ମରଣ କରୁଛନ୍ତି ଏହା କହିବାରୁ ଗୋପୀମାନେ ଆଶ୍ୱସ୍ତ ହେଲେ । ପ୍ରଭୁ ବଳରାମ ମଧ ସେମାନଙ୍କର ସନ୍ତ୍ୱନା ବିଧାନ ପାଇଁ ଯୋଗମାୟା ବଳରେ ସେମାନଙ୍କ ସହ ରଜନୀକାଳରେ ସୁଶୀତଳ ସୁଗନ୍ଧ ମଳୟାନୀଳ ସେବିତ ଜ୍ୟୋସ୍ନାସ୍ନାତ ଯମୁନା ତଟସ୍ଥ ବୃନ୍ଦାବନରେ କ୍ରୀଡା ରଚନା କଲେ। ଶ୍ରୀଶୁକଦେବ କହିଲେ, ହେ ରାଜା, ଶ୍ରୀବଳରାମ ଓ ଗୋପୀମାନେ କ୍ରୀଡା କରୁଥିବା ସମୟରେ ଜଳାଧିପତି ବରୁଣ, ରାଜକନ୍ୟା ବାରୁଣୀ ବଳରାମଙ୍କ ପ୍ରତି ପ୍ରିୟଭାବ ଘେନି ବୃନ୍ଦାବନସ୍ଥ ବୃକ୍ଷ କୋଟରରୁ ସୁଦନ୍ଧ ସୁଧାରୂପୀ ପାନୀୟ ରୁପେ ବହିଲା । ଗୋପୀଙ୍କ ସହିତ ବଳରାମ ତାହାକୁ ଆନନ୍ଦରେ ଆକଣ୍ଠ ପାନ କରି ମତଭୋଳ ହେଲେ ଓ ଅର୍ଦ୍ଧନିମିଳିତ ନେତ୍ରରେ ବୃକ୍ଷମୂଳେ ବସି ଯମୁନା ନଦୀକୁ ଆହ୍ୱାନ କଲେ । ହେ ଯମୁନା ମୋ ନିକଟକୁ ଆସ, ମୁଁ ତୋର ଶୀତଳ ଜଳରେ ସ୍ନାନ କରି ରୌଦ୍ରତାପ ଜନିତ ଶ୍ରମ ନାଶ କରିବି । ଯମୁନା ଶ୍ରୀବଳରାମଙ୍କୁ ମଦିରା ମତ୍ତ ମନେକରି ଆହ୍ୱାନକୁ ଅବଜ୍ଞା କରିବାରୁ ବଳରାମ କ୍ରୋଧରେ ନିଜ ଲଙ୍ଗଳର ତୀକ୍ଷ୍ଣ ମୁନକୁ ଯମୁନା ଜଳରେ ସ୍ଥାପନ କରି ତାକୁ ଶତଖଣ୍ଡ କରିଦେବାକୁ ଉଦ୍ୟତ ହେଲେ । ଯମୁନା ଭୟରେ ଲହରୀ ବ୍ୟାଜରେ ପ୍ରଭୁ ବଳରାମଙ୍କର ଚରଣ ବନ୍ଦନା କରିବା ସହ ପଦ୍ମପୁଷ୍ପ ଅର୍ପଣ କଲା । ବଳରାମ ପ୍ରସନ୍ନ ହୋଇ ଲଙ୍ଗଳ ସମ୍ବରଣ କଲେ ଓ ଜଳକ୍ରୀଡା ନିମନ୍ତେ ଗୋପୀମାନଙ୍କ ସହ ଯମୁନା ଜଳରେ ପ୍ରବେଶ କଲେ । ପରେ ରବି ନନ୍ଦିନୀ ଯମୁନା ନୀଳବସ୍ତ୍ର ଓ ନାନା ସ୍ୱର୍ଣ୍ଣ ରତ୍ନର ଅଳଙ୍କାର ବଳରାମଙ୍କୁ ଅର୍ପଣ କଲେ । ସେ ଆନନ୍ଦରେ ପରିଧାନ କରି ଗନ୍ଧଚନ୍ଦନ ଶରୀରରେ ଲେପନ କରି ଗୋପୀମାନଙ୍କ ସହ ବନ ବିହାର କଲେ । ଏହିପରି ଭାବେ ଶ୍ରୀ ବଳରାମ ଚୈତ୍ର ଓ ବୈଶାଖ ଦୁଇମାସ ଆନନ୍ଦରେ ଗୋପପୁରରେ କଟାଇ ଦ୍ୱାରକା ପ୍ରତ୍ୟାବର୍ତ୍ତନ କଲେ ।

### ୬୬ ଅଧ୍ୟାୟ,(ପୌଣ୍ଡ୍ରକ ଓ କାଶୀରାଜ ଉଦ୍ଧାର)

ଶ୍ରୀଶୁକଦେବ କହିଲେ କବୀନ୍ଦ୍ର ଦେଶରେ ପୌଣ୍ଡ୍ରକ ନାମକ ଜଣେ ରାଜା ରାଜୈଶ୍ୱର୍ଯ୍ୟ ଭୋଗ କରିବା ଫଳରେ ତାଙ୍କ ମନରେ ଗର୍ବ ଓ ଅହଂକାର ସୃଷ୍ଟି ହୋଇଥିଲା । ନିର୍ଗୁଣ ବ୍ରହ୍ମରୂପୀ ଭଗବାନ ମାୟା ମନୁଷ୍ୟ ଶ୍ରୀକୃଷ୍ଣ ରୂପେ ଜନ୍ମ ହୋଇ ଅଶେଷ ରୂପ ଓ ଗୁଣ ସହ ଅଦ୍ଭୁତ ଲୀଳା ପ୍ରକାଶ କରୁଥିବା ଶୁଣି ତାଙ୍କୁ ଦେଖିବାକୁ ଇଛା ପ୍ରକାଶ କଲେ ଏବଂ ନିଜକୁ ସ୍ୱୟଂ ବାସୁଦେବ ଶ୍ରୀକୃଷ୍ଣ ବୋଲି ମନେ କଲେ । ପ୍ରଜାମାନଙ୍କୁ କହିଲେ, ମୁଁ ସ୍ୱୟଂ ବାସୁଦେବ ଓ ଦେବ ଦେବ ଜନାର୍ଦ୍ଦନ, ମୋର ଚିହ୍ନ, ବର୍ଣ୍ଣ, ଭୂଷଣ ସବୁ ଶ୍ରୀକୃଷ୍ଣଙ୍କ ଅନୁରୂପ । ମୋତେ ଭଜନ କରିବା ସହିତ ମୋର ଚରଣରେ ପ୍ରଣାମ କର । ଯିଏ ଏହା ନକରିବ ନିଷ୍ଟୟ ବିନାଶ ହେବ । ପ୍ରଜାମାନେ ରାଜାଙ୍କ ମୁଖରୁ ଏପରି କଥା ଶୁଣି ଭୟକାତର ହୋଇ ଶ୍ରୀକୃଷ୍ଣ ରୂପେ ପୂଜା କଲେ ଓ ହାତ ଯୋଡି ସ୍ତୁତି କଲେ । ଏହିପରି କିଛି ଦିନାନ୍ତେ ଅସୁରଅଂଶୀ ପୌଣ୍ଡ୍ରକ ତମଗୁଣର ବଶବର୍ତ୍ତୀ ହୋଇ ବିଚାର କଲା ମୁଁ ନିଷ୍ଟୟ ଜଗତର ଈଶ୍ୱର, ସର୍ବ ଶରୀରରେ ପ୍ରକାଶିତ, ସାକାର. ନିରାକାର ସଗୁଣ ଓ ନିର୍ଗୁଣ । ମୋ ଇଛାରେ ଏହି ଜଗତ ଆତଯାତ । ଏହିପରି ମନରେ ବିଚାର କରି ଦୂତ ହସ୍ତରେ ଚିଟାଉ ଦେଇ ପ୍ରଭୁ ଶ୍ରୀକୃଷ୍ଣଙ୍କ ନିକଟକୁ ପ୍ରେରଣ କଲା । ହେ ଦୂତ, ତୁ କୃଷ୍ଣଙ୍କୁ ଚିଟାଉ ଦେଇ କହିବୁ, ଆମର ପ୍ରଭୁ ଅବନୀର ଭାର ନିବାରଣ କରିବା ପାଇଁ ଅବତାର ଗ୍ରହଣ କରିଛନ୍ତି । ସେ ପରଂବ୍ରହ୍ମ, ଅନାଦି ଜ୍ୟୋତି, ନିରଞ୍ଜନ ଏବଂ ଚତୁର୍ଭୁଜରେ ଶଙ୍ଖ, ଚକ୍ର,ଗଦା ଓ ପଦ୍ମ ଧାରଣ କରିଛନ୍ତି । ତାଙ୍କର କଣ୍ଠରେ କୌସ୍ତୁଭ ମଣି ଓ ବକ୍ଷରେ ଶ୍ରୀବତ୍ସ ଚିହ୍ନ ଏବଂ ସର୍ବ ଜୀବର ସ୍ରଷ୍ଟା ଓ ନିୟନ୍ତା । ଅବନୀର ଭାର ନିବାରଣ ଲାଗି ସେ ଅବତରିତ ହୋଇଛନ୍ତି । ତେଣୁ ତୁମେ ତୁମର ରୂପ, ଚିହ୍ନ, ଲକ୍ଷଣ ସବୁ ଛାଡି ଆମ ରାଜାଙ୍କର ଚରଣ ତଳେ ପଡି ଶରଣ ପ୍ରାର୍ଥନା କର ନଚେତ ଯୁଦ୍ଧକରି ମର । କିମ୍ବା ଜୀବନର ଆଶା ଥିଲେ ତେବେ ଦ୍ୱାରକା ଛାଡି ବନକୁ ପଳାୟନ କର । ଦୂତ ଦ୍ୱାରକାରେ ପହଞ୍ଚି ଭଗବାନ ଶ୍ରୀକୃଷ୍ଣଙ୍କୁ ଚିଟାଉ ଅର୍ପଣ କରି ଅନୁରୂପ ବାର୍ତ୍ତା ପ୍ରଦାନ କଲା । ଭଗବାନ ପରିହାସରେ କହିଲେ, ହେ ଦୂତ, ତୁମେ ରାଜାଙ୍କୁ ଯାଇ କୁହ ଯେ, ମୁଁ ମୋର ବାସୁଦେବ ରୂପ, ଚିହ୍ନ, ବେଶାଦି ତାଙ୍କୁ ଦେଖିବା ସଙ୍ଗେ ସଙ୍ଗେ ଛାଡିଦେବି । ସେ ସେସବୁକୁ ନିଜ ଶରୀରରେ ବହନ କରି ବୀରଗତିକୁ ପ୍ରାପ୍ତ ହୋଇ କାକ, ଗୃଧ୍ର, ଶୃଗାଳଙ୍କ ମେଳରେ ଶୟନ କରିବେ । ଦୂତ ମଧ ରାଜାଙ୍କୁ ସମ୍ବାଦ ଦେବାକୁ ଫେରିଗଲା । ପ୍ରଭୁ ଶ୍ରୀକୃଷ୍ଣ ଦାରୁକକୁ ଡକାଇ ନନ୍ଦୀଘୋଷ ରଥକୁ ସଜ୍ଜିତ କରି ସସୈନ୍ୟ ପୌଣ୍ଡ୍ରକ ରାଜ୍ୟକୁ ଯାତ୍ରାକଲେ । ପୌଣ୍ଡ୍ରକ ଶ୍ରୀକୃଷ୍ଣଙ୍କ ଆଗମନ ସମ୍ବାଦ ପାଇ ମହାକ୍ରୋଧରେ ମିତ୍ର କାଶିରାଜଙ୍କ ସହ ମିଳିତ ହୋଇ ଅସଂଖ୍ୟ ସୈନ୍ୟସହ ଶ୍ରୀକୃଷ୍ଣଙ୍କର ସମ୍ମୁଖୀନ ହେଲା । ପ୍ରଭୁ ଶ୍ରୀକୃଷ୍ଣ ତାର ବିଚିତ୍ର ବେଶ ପୋଷାକକୁ ଦେଖି ହସି ହସି କହିଲେ ହେ ପୌଣ୍ଡ୍ରକ, ତୋର ଦୂତକୁ କହିଥିବା ମୁତାବକ ମୁଁ ଆଜି ବାସୁଦେବ ଚିହ୍ନ ଓ ବନମାଳ ଆଦି ଛାଡିଦେଲି ତୁ ତାକୁ ସମ୍ଭାଳ । ଯେବେ ତୋ ସହିତ ଯୁଦ୍ଧରେ ହାରିବି ତେବେ ନିଷ୍ଟୟ ତୋ ଚରଣରେ ଶରଣ ପଶିବି । ଏହାକହି ତୀକ୍ଷ୍ଣବାଣ ପ୍ରହାର କରି ଅସୁରର ଧନୁ, ନାରାଚ ଓ ସାରଥୀର ଶିର ଛେଦନ କରିବା ସହିତ ଚକ୍ର ପ୍ରହାର କରି ଅସୁରର ମସ୍ତକକୁ ସ୍କନ୍ଧଚ୍ୟୁତ କଲେ । ପୌଣ୍ଡ୍ରକ ଭଗବାନ ଶ୍ରୀକୃଷ୍ଣଙ୍କ ଶ୍ରୀମୁଖକୁ ଚାହିଁ ଦେହତ୍ୟାଗ କରି ପରମଗତିକୁ ପ୍ରାପ୍ତ ହେଲା । ଏହାପରେ ପ୍ରଭୁ କାଶୀରାଜକୁ ବଧ କରି ତାର ମସ୍ତକକୁ ଉଡାଇ ନଗରର ଦ୍ୱାରଦେଶରେ ପକାଇଲେ । ପ୍ରଜାମାନେ ତାହାଦେଖି ଭୟଭୀତ ହେଲେ ଓ ରାଣୀମାନେ ସ୍ୱାମୀ ନିଧନ ହେତୁ କ୍ରନ୍ଦନ କଲେ । କାଶୀରାଜ ପୁତ୍ର ପିତାର ପ୍ରେତକ୍ରିୟା ସମାପନ କରି ଭଗବାନ ଶଙ୍କରଙ୍କୁ କଠୋର ତପସ୍ୟାରେ ସନ୍ତୁଷ୍ଟ କରି ବରପ୍ରାପ୍ତ ହେଲା ଯେ, ପ୍ରଭୁ ଶଙ୍କର ଅଗ୍ନି ରୂପରେ ଯୁଦ୍ଧରେ ତାକୁ ସହାୟତା କରିବେ । ପରେ ସେ ଦ୍ୱାରକା ଆକ୍ରମଣ କଲା ଏବଂ ରୁଦ୍ର ଅଗ୍ନିର ପ୍ରଭାବରେ ଦ୍ୱାରିକା ପ୍ରଜ୍ୱଳିତ ହେବାରୁ ପୁରବାସୀମାନେ ଶ୍ରୀକୃଷ୍ଣଙ୍କୁ ତ୍ରାହିକର ବୋଲି ଡାକ ପକାଇଲେ । ପ୍ରଭୁ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରକୁ ପଠାଇ ରୁଦ୍ରାଗ୍ନିକୁ ନିର୍ବାପିତ କରାଇ କାଶୀରାଜ ପୁତ୍ରକୁ ମଧ ଦହନ କରିପକାଇଲେ । ଯିଏ ଏହି ବାଣୀ ପଠନ, ଶ୍ରବଣ କରନ୍ତି ସେ ସକଳ ଦୁଃଖରୁ ମୁକ୍ତିପାଆନ୍ତି ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ନିଜେ ସୁଧୁରିଲେ ପୃଥିବୀ ସୁନ୍ଦର



ଶ୍ୱେତା ରାଉତ୍

ଯଦି ପୃଥିବୀରେ ସବୁ ମଣିଷ ଏକାପରି ଦିଶନ୍ତେ,ଏକାଭଳି ହସନ୍ତେ, ଏକା ଖାଦ୍ୟ ଖାଉଥାନ୍ତେ, ଏକ ପ୍ରକାର କାମ କରୁଥାନ୍ତେ,ଏକା ପ୍ରକାର ପୋଷାକ ପିନ୍ଧୁଥାନ୍ତେ, ଏକ ସମୟରେ ଶୋଉଥାନ୍ତେ ଆଉ ଉଠୁଥାନ୍ତେ, ପ୍ରତିଦିନ ସବୁକିଛି କେବଳ ଗୋଟିଏ ପ୍ରକାର ହେଉଥାନ୍ତା, ବଜାରରେ ପୋଷାକ ଗୋଟିଏ ରଙ୍ଗ ଗୋଟିଏ ଡିଜାଇନର ମିଳୁଥାନ୍ତା, ଖାଇବା ଗୋଟିଏ ପ୍ରକାର ସବୁଦିନ ଖାଉଥାନ୍ତେ, ତାହେଲେ ଥରେ ନିଜେ ବିଚାର କଲେ ଆମକୁ କଣ ଭଲ ଲାଗୁଥାନ୍ତା ? ଗୋଟିଏ ସପ୍ତାହ ଯଦି ଆପଣ ଗୋଟିଏ ପ୍ରକାର (ଯେତେ ଦାମିକା ହେଉ)ଖାଦ୍ୟ ଖାଇବେ,ନିଷ୍ଟୟ ଆପଣଙ୍କୁ ଭଲ ଲାଗିବ ନାହିଁ, ସେହି ଖାଦ୍ୟ ବଦଳରେ ଅଲଗା କିଛି ଚାହିଁବେ, ଗୋଟିଏ ଡ୍ରେସ୍ ଲଗାତାର ଆଠ ଦିନ ପିନ୍ଧିଲେ ଆପଣଙ୍କୁ ଭଲ ଲାଗିବ ନାହିଁ, ଗୋଟିଏ ହସ କଥା(joke)ଶୁଣି ପ୍ରଥମ ଥର ଆପଣ ଯେତେ ଯୋର୍ ହସିଥିବେ,ଦଶଥର ଶୁଣିବା ପରେ ହୁଏତ ସେଭଳି ହସ ଲାଗିବ ନାହିଁ, ଯଦିଓ କଥା ବା ଜୋକ୍ ସେଇ ଏକା।

ଏକଥା ମୁଁ ଏଥିପାଇଁ କହିଲି, ଆମମାନଙ୍କର ଧାରଣା ଅଛି ଯଦି ସମସ୍ତଙ୍କ ସ୍ୱଭାବ ଆମ ଭଳି ହେବ ତେବେ ସମ୍ପର୍କ ମଧୂର ରହିବ। ଆମେ ସମସ୍ତେ ଭଲଭାବେ ଜାଣନ୍ତି ବିଭିନ୍ନତା ହିଁ ପୃଥିବୀକୁ ସୁନ୍ଦର କରେ। ବିଭିନ୍ନ ଫୁଲ, ବିଭିନ୍ନ ରଙ୍ଗ, ବିଭିନ୍ନ ପୋଷାକ, ବିଭିନ୍ନ ଭାଷା, ବିଭିନ୍ନ ଖାଦ୍ୟ, ବିଭିନ୍ନ ଗୁଣ, ବିଭିନ୍ନ ଖେଳ, ବିଭିନ୍ନ ପର୍ବ ଇତ୍ୟାଦି। ଆମେ ସବୁବେଳେ ବିଭିନ୍ନତାକୁହିଁ ଭଲପାଆନ୍ତି। ନହେଲେ ମଣିଷ ବୋରିଂ ହୋଇଯାଆନ୍ତା। କିନ୍ତୁ ଯେତେବେଳ ଆମ ବିଚାରରେ, ସ୍ୱଭାବରେ, ସଂସ୍କାରରେ ବିଭିନ୍ନତାଦେଖାଯାଏ ଆମେ ପସନ୍ଦ କରିନଥାନ୍ତି। ଆମେ ସବୁବେଳେ ଚାହାନ୍ତି ସମସ୍ତେ ଆମଭଳି ହୁଅନ୍ତୁ, ଆମେ ବହୁତ ଭଲ ଆଉ ସମସ୍ତେ ଖରାପ। ଯଦି ସାମନା ବାଲା ଆମ ହିସାବରେ ନରହିଲା ଆମେ ତାକୁ ଖରାପ ବା ଅସଂସ୍କାରୀ କହି ଆକ୍ଷେପ କରନ୍ତି।

ସେ ବି ତ ଈଶ୍ୱରଙ୍କ ବିଭିନ୍ନତା ଭରା ସୃଷ୍ଟିରେ ଗୋଟିଏ ଆତ୍ମା, ସେତେବେଳେ ଆମେ ଏକଥା କାହିଁକି ଭାବିପାରନ୍ତିନି ? ମୁଁ ସାରା ଜୀବନ ଆମିଷ ଖାଇନାହିଁ,ମୋତେ ତାର ସ୍ୱାଦ ଜଣାନାହିଁ, ତା ମାନେନୁହେଁ ଯେଉଁମାନେ ଆମିଷ ଖାଉଛନ୍ତି ମୁଁ ସେମାନଙ୍କୁ ପଶୁ ଭାବିବି କିମ୍ବା ଛି'ଛାକର କରିବି। ମୋତେ ଯାହା ଭଲ ନଲାଗିବ, ମାନେ ନୁହେଁ ଆଉ ଜଣକୁ ବି ଭଲ ନଲାଗୁ। ମୋ ସ୍ୱାମୀ ଓ ପରିବାରରେ ସମସ୍ତେ ଆମିଷ ଖାଇବାକୁ ଭଲପାଆନ୍ତି,ମୁଁ ଆଦୌ ଆମିଷ ଖାଏନାହିଁ, କିନ୍ତୁ ଆମ ଭିତରେ ସମ୍ପର୍କ ଖୁବ୍ ମଧୂର। ମୁଁ ଖୁବ୍ ଯତ୍ନରେ ତାଙ୍କ ପାଇଁ ଆମିଷ ରାନ୍ଧେ,ଆଉ ସେ ଖୁବ୍ ଶ୍ରଦ୍ଧାରେ ମୋ ପାଇଁ ଫଳମୂଳ ଆଣିଥାନ୍ତି। ମୁଁ ତାଙ୍କୁ ଆମିଷ ଛାଡିବାକୁ କୁହେନାହିଁ କି ସେ ମୋତେ ଆମିଷ ଖାଇବାକୁ କୁହନ୍ତି ନାହିଁ। ଆମେ ପରସ୍ପରର ପସନ୍ଦକୁ ସମ୍ମାନ କରୁ, ବିଚାରକୁ ସମ୍ମାନ କରୁ। ଈଶ୍ୱରଙ୍କ ସୃଷ୍ଟିରେ ଯାହାକୁ ଈଶ୍ୱର ଯେମିତି ଗଢିଛନ୍ତି, ତାକୁ ହସି ହସି ଆପଣେଇ ପାରିଲେ ସବୁ ସମ୍ପର୍କ ସୁନ୍ଦର ହୋଇପାରିବ।

ଆମ ପରିବାରରେ, ଆଖପାଖରେ ଅନେକ ବ୍ୟକ୍ତିଙ୍କର ବ୍ୟବହାର ଏମିତି ଥାଏ ଯାହା ଆମକୁ ଭଲ ଲାଗେନାହିଁ, କାରଣ ଆମେ ଆଶା କରୁ ଭଲ ବ୍ୟବହାର। ଏଇ ଆଶା କରିବାଟା ହିଁ ସବୁବେଳେ ମଣିଷର ଦୁଃଖର କାରଣ ହୋଇଥାଏ। ଯଦି ଆମେ ନିଜକୁ ବୁଝେଇ ପାରନ୍ତେ ସେ ଆତ୍ମାର ସଂସ୍କାର ହିଁ ସେମିତି, ତାକୁ ଈଶ୍ୱର ସେମିତି ଗୁଣ ଦେଇ ପୃଥିବୀକୁ ପଠେଇଛନ୍ତି ଏବଂ ତାର ଉଦ୍ଦେଶ୍ୟ ଈଶ୍ୱରଙ୍କୁ ହିଁ ଜଣା, ତାହେଲେ ଆମେ ସେ ଲୋକର ବ୍ୟବହାରକୁ ଭାବି ଅଧିକ ବିଚଳିତ ହୁଅନ୍ତେ ନାହିଁ। ସବୁବେଳେ ଲକ୍ଷ କରିବେ, ଯେତେବେଳେ ଆମେ ଅଧିକ ବିଚଳିତ ହୁଅନ୍ତି, ଚିଡିଚିଡା ହୁଅନ୍ତି, ସେତେବେଳେ ଆମେ ଅନ୍ୟଠୁ କିଛି ଆଶା କରୁଥାନ୍ତି। ଯଦି କିଛି ଆଶା ନରହିବ ତେବେ ଅସନ୍ତୋଷ କୁଆଡୁ ଆସିବ ? ଅନ୍ୟର ବ୍ୟବହାର, ସଂସ୍କାର, ରଚି ଯଦି ଆମକୁ ଭଲ ନଲାଗୁଛି ତେବେ ଆମେ ଅନ୍ୟକୁ ଖରାପ କହିବା ଅପେକ୍ଷା ଆମ ନିଜର ବିଚାରକୁ ବଦଳେଇବା ନିହାତି ଜରୁରୀ। ହୁଏତ ଆମେ ଅନ୍ୟକୁ ବଦଳାଇ ପାରନ୍ତିନି ସହଜରେ, କିନ୍ତୁ ନିଜକୁ ବଦଳେଇବାର ରିମୋଟ୍ ଆମ ହାତରେ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଷ୍ଟ୍ରେଚ୍‌ମାର୍କକୁ ନେଇ ଚିନ୍ତିତ କି ? ଆପଣାନ୍ତୁ ଏହି ଘରୋଇ ଉପଚାର

ଷ୍ଟ୍ରେଚ୍‌ମାର୍କ ସାଧାରଣଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି ଝଡ଼ିବା ପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି । ଏହାବାଦ୍ ଆମେ ଘରୋଇ ଉପଚାର ମାଧ୍ୟମରେ ମଧ ଏହାକୁ ଦୂର କରିପାରିବା। ଚାଲନ୍ତୁ ଜାଣିବା ଘରେ କିପରି ତିଆରି ସହଜ ଉପାୟରେ ତିଆରି କରିବା...

ଚନ୍ଦନ ପ୍ୟାକ୍ : ଚନ୍ଦନରେ ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେର୍ଦିକ୍ ବିୟୁଟି ପ୍ରଡକ୍ଟ ଭାବେ ମଧ ପରିଚିତ। ପେଟରେ ହେଇଥିବା ଷ୍ଟ୍ରେଚ୍ ମାର୍କ ଦୂର କରିବା ପାଇଁ ମଧ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଡ଼ିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡରରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏଥିରେ ଆପଣ ଟୋମାଟୋ ରସ ଓ ମହୁ ମଧ ମିଶାଇପାରିବେ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩-୪ ଥର କରନ୍ତୁ।



ଆଲୋଭେରା: ଆଲୋଭେରା ଜେଲ୍‌କୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହେବ। କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ। ସେହିପରି କାକୁଡ଼ି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ନଡ଼ିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ବାଦାମ ପାଉଡ଼ର କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଡାମିନ୍ ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍‌ମାକ ଦୂର କରିବାରେ ସାହାଯ୍ୟ କରେ।



# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୫ ଫେବୃଆରୀ ୨୦୨୬, ଗୁରୁବାର

## ମଣିପୁରରେ ନୂତନ ନେତୃତ୍ୱ: ଶାନ୍ତି ଫେରିବାର ଆଶା ନା କେବଳ ରାଜନୈତିକ ପରିବର୍ତ୍ତନ ?

ଦୀର୍ଘ ଏକ ବର୍ଷର ରାଷ୍ଟ୍ରପତି ଶାସନ ଏବଂ ଅନିଶ୍ଚିତତାର ଅନ୍ତ ଘଟାଇ ଶେଷରେ ମଣିପୁରରେ ଗଣତାନ୍ତ୍ରିକ ସରକାରର ପୁନଃପ୍ରତିଷ୍ଠା ହୋଇଛି । ବୁଧବାର ଦିନ ଇମ୍ଫାଲର ଲୋକ ଭବନରେ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ ବାଚସ୍ପତି ୟୁମନାମ ଖେମଚାନ୍ଦ ସିଂହ ମଣିପୁରର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ଏହି ଘଟଣା କେବଳ ଏକ ସାମ୍ବିଧାନିକ ପ୍ରକ୍ରିୟା କିମ୍ବା କ୍ଷମତା ହସ୍ତାନ୍ତର ନୁହେଁ, ବରଂ ଗତ ତିନି ବର୍ଷ ଧରି ଜାତିଆଣ ହିଂସାର ନିଆଁରେ ଜଳୁଥିବା ଏକ ରାଜ୍ୟ ପାଇଁ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୋଡ଼ । ୨୦୨୫ ଫେବୃଆରୀ ମାସରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂହଙ୍କ ଇସ୍ତଫା ପରେ ରାଜ୍ୟରେ ଯେଉଁ ରାଜନୈତିକ ଶୂନ୍ୟସ୍ଥାନ ଓ ପ୍ରଶାସନିକ ଅସ୍ଥିରତା ସୃଷ୍ଟି ହୋଇଥିଲା, ତାହା ଆଜି ପୂରଣ ହୋଇଛି ସତ, କିନ୍ତୁ ନୂତନ ସରକାର ସମ୍ମୁଖରେ ଥିବା ଆହ୍ୱାନଗୁଡ଼ିକ ପୂର୍ବପରି ଅତ୍ୟନ୍ତ ଗମ୍ଭୀର ଏବଂ ଜଟିଳ ରହିଛି । ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇଜଣ ଉପ-ମୁଖ୍ୟମନ୍ତ୍ରୀ ଶପଥ ନେବା ଏକ ନୂତନ ସମୀକରଣର ସୂଚନା ଦେଉଛି, କିନ୍ତୁ ପ୍ରଶ୍ନ ଉଠୁଛି ଯେ କେବଳ ଚେହେରା ବଦଳିଲେ ମଣିପୁରର ଭାଗ୍ୟ ବଦଳିବ କି ?

ନୂତନ ସରକାର ଗଠନର ସ୍ୱରୂପକୁ ଗଭୀର ଭାବରେ ବିଶ୍ଳେଷଣ କଲେ ଜଣାପଡ଼େ ଯେ, କେନ୍ଦ୍ର ସରକାର ଏବଂ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଏଥର ଏକ 'ସନ୍ତୁଳିତ ରଣନୀତି' ଆପଣାଇବାକୁ ଚେଷ୍ଟା କରିଛନ୍ତି । ୟୁମନାମ ଖେମଚାନ୍ଦ ସିଂହ ଜଣେ ମୈତେୟୀ ସମ୍ପ୍ରଦାୟର ନେତା ହୋଇଥିବାବେଳେ, ତାଙ୍କ ସହ ଦୁଇଜଣ ଉପ-ମୁଖ୍ୟମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି, ଯାହା ରାଜ୍ୟର ଜାତିଗତ ସମୀକରଣକୁ ଦୃଷ୍ଟିରେ ରଖି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ହେଲେ କୁକି ସମ୍ପ୍ରଦାୟର ବରିଷ୍ଠ ନେତ୍ରୀ ନେମଚା କିପଗେନ ଏବଂ ଅନ୍ୟ ଜଣେ ନାଗା ସମ୍ପ୍ରଦାୟର ପ୍ରଭାବଶାଳୀ ନେତା ଲୋସି ଦିଖୋ । ମଣିପୁର ଇତିହାସରେ ଏଭଳି ଏକ ସମାବେଶୀ ମନ୍ତ୍ରିମଣ୍ଡଳ ଗଠନ, ବିଶେଷକରି ଜଣେ କୁକି ମହିଳାଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦ ମିଳିବା ନିଶ୍ଚିତ ଭାବରେ ଏକ ସକାରାତ୍ମକ ବାର୍ତ୍ତା ବହନ କରୁଛି । ଏହା ମାଧ୍ୟମରେ ସରକାର ପାହାଡ଼ (Hill) ଏବଂ ଉପତ୍ୟକା (Valley) ମଧ୍ୟରେ ସୃଷ୍ଟି ହୋଇଥିବା ଅବିଶ୍ୱାସର ବିରାଟ ଫାଟକୁ ଯୋଡ଼ିବାକୁ ଚେଷ୍ଟା କରୁଥିବା ମନେହୁଏ । କିନ୍ତୁ କେବଳ ପଦବୀ ବଣ୍ଟନ ଦ୍ୱାରା ଦୁଇ ସମ୍ପ୍ରଦାୟ ମଧ୍ୟରେ ଥିବା ହୃଦୟର ଦୂରତା କମିବ କି ନାହିଁ, ତାହା ସମୟ ହିଁ କହିବ ।

ମଣିପୁରର ବର୍ତ୍ତମାନର ପରିସ୍ଥିତିକୁ ବୁଝିବା ପାଇଁ କିଛି ନିର୍ଦ୍ଦିଷ୍ଟ ତଥ୍ୟ ଓ ପରିସଂଖ୍ୟାନ ଉପରେ ନଜର ପକାଇବା ନିହାତି ଜରୁରୀ । ୨୦୨୩ ମେ ମାସରୁ ଆରମ୍ଭ ହୋଇଥିବା ଏହି ଭୟାବହ ଜାତିଆଣ ସଂଘର୍ଷରେ ବର୍ତ୍ତମାନ ସୁଦ୍ଧା ସରକାରୀ ହିସାବ ଅନୁଯାୟୀ ପ୍ରାୟ ୨୬୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଛନ୍ତି, ଯଦିଓ ବେସରକାରୀ ହିସାବରେ ଏହି ସଂଖ୍ୟା ଆହୁରି ଅଧିକ ହୋଇପାରେ । ହିଂସାର ଭୟାବହତା ଏତେ ତୀବ୍ର ଥିଲା ଯେ, ୬୦,୦୦୦ରୁ ଅଧିକ ଲୋକ ନିଜର ଭିଟାମାଟି ହରାଇ ବିଭିନ୍ନ ଆଶ୍ରୟ ଶିବିରରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ରାଜ୍ୟରେ ୪,୭୦୦ରୁ ଅଧିକ ଘର ପୋଡ଼ି ପାଉଁଶ କରିଦିଆଯାଇଛି ଏବଂ ଉଭୟ ସମ୍ପ୍ରଦାୟର ପ୍ରାୟ ୩୮୬ଟି ଧାର୍ମିକ ଅନୁଷ୍ଠାନ (ମନ୍ଦିର ଓ ଗୀର୍ଜା) ଭଙ୍ଗାରୁଜାର ଶିକାର ହୋଇଛି । ପୋଲିସ ରେକର୍ଡ ଅନୁଯାୟୀ, ହିଂସା ସମ୍ବନ୍ଧୀୟ ପ୍ରାୟ ୧୧,୦୦୦ ଏଫ୍ଆଇଆର୍ (FIR) ରୁଜୁ ହୋଇଥିଲା, ଯାହା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାର ପ୍ରମାଣ ଦିଏ । ଏହି ପରିସଂଖ୍ୟାନ କେବଳ କିଛି ସଂଖ୍ୟା ନୁହେଁ, ବରଂ ଏହା ମଣିପୁରର ସାମାଜିକ ସଂରଚନା ଛିନ୍ନଭିନ୍ନ ହୋଇଯିବାର ଏକ କରୁଣ ଚିତ୍ର । ନୂତନ ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ସିଂହଙ୍କ ଆଗରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଏହି ବିସ୍ଥାପିତ ଲୋକମାନଙ୍କୁ ସେମାନଙ୍କ ନିଜ ଘରକୁ ଫେରାଇ ଆଣିବା ଏବଂ ସେମାନଙ୍କ ମନରେ ସୁରକ୍ଷାର ବିଶ୍ୱାସ ଜନ୍ମାଇବା। ରାଜନୈତିକ ଦୃଷ୍ଟିକୋଣରୁ ବିଚାର କଲେ, ଖେମଚାନ୍ଦ ସିଂହଙ୍କ ଚୟନ ବିଜେପି ପାଇଁ ଏକ ସୁଚିନ୍ତିତ ଓ ରଣନୈତିକ ପଦକ୍ଷେପ ବୋଲି କୁହାଯାଇପାରେ । ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂହଙ୍କ କାର୍ଯ୍ୟକାଳ ସମୟରେ କୁକି ସମ୍ପ୍ରଦାୟର ଅବିଶ୍ୱାସ ଚରମ ସୀମାରେ ପହଞ୍ଚିଥିଲା ଏବଂ ତାଙ୍କ ନେତୃତ୍ୱକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଅନ୍ୟପକ୍ଷରେ, ଖେମଚାନ୍ଦ ସିଂହ, ଯିଏକି ଜଣେ ପୂର୍ବତନ ବାଚସ୍ପତି ଏବଂ ତାଇକୋଣ୍ଡୋରେ 'ବ୍ଲାକ୍ ବେଲ୍ଟ' ହାସଲ କରିଥିବା ଜଣେ ଶୃଙ୍ଖଳିତ ବ୍ୟକ୍ତିତ୍ୱ, ତାଙ୍କର ଛବି ଅପେକ୍ଷାକୃତ ବିବାଦମୁକ୍ତ ଏବଂ ନରମପନ୍ଥୀ ବୋଲି ବିବେଚନା କରାଯାଏ । କିନ୍ତୁ ତାଙ୍କ ପଥ ଆଦୌ କୁସୁମିତ ନୁହେଁ । ଯଦିଓ ନେମଚା କିପଗେନଙ୍କ ଭଳି କୁକି ବିଧାୟକ ସରକାରରେ ସାମିଲ ହୋଇଛନ୍ତି, ତଥାପି 'ଇଣ୍ଡିଜେନସ୍ ଟ୍ରାଇବାଲ ଲିଡର୍ସ ଫୋରମ୍' (ITLF) ଏବଂ 'କୁକି-ଜୋ କାଉନସିଲ' ଭଳି ପ୍ରଭାବଶାଳୀ ନାଗରିକ ସମାଜ ସଂଗଠନଗୁଡ଼ିକ ଏବେ ମଧ୍ୟ ରାଜ୍ୟ ସରକାରଙ୍କ ସହ ପୂର୍ଣ୍ଣ ସହଯୋଗ କରିବାକୁ କୁଣ୍ଠାବୋଧ କରୁଛନ୍ତି । ସେମାନଙ୍କର ମୁଖ୍ୟ ଦାବି ହେଉଛି ପାହାଡ଼ିଆ ଅଞ୍ଚଳ ପାଇଁ ଏକ 'ପୃଥକ ପ୍ରଶାସନିକ ବ୍ୟବସ୍ଥା' (Separate Administration), ଯାହାକୁ ମୈତେୟୀ ସମ୍ପ୍ରଦାୟ ଓ ରାଜ୍ୟ ସରକାର ଦୃଢ଼ ବିରୋଧ କରୁଛନ୍ତି । ରାଜ୍ୟର ଅଖଣ୍ଡତା ରକ୍ଷା କରିବା ସହିତ ଆଦିବାସୀମାନଙ୍କୁ ସ୍ୱାୟତ୍ତଶାସନର ଅଧିକାର ଦେବା ଭଳି ପରସ୍ପର ବିରୋଧୀ ଦାବି ମଧ୍ୟରେ ସନ୍ତୁଳନ ରକ୍ଷା କରିବା ନୂତନ ମୁଖ୍ୟମନ୍ତ୍ରୀଙ୍କ ପାଇଁ କାଠିକର ପାଠ ହେବ । ଅର୍ଥନୈତିକ ଦୃଷ୍ଟିରୁ ମଧ୍ୟ ମଣିପୁର ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଦୀର୍ଘ ଦିନର ଇଣ୍ଟରନେଟ୍ ବନ୍ଦ, ବାରମ୍ବାର କର୍ଫ୍ୟୁ ଏବଂ ଜାତୀୟ ରାଜପଥ ଅବରୋଧ ଯୋଗୁଁ ରାଜ୍ୟର ବ୍ୟବସାୟ ବାଣିଜ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ହୋଇଛି ଏବଂ ପର୍ଯ୍ୟଟନ ଶିଳ୍ପ, ଯାହା ମଣିପୁରର ଅର୍ଥନୀତିର ଏକ ମୁଖ୍ୟ ଆଧାର ଥିଲା, ତାହା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି। ହଜାର ହଜାର ଯୁବକ ଯୁବତୀ ନିଯୁକ୍ତି ହରାଇ ହତାଶାରେ ଅଛନ୍ତି, ଯାହା ଭବିଷ୍ୟତରେ ଆହୁରି ଅଶାନ୍ତି ସୃଷ୍ଟି କରିପାରେ। କେନ୍ଦ୍ର ସରକାରଙ୍କ ସହଯୋଗରେ ଏକ ବୃହତ ଆର୍ଥିକ ପ୍ୟାକେଜ୍ ଘୋଷଣା କରାଯାଇପାରେ, କିନ୍ତୁ ଶାନ୍ତି ନ ଫେରିଲେ କୌଣସି ବିକାଶମୂଳକ କାର୍ଯ୍ୟ ଆଗେଇ ପାରିବ ନାହିଁ । ଏହାବ୍ୟତୀତ, ହିଂସା ସମୟରେ ପୋଲିସ ଷ୍ଟେସନରୁ ଲୁଟ୍ ହୋଇଥିବା ହଜାର ହଜାର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଉଦ୍ଧାର କରିବା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଯେପର୍ଯ୍ୟନ୍ତ ସମାଜରେ ବେଆଇନ ଅସ୍ତ୍ରଶସ୍ତ୍ର ମହଜୁଦ ରହିବ, ସେପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ଏହି ଜଟିଳ ପରିସ୍ଥିତିରେ, ୟୁମନାମ ଖେମଚାନ୍ଦ ସିଂହଙ୍କ ନେତୃତ୍ୱାଧୀନ ସରକାରଙ୍କୁ କେବଳ ପ୍ରଶାସନିକ ଦକ୍ଷତା ନୁହେଁ, ବରଂ ଉଚ୍ଚକୋଟୀର ରାଜନୈତିକ ଇଚ୍ଛାଶକ୍ତି ଓ କୂଟନୈତିକ ପରିପକ୍ୱତା ପ୍ରଦର୍ଶନ କରିବାକୁ ପଡ଼ିବ । ରାଷ୍ଟ୍ରପତି ଶାସନ ହଟିବା ଅର୍ଥ ନୁହେଁ ଯେ ସମସ୍ୟା ସରିଗଲା; ବରଂ ଏହା ସ୍ଥାନୀୟ ନେତାମାନଙ୍କୁ ନିଜ ରାଜ୍ୟର ଭାଗ୍ୟ ନିର୍ଦ୍ଧାରଣ କରିବାର ଆଉ ଏକ ସୁଯୋଗ ଦେଇଛି । ବିଗତ ଦିନରେ କେନ୍ଦ୍ର ସରକାରଙ୍କ ଭୂମିକାକୁ ନେଇ ମଧ୍ୟ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଏବେ ଯେହେତୁ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ରହିଛି, ତେଣୁ 'ଡବଲ ଇଞ୍ଜିନ'ର ସୁଫଳ ମଣିପୁରବାସୀଙ୍କୁ ମିଳିବା ଆବଶ୍ୟକ । ମିଆଁମାର ସୀମାରେ ବାଡ଼ ଘେରାଇବା ଏବଂ ମୁକ୍ତ ଚଳପ୍ରଚଳ ବ୍ୟବସ୍ଥା (FMR) ବନ୍ଦ କରିବା ଭଳି କେନ୍ଦ୍ରୀୟ ନିଷ୍ପତ୍ତିଗୁଡ଼ିକୁ ରାଜ୍ୟ ସରକାର କିପରି କାର୍ଯ୍ୟକାରୀ କରୁଛନ୍ତି, ତାହା ମଧ୍ୟ ଦେଖିବାକୁ ବାକି ରହିଲା ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ମଣିପୁରର ଆକାଶରେ କଳା ବାଦଲ ଏବେ ବି ସମ୍ପୂର୍ଣ୍ଣ ହଟିନାହିଁ । ଖେମଚାନ୍ଦ ସିଂହଙ୍କ ଶପଥ ଗ୍ରହଣ ଏକ ନୂତନ ଆରମ୍ଭର ସଙ୍କେତ ଦେଉଛି ସତ, କିନ୍ତୁ ଏହି ଆରମ୍ଭ ଯେପରି କେବଳ କ୍ଷମତା ହସ୍ତାନ୍ତରରେ ସୀମିତ ନ ରହି ପ୍ରକୃତ ଶାନ୍ତି ପ୍ରତିଷ୍ଠାର ମାଧ୍ୟମ ହୁଏ, ତାହା ହିଁ ସମସ୍ତଙ୍କର କାମନା। ରାଜ୍ୟର ଭୌଗୋଳିକ ଅଖଣ୍ଡତା ବଜାୟ ରଖିବା ସହିତ ସମସ୍ତ ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର, ସଂସ୍କୃତି ଓ ସୁରକ୍ଷା ସୁନିଶ୍ଚିତ କରିବା ହେବ ନୂତନ ସରକାରର ପ୍ରକୃତ ଅଗ୍ନିପରୀକ୍ଷା । ଯଦି ଏହି ସରକାର ବିଫଳ ହୁଏ, ତେବେ ମଣିପୁରର ଭବିଷ୍ୟତ ଆହୁରି ଅନ୍ଧକାରମୟ ହୋଇପାରେ ଏବଂ ଉତ୍ତର-ପୂର୍ବାଞ୍ଚଳର ଶାନ୍ତି ବିପନ୍ନ ହୋଇପାରେ ।

## ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରେ ବ୍ୟବହୃତ କେତେକ ସ୍ୱତନ୍ତ୍ର ଶବ୍ଦ ଓ ତାର ଅର୍ଥ



### ଶ୍ରୀ ଭୋଳାନାଥ ସାହୁ



ଶ୍ରୀଜଗନ୍ନାଥ ମହାପ୍ରଭୁ ସମଗ୍ର ବ୍ରହ୍ମାଣ୍ଡର ଠାକୁର । ସେ ଅନ୍ତର୍ଯ୍ୟାମୀ ଓ ସେ ଲୀଳାମୟ । ରାଜା ଇନ୍ଦ୍ରଦ୍ୟୁମ୍ନ ଓ ନୀଳମାଧବ ଉପାଖ୍ୟାନରୁ ଏହା ସୁସ୍ପଷ୍ଟ। ବିଦ୍ୟାପତିଙ୍କ ଅନୁସନ୍ଧାନ ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳପର୍ବତକୁ ନୀଳମାଧବଙ୍କୁ ଦର୍ଶନ କରିବା ପାଇଁ ସୈନ୍ୟ ସାମନ୍ତ ସହ ଯାତ୍ରା କରିଥିଲେ । ରାଜାଙ୍କର ଏହି ଅହଂଭାବ ନିମନ୍ତେ ଜଗନ୍ନାଥ ଅର୍ନ୍ତଧ୍ୟାନ ହୋଇଥିଲେ । ପୁଣି ସ୍ୱପ୍ନାଦେଶ ମାଧ୍ୟମରେ ମୂର୍ତ୍ତି ନିର୍ମାଣର ସମସ୍ତ ବ୍ୟବସ୍ଥା ମଧ୍ୟ ଦେଇ ବଡ଼ଦେଉଳରେ ପ୍ରତିଷ୍ଠିତ ହେଲେ । ପ୍ରତିଷ୍ଠିତ ହେବା ପରେ ମହାପ୍ରଭୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିଜର ପୂଜା ଆରାଧନା ନିମନ୍ତେ ଦେଇଥିବା ପରାମର୍ଶ ଜଗନ୍ନାଥ ସଂସ୍କୃତିରେ ନୀତିକାନ୍ତିର ମାନ୍ୟତା ଲାଭ କରିଛି । ଶ୍ରୀମନ୍ଦିରର ନୀତିକାନ୍ତି ସଂପାଦନାରେ କେତେକ ସ୍ୱତନ୍ତ୍ର ଶବ୍ଦର ବ୍ୟବହାର କରାଯାଏ । ଯାହା ସର୍ବସାଧାରଣଙ୍କ ହୃଦବୋଧ ନୁହେଁ । ଏ ସମସ୍ତ ଶବ୍ଦର ଅର୍ଥ ଜାଣିଲେ ସେମାନେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସହିତ ପରିଚିତ ହୋଇ ପାରିବେ । ଶ୍ରୀମନ୍ଦିରରେ ବ୍ୟବହୃତ କେତେକ ସ୍ୱତନ୍ତ୍ର ଶବ୍ଦ ଓ ଏହାର ଅର୍ଥକୁ ଅକ୍ଷର କ୍ରମାନୁଯାୟୀ ସମସ୍ତଙ୍କ ଅବଗତି ନିମନ୍ତେ ଉପସ୍ଥାପନର ପ୍ରୟାସ କରାଯାଇଛି ।

(୧) ଅଖଣ୍ଡ - ଏହା ଏକ ଦୀପ ବିଶେଷ । ଯାହା ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଜଳୁଥିବା ରାଶି ତେଲର ଦୀପ । (୨) ଅଖଣ୍ଡ ମେକାପ -ଜଗନ୍ନାଥଙ୍କ ଆଗରେ ଜଳୁଥିବା ଅଖଣ୍ଡ ଦୀପକୁ ଜଗି ରହିଥିବା ନିଯୋଗ ବ୍ରାହ୍ମଣ । (୩) ଅଚିନ୍ତା ପହଣ୍ଡ - ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରୋଷଘରୁ ମନ୍ଦିରକୁ ଭୋଗ ଆସିବା ରାସ୍ତାର ନାମ ଅଟେ । (୪) ଅଙ୍ଗାରୁଆ - ଶ୍ରୀମନ୍ଦିରର ରୋଷ ଶାଳାର ଚୁଲିରୁ ପାଉଁଶ ସଫା କରିବା ନିଯୋଗକୁ ଅଙ୍ଗାରୁଆ କୁହାଯାଏ ।(୫) ଅଣସର - ସ୍ନାନ ଯାତ୍ରା ପରେ ଶ୍ରୀଜୀଉମାନେ ପୀଡ଼ିତ ହୋଇ ଭକ୍ତଙ୍କ ଦର୍ଶନରୁ ବିରତି ସମୟ । ଯେଉଁସମୟରେ ଚତୁର୍ଦ୍ଧା ମୂର୍ତ୍ତି ୧୫ ଦିନ ଧରି ଅଣସର ଘରେ ରହନ୍ତି । (୬) ଅମାଲୁତୋଳି - ଅମାଲୁ ଏକ ପ୍ରକାରର ପିଷ୍ଟକର ନାମ । ଏହି ପିଠାକୁ ରୋଷଘରୁ ଭୋଗ ନିମନ୍ତେ ଆଣି ପନ୍ତିରେ ରଖୁଥିବା ନିଯୋଗ । (୭) ଅମୁଣିଆ - ଦେବତାଙ୍କୁ ଭୋଗ ଦିଆଯିବା ନିମନ୍ତେ ଉଦ୍ଦିଷ୍ଟ ବସ୍ତୁ । (୮) ଆନନ୍ଦ ବଜାର - ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁ ମାନଙ୍କ ମହାପ୍ରସାଦ ସେବନ ଓ ବିକ୍ରୀ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ । ଯେଉଁଠାରେ ମହାପ୍ରସାଦ ସେବନରେ ଜାତି ଧର୍ମର ବିଭେଦ ନଥାଏ ।(୯) ଆସ୍ଥାନ ପ୍ରତିହାରୀ - ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ସମୟରେଠାକୁର ବାହାରକୁ ବିଜେ କରି ପୂଜା ହେଉଥିବା ସ୍ଥାନ ଓ ସୂର୍ଯ୍ୟପୂଜା ତଥା ଦ୍ୱାରପାଳ ପୂଜା ସମୟରେ ଠାଆ କରୁଥିବା ନିଯୋଗ । (୧୦) କରାଳ ଚନ୍ଦନ - ଚୂଆ, ଚନ୍ଦନ, କର୍ପୂର, କସ୍ତୁରୀ ଓ ଅନ୍ୟାନ୍ୟ ବିବିଧ ପଦାର୍ଥ ମିଶ୍ରଣରେ ପ୍ରସ୍ତୁତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀପୟରରେ ଏକ ପ୍ରକାରର ଲେପ ବିଶେଷ । (୧୧) କଡ଼ମ୍ବା - ଶ୍ରୀ ଜଗନ୍ନାଥଙ୍କ ଠାରେ ଲାଗି ହେଉଥିବା ଏକ ପ୍ରକାରର କ୍ଷିରୀ ଭୋଗ ବିଶେଷ । (୧୨) କରଡ଼ିଆ - ଶ୍ରୀବିଗ୍ରହଙ୍କ ଶ୍ରୀଭୁଜରୁ ଶ୍ରୀପୟର ପର୍ଯ୍ୟନ୍ତ ଝୁଲି ରହୁଥିବା ମାଳା ବିଶେଷ । (୧୩) କଳାହାଟ ଦ୍ୱାର - ମହାପ୍ରଭୁଙ୍କ ଗର୍ଭଗୃହ ଦ୍ୱାରର ନାମ କଳାହାଟ ଦ୍ୱାର । ଯେଉଁ ଦ୍ୱାର ଅତିକ୍ରମ କରି ରତ୍ନ ସିଂହାସନ ନିକଟକୁ ଯିବାକୁ ହୋଇଥାଏ । (୧୪) କାଠ ଘୋଡ଼ା - ଏକ ଅଢ଼େଇ ଫୁଟ ଲମ୍ବ ବିଶିଷ୍ଟ ବେଂଚ ଯାହା ଉପରେ ଚଢ଼ି ଠାକୁରଙ୍କ ବେଶ କରାଯାଏ । (୧୫) କୁଆ ଉଡ଼ା ସେବକ - ରୋଷ ଶାଳାରୁ ଶ୍ରୀମନ୍ଦିରକୁ ପ୍ରସାଦ ଆଣିବା ସମୟରେ କୁଆକୁ ଜଗି ରହୁଥିବା ସେବାୟତ । (୧୬) କୁଡୁଆ - ମହାପ୍ରସାଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ଛୋଟ ହାଣ୍ଡି । (୧୭) କୁଶାଣ୍ଡ - ହୋମ ସମୟରେ କରାଯାଉଥିବା ଅଗ୍ନିପୂଜା ବ୍ୟବସ୍ଥା । (୧୮) କୋଇଲି ବୈକୁଣ୍ଠ - ଯେଉଁଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଜୀର୍ଣ୍ଣ କଳେବର ପ୍ରତ୍ଥିତ ହୋଇଥାଏ । (୧୯) ଖଟଣୀ ବୈଷ୍ଣବ - ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଆଳତି ଓ ବଡ଼ସିଂହାର ନାମ ଭଜନ କରୁଥିବା ବଡ଼ଛତା ମଠର ସେବାୟତ । (୨୦) ଖଣ୍ଡୁଆ ପାଟ - ମହାପ୍ରଭୁଙ୍କ ବଡ଼ସିଂହାର ବେଶରେ ବ୍ୟବହୃତ ଗୀତଗୋବିନ୍ଦ ଲେଖାଥିବା ପାଟବସ୍ତ୍ର । (୨୧) ଖଳିଆଳତି - ମହାପ୍ରଭୁଙ୍କ ଯେଉଁ ଆଳତିରେ ଘିଅ ବଳିତା ଉପରେ ଚାଉଳ ଚୁନା ଚକଟା ହୋଇଥାଏ । (୨୨) ଖୁଂଟିଆ ସେବକ- ନିଯୋଗ ସମ୍ପ୍ରଦାୟର ସେବକ ବ୍ରାହ୍ମଣ । (୨୩) ଖୁରୀ - ବାଲିପୂର୍ଣ୍ଣ କାଚପାତ୍ରରୁ ଛିଦ୍ର ଦେଇ ଅନ୍ୟ ଏକ ପାତ୍ରକୁ ଯାଇ ସମୟ ନିର୍ଦ୍ଧାରଣ କରାଯାଏ । (୨୪)ଖେଇ -ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୋଗରୁ ସେବାୟତଙ୍କ ପ୍ରାପ୍ୟ ଅଂଶକୁ ଖେଇ କହନ୍ତି । ପ୍ରତ୍ୟେକ ସେବାୟତଙ୍କ ପ୍ରାପ୍ୟ ଅଂଶ କର୍ମାନୁଯାୟୀ ସ୍ପଷ୍ଟ ହୋଇଥାଏ । (୨୫) ଗରାବଡୁ ସେବକ - ମହାପ୍ରଭୁଙ୍କ ବିଭିନ୍ନ ପୂଜା ସମୟରେ ଯେଉଁ ସେବକ ପୂଜକଙ୍କ ହାତକୁ ଜଳ ଯୋଗାଇ ଦିଅନ୍ତି । (୨୬) ଘଟୁଆରୀ ସେବକ - ମହାପ୍ରଭୁଙ୍କ ଲାଗି ଚନ୍ଦନ ଘୋରି ପ୍ରସ୍ତୁତ କରୁଥିବା ସେବାୟତ । (୨୭) ଘଷା - ମହାପ୍ରଭୁଙ୍କ ନିମନ୍ତେ ଉଦ୍ଦିଷ୍ଟ ଜାଇ ଫଳ ଘୋରା ଜଳରେ ଚନ୍ଦନ କର୍ପୂର ମିଶ୍ରିତ ହୋଇ ପ୍ରସ୍ତୁତିକୁ ଘଷା କହନ୍ତି । (୨୮) ଚର୍ଚ୍ଚା ଅମିନ - ଯେଉଁ ସେବାୟତ ଠାକୁରଙ୍କ ନୀତିର ତଦ୍ୱ ନେଇଥାନ୍ତି । (୨୯) ଚରୁହୋତା - ଠାକୁରଙ୍କ ପୂଜା ପଣ୍ଡା (୩୦) ଚାଙ୍ଗଡ଼ା ମେକାପ - ଚତୁର୍ଦ୍ଧାମୂର୍ତ୍ତିଙ୍କ ବେଶ ସମୟରେ ଯେଉଁ ବ୍ରାହ୍ମଣ ରତ୍ନ ସିଂହାସନ ନିକଟରେ ଚାଙ୍ଗଡ଼ାରେ ବେଶ ସାମଗ୍ରୀ ମାନ ଯୋଗାଇ ଥାଆନ୍ତି । (୩୧) ଛାମୁ ଖୁଂଟିଆ - ମହାପ୍ରଭୁଙ୍କ ବ୍ୟକ୍ତିଗତ ଅଙ୍ଗରକ୍ଷୀ । ସର୍ବଦା ସେ ପ୍ରଭୁଙ୍କ ଶ୍ରୀଅଙ୍ଗ ଜଗି ରହିଥାନ୍ତି । ଏପରିକି ବାହାର ବିଜେ ସମୟରେ ମଧ ବେତ ଧରି ଜାଗ୍ରତ ଥାଆନ୍ତି (୩୨) ଛାମୁ ଛାଡ଼ - ଭୋଗମଣ୍ଡପ ପୂଜା ସମୟରେ ମହାପ୍ରଭୁଙ୍କ ଆଗରେ କେହି ରହନ୍ତି ନାହିଁ । ଏହି ବ୍ୟବସ୍ଥାକୁ ଛାମୁ ଛାଡ଼ କୁହାଯାଏ । (୩୩) ଜଗମୋହନ - ଗର୍ଭ ଗୃହର ସମ୍ମୁଖ ଭାଗ । ଶ୍ରୀଜଗନ୍ନାଥଙ୍କ ନିମନ୍ତେ ଉଦ୍ଦିଷ୍ଟ ନୃତ୍ୟ ଗୃହ ବା ଭକ୍ତଙ୍କ ଜଗନ୍ନାଥ ଦର୍ଶନ ମିନ୍ତେ ସମବେତ ସ୍ଥାନ । ଯେଉଁଠାରେ ମହାପ୍ରଭୁଙ୍କ ପରମ ଭକ୍ତ ଗରୁଡ଼ ଯୋଡ଼ହସ୍ତ ପୂର୍ବକ ଧ୍ୟାନ ଯୋଗରେ ବସିଥାନ୍ତି । (୩୪) ଜଗିଆ ମହାସୁଆର - ମହାପ୍ରଭୁଙ୍କ ରୋଷ ଶାଳାରେ ରୋଷ ଭୋଗ ସାମଗ୍ରୀକୁ ଜଗି ରହୁଥିବା ସେବାୟତ । (୩୫) ଜୟବିଜୟ ଦ୍ୱାର - ଜଗମୋହନ ବା ନାଟ ମଣ୍ଡପରୁ ମନ୍ଦିର ଭିତରକୁ ଯିବା ଦ୍ୱାର । ଏହି ଦ୍ୱାରର ଉଭୟ ପାର୍ଶ୍ୱରେ ମହାପ୍ରଭୁଙ୍କ ଦୁଇ ବିଶ୍ୱସ୍ତ ବାହନ ଜୟ ଓ ବିଜୟ ଜଗି ରହିଥାନ୍ତି । (୩୬) ଜାଗର ଦୀପ - ଠାକୁରଙ୍କ ସମ୍ମୁଖରେ ଅହରହ ଜଳୁଥିବା ଦୀପ । (୩୭) ଝିନପତନି - ମହାପ୍ରଭୁଙ୍କ ସୂକ୍ଷ୍ମ ପଟବସ୍ତ୍ର (୩୮) ଟେରା - ଧୂପ ଉଠିବା ପୂର୍ବରୁ ଭିତର ଅର୍ଗଳି ଓ କଳାହାଟ ଦ୍ୱାରରେ ବନ୍ଧା ଯାଉଥିବା ପାଟପତନି (୩୯) ତଡ଼ପା - ଅବକାଶ ସମୟରେ ଠାକୁର ପରିଧାନ କରୁଥିବା ଶୁକ୍ଳ ବସ୍ତ୍ର ଦ୍ୱୟ । (୪୦) ତଳିଛ - ରୋଷର ଅଧିକାରୀଙ୍କୁ ତଳିଛ କୁହାଯାଏ । (୪୧) ତୁଣିଆ - ରୋଷ ନିମନ୍ତେ ପରିବା କଟାକଟି କରୁଥିବା ସେବାୟତ । (୪୨) ତୋଳାବଡୁ - ମହାପ୍ରଭୁଙ୍କ ନିମନ୍ତେ କାଂଶ୍ୟ ଧାତୁରେ ନିର୍ମିତ ଦର୍ପଣ । ଧୂପ ଓ ଅବକାଶ ସମୟରେ ଏହା ଉପରେ ମହାପ୍ରଭୁଙ୍କ ପ୍ରତିବିମ୍ବ ପଡ଼ିଥାଏ ଓ ମହାପ୍ରଭୁଙ୍କର ଦର୍ପଣ ସ୍ନାନ କରାଯାଏ । (୪୩) ତ୍ରିରତ୍ନ - ବୁଦ୍ଧ, ଧର୍ମ, ସଂଘ ତତ୍ୱର ପ୍ରତୀକ । (୪୪) ତ୍ରିମୂର୍ତ୍ତି - ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ତ୍ରିମୂର୍ତ୍ତି କୁହାଯାଏ । (୪୫) ଦକ୍ଷିଣ ଘର - ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱ ଦକ୍ଷିଣଦ୍ୱାର ନିକଟରେ ବିଜେ ପ୍ରତିମାଙ୍କ ମନ୍ଦିର । (୪୬) ଦିହୁଡ଼ି - କନାହୁଳା ବା ମଶାଲ । (୪୭) ଧୋପଖାଳ - ମନ୍ଦିର ଭିତରକୁ ଧୁଆଯାଇ ପରିଷ୍କାର କରିବା ବ୍ୟବସ୍ଥା । (୪୮) ଧୋବା ପ୍ରତିହାରୀ - ଚତୁର୍ଦ୍ଧାମୂର୍ତ୍ତିଙ୍କ ଅବକାଶ ନୀତିରେ ବାହାରୁଥିବା ବସ୍ତ୍ରକୁ ସଫା ସୁତରା କରୁଥିବା ବ୍ରାହ୍ମଣ ସେବାୟତ । (୪୯) ନବକଳେବର - ଶ୍ରୀକ୍ଷେତ୍ରରେ ଯେଉଁବର୍ଷ ଦୁଇଟି ଆଶାଢ଼ ପଡ଼େ ସେହି ବର୍ଷ ଠାକୁରଙ୍କ ନୂତନ କଳେବର ଧାରଣକୁ ନବକଳେବର କହନ୍ତି । (୫୦) ନଳିଭୁଜ - ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲାଗି ଅଳଙ୍କାର ବିଶେଷ । (୫୧) ନାନାବତୀ - ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ହାଣ୍ଡି ବା କୁଡୁଆ ପ୍ରଭୃତିକୁ କୁମ୍ଭାର ପାଖରୁ ଆଣି ସାଇତି ରଖୁଥିବା ନିଯୋଗ । (୫୨) ନିଯୋଗ - ପ୍ରତିଦିନ ଶ୍ରୀଜୀଉଙ୍କ ସେବାରେ ଲାଗି ହେଉଥିବା ସେବାୟତ । (୫୩) ପତ୍ରୀବଟୁ - ଠାକୁରଙ୍କ ପୂଜା ସମୟରେ ଫୁଲ ତୁଳସୀ ଯୋଗାଉଥିବା ନିଯୋଗ । (୫୪) ପଣ୍ଡା ସାମନ୍ତ - ମହାପ୍ରଭୁଙ୍କ ପୂଜା ପଣ୍ଡା (୫୫) ପଂକ୍ତିସ୍ଥାନ - ପୂଜା ସ୍ଥାନ (୫୬) ପରଖ -ପୂଜା ସମୟରେ ପୂଜକ ହାତଧୋଇବା ନିମନ୍ତେ ବ୍ୟବହାର କରୁଥିବା ପାତ୍ର । (୫୭) ପରମାଣିକ ଦର୍ଶନ - ଟିକଟ କାଟି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅତିନିକଟରୁ ଦର୍ଶନ କରିବା ବ୍ୟବସ୍ଥା । (୫୮) ପରିଛା - ଠାକୁରଙ୍କ ସେବା କାର୍ଯ୍ୟକୁ ପ୍ରତିଦିନ ନିର୍ଭୁଲ ଭାବରେ ହେଉଛି କି ନାହିଁ ତନଖି କରୁଥିବା ସେବକ (୫୯) ପଶୁପାଳକ - ବେଶକାରୀ/ ସିଂହାରୀ/ପୁଷ୍ପାଳକ । (୬୦) ପହୁଡ଼ - ଶ୍ରୀଜୀଉଙ୍କ ଶୟନ ବ୍ୟବସ୍ଥା । (୬୧) ପକ୍ଷୀରାଜ ଦ୍ୱାର - ଗରୁଡ଼ଙ୍କ ପଛପଟରେ ଥିବା ଭୋଗ ମଣ୍ଡପ ଦ୍ୱାର । (୬୨) ପାଂଚପିଣ୍ଡି - ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ, ସୁଦର୍ଶନ ଓ ମା' ଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରର ପାଂଚପିଣ୍ଡି କହନ୍ତି । (୬୩) ପାଳିଆ ଖୁଂଟିଆ - ଶ୍ରୀଜୀଉ ଚନ୍ଦନଲାଗି ହେବାକୁ ଯେଉଁ ସେବାୟତ ଡ଼ାକ ଦିଅନ୍ତି । (୬୪) ପୂଜା ଠାଆ - ପୂଜା ପ୍ରକ୍ରିୟା (୬୫) ପୋଖରିଆ - ଯେଉଁ ସ୍ଥାନରେ ଦାରୁ ବ୍ରହ୍ମ ବିରାଜମାନ କରିଥାନ୍ତି । (୬୬) ପ୍ରତିହାରୀ - ଠାକୁରଙ୍କୁ ଶ୍ରଦ୍ଧାଳୁ ଦର୍ଶନ କରିବା ସମୟରେ ଜଗୁଥିବା ସେବାୟତ ଯିଏ ହାତରେ ବେତ ଧରି ମଣିମା ମଣିମା ଡ଼ାକନ୍ତି । (୬୭) ଫୁଟା - ଠାକୁରଙ୍କ ଶ୍ରୀଭୁଜରେ ଯେଉଁ ବସ୍ତ୍ର ଆବରଣ ଦିଆଯାଏ । (୬୮) ବଡ଼ସୁଆର - ଯେଉଁ ସେବକ ନିଃଶଙ୍କୁଡ଼ି ଭୋଗ ପ୍ରସ୍ତୁତ କରନ୍ତି । (୬୯) ବଡୁ ମହାପାତ୍ର - ମହାପ୍ରଭୁଙ୍କ ପ୍ରଥମ ସେବକ ଗଜପତି ମହାରାଜଙ୍କ ନଅର ଖେଇ ଦାୟିତ୍ୱ ନେଉଥିବା ସେବାୟତ । (୭୦) ବଲ୍ଲଭ ଭୋଗ - ସକାଳ ଅବକାଶ ପରେ ଶ୍ରୀଜୀଉଙ୍କ ଠାରେ ଲାଗି ହେଉଥିବା ଶୁଖିଲା ଭୋଗ । (୭୧) ବାରି ଖଣ୍ଡୁଆ - ସପ୍ତାହର ବିଭିନ୍ନ ବାର ଅନୁଯାୟୀ ଲାଗି ହେଉଥିବା ବିଭିନ୍ନ ରଙ୍ଗର ଖଣ୍ଡୁଆ । (୭୨) ଭଣ୍ଡାର ମେକାପ - ଶ୍ରୀମନ୍ଦିରର ଭଣ୍ଡାର ରକ୍ଷକ । (୭୩) ଭଜନି ସେବକ- ସକାଳ ଧୂପ, ସନ୍ଧ୍ୟା ଧୂପ, ଟେରା ପଡ଼ିଥିବା ସମୟରେ ଝାଞ୍ଜ ବଜାଇ ମନ୍ଦିର ପରିକ୍ରମା କରୁଥିବା ନିଯୋଗ । (୭୪) ମଇଲମ - ଶ୍ରୀଜୀଉଙ୍କ ବେଶ ଲାଗି ହେବା । (୭୫) ମାଦଳା ପାଞ୍ଜି - ତାଳପତ୍ର ପୋଥି । ଯେଉଁଥିରେ ଜଗନ୍ନାଥ ମନ୍ଦିରର ନୀତି ତଥ୍ୟ ଓ ତତ୍ୱ ବର୍ଣ୍ଣିତ ଅଛି । (୭୬) ମୁଦୁଲି ସେବକ - ରାତ୍ର ପହଡ଼ ସମୟରେ କଳାଦ୍ୱାର, ଦକ୍ଷିଣ ଦ୍ୱାର ମୁଦ ନିମନ୍ତେ ମଣ୍ଟା ମାଟି ଓ ଚାବି ଦେଉଥିବା ସେବକ । (୭୭) ମହାପ୍ରସାଦ - ଜଗନ୍ନାଥଙ୍କ ଠାରେ ଲାଗି ହେଉଥିବା ପ୍ରସାଦ ମା' ବିମଳାଙ୍କ ପାଖରେ ଲାଗିହେବା ପରେ ମହାପ୍ରସାଦ ହୁଏ । (୭୮) ଲଣ୍ଡା ବ୍ରତ - ଦ୍ୱାର ବନ୍ଧର ଉପରିଭାଗ ଓ ତଳ ପାବଛ । (୭୯) ବଲଙ୍କା - ଚର୍ଚ୍ଚାରତ ପାଇକଙ୍କର ଉପରିସ୍ଥ କର୍ମଚାରୀ । (୮୦) ଶ୍ରୀମୁଣ୍ଡି ବେଶ - ଶ୍ରୀଜୀଉଙ୍କ ମସ୍ତକରେ ଲାଗି ହେଉଥିବା ବସ୍ତ୍ର ଆଭୁଷଣ । (୮୧) ଶ୍ରୀ ଶାଢ଼ୀ ପ୍ରସାଦ - ଶ୍ରୀଜୀଉଙ୍କ ଲାଗି ଉଦ୍ଦିଷ୍ଟ ପୁଷ୍ପ ସମୂହ । (୮୨) ସାହାଣ ମେଳା - ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା । (୮୩) ସିଂହାରୀ - ଠାକୁରଙ୍କୁ ବେଶ କରୁଥିବା ସେବାୟତ ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଉପରୋକ୍ତ ବର୍ଣ୍ଣିତ ଶବ୍ଦ ପରି ଆହୁରି ଅନେକ ଶବ୍ଦ ରହିଛି । ଜଗନ୍ନାଥ ଶ୍ରଦ୍ଧାଳୁ ମାନେ ଏହାକୁ ଜାଣିବା ଆବଶ୍ୟକ । ଫଳରେ ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ନୀତିକାନ୍ତି ବର୍ଣ୍ଣନାର ଅର୍ଥକୁ ଯଥାଯଥ ଭାବରେ ହୃଦୟଙ୍ଗମ କରିପାରିବେ । ଏହି ପ୍ରକ୍ରିୟାକୁ ନିରନ୍ତର ଜାରି ରଖିବା ଆବଶ୍ୟକ ।

+ପ୍ରାକ୍ତନ ପ୍ରାଧାପକ ଓ ମୁଖ୍ୟ
ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

## ସାରସ୍ୱତ ସାଧନାର ଅନନ୍ୟ ପୀଠ: ସାରଳା ସାହିତ୍ୟ ସଂସଦ



### ଇନ୍ଦୁ ଭୂଷଣ ଭୂୟାଁ

ହଜାର ବର୍ଷର ଗୌରବାମୟ ସହର ହେଉଛି କଟକ ସହର। ଏହି ମାଟିରେ ଅନେକ କାଳଜୟୀ, କୃତୀ ଓଡ଼ିଆ ଓ ଗୌରବପୂର୍ଣ୍ଣ କଟକିଆଙ୍କ ସ୍ମୃତି ମଧ୍ୟ ପରିପୂର୍ଣ୍ଣ। ସହରର ଦୁଇପଟରେ ମହାନଦୀ ଓ କାଠଯୋଡ଼ି ଏହାର ଭୌଗୋଳିକ ଅବସ୍ଥିତିକୁ ଅତି ସୁନ୍ଦର ଭାବେ ଗଢ଼ି ତୋଳିଛି। ଭାଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସମଗ୍ର ଓଡ଼ିଶାରେ କଟକ ସହରର ସ୍ଥାନ ସ୍ୱତନ୍ତ୍ର। କଟକରେ ଅନେକ କାଳଜୟୀ ଲେଖକ ଓ ସାରସ୍ୱତ ସାଧକଙ୍କ ଘର ରହିଛି, ସେମାନଙ୍କ ସାଧନାର ସ୍ମୃତି ରହିଛି। ସେହିପରି ସାରସ୍ୱତ ସାଧକ ମାନଙ୍କୁ ପ୍ରେରଣା ଯୋଗାଇବା ପାଇଁ ଅନେକ ସାରସ୍ୱତ ସଂଗଠନ ମଧ୍ୟ ରହିଛି। ଓଡ଼ିଆ ଭାଷାର ପ୍ରଚାର, ସାହିତ୍ୟ ସାଧକଙ୍କୁ ପ୍ରୋତ୍ସାହନ, ପ୍ରତିଭା ପୂଜା ପାଇଁ ସମର୍ପିତ କାର୍ଯ୍ୟ କରୁଥିବା ସାରସ୍ୱତ ଅନୁଷ୍ଠାନ ମାନଙ୍କ ମଧ୍ୟରେ 'ସାରଳା ସାହିତ୍ୟ ସଂସଦ'ର ସ୍ଥାନ ସର୍ବାଗ୍ରେ। ୪୫ ବର୍ଷ ତଳେ କଟକ ସହରରେ ଏହି ଅନୁଷ୍ଠାନ ଗଢ଼ା ହୋଇଥିଲା। କିନ୍ତୁ ବାସ୍ତବରେ ଏହି ଅନୁଷ୍ଠାନର ବୀଜ ବପନ ହୋଇଥିଲା ଜଗତସିଂହପୁର ଝଙ୍କଡ଼ସ୍ଥିତ ମୁନିଗୋସାଇଁ ପୀଠରୁ। କଟକ ସହରରେ ଏପରି ଏକ ଅନୁଷ୍ଠାନ ଗଠନ କରିବା କମ ବଡ଼ ଆହ୍ୱାନ ନଥିଲା। ଝଙ୍କଡ଼ ମୁନିଗୋସାଇଁ ପୀଠରେ ପ୍ରତିବର୍ଷ ଆଦିକବି ସାରଳା ଦାସଙ୍କ ପୁଣ୍ୟ ତିଥି ପାଳନ ଉତ୍ସବରୁ ସଂସଦର ସଭାପତି ଡକ୍ଟର ଇଞ୍ଜିନିୟର ପ୍ରଭାକର ସ୍ୱାଇଁ ସାହିତ୍ୟ ଲେଖିବା ଓ ପଢ଼ିବା ପାଇଁ ପ୍ରେରଣା ପାଇଥିଲେ। ୧୯୭ରେ ଡକ୍ଟର ସ୍ୱାଇଁ ରାଉରକେଲା ଏନଆଇଟି ଛାତ୍ର ଥିବା ଅବସ୍ଥାରେ ଅନ୍ୟ ଛାତ୍ର ମାନଙ୍କୁ ଧରି ଏକ ଅନୁଷ୍ଠାନ ଗଢ଼ି ସାରଳା ଦାସଙ୍କ ପୁଣ୍ୟତିଥ ପାଳନ ଆରମ୍ଭ କରିଥିଲେ। ୧୯୮୧ରେ ଡକ୍ଟର ସ୍ୱାଇଁ ବିଦ୍ୟୁତ ବିଭାଗର ଉଚ୍ଚପଦସ୍ଥ ଯନ୍ତ୍ରୀ ଭାବେ କଟକରେ ଅବସ୍ଥାପିତ ହେଲେ। ସେହି ୧୯୮୧, ଡିସେମ୍ବର ମାସରେ କିଛି ସାହିତ୍ୟିକଙ୍କୁ ଏକାଠି କରି ଡକ୍ଟର ପାଇଁ କଟକରେ ସାରଳା ସାହିତ୍ୟ ସଂସଦ ଗଢ଼ିଲେ। ପ୍ରଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପ୍ରାଣିଗ୍ରାହୀ ହେଲେ ପ୍ରଥମ ସଭାପତି ଓ ଡକ୍ଟର ସ୍ୱାଇଁ ହେଲେ ପ୍ରଥମ ସଂପାଦକ। ପଦ୍ମଶ୍ରୀ ପ୍ରତିଭା ରାୟ, ଡାକ୍ତର ନିରଦ କୁମାର ଗଛାୟତ, ଡକ୍ଟର ମହେଶ୍ୱର ମହାନ୍ତିଙ୍କ ଭଳି ବିଶିଷ୍ଟ ସାହିତ୍ୟିକ ସଭ୍ୟ ହେଲେ। ୧୯୮୨ ମସିହା ଜାନୁଆରୀ ୨୯ରେ ସାରଳା ସାହିତ୍ୟ ସଂସଦ ଆନୁଷ୍ଠାନିକ ଭାବେ ଉଦଘାଟନ ହେଲା। ସଭାଗୃହ ନଥିବାରୁ ଅନୁଷ୍ଠାନର ପ୍ରଥମ ସଭା ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେଲା। ଏହି ସଭାରେ କାଳିନ୍ଦୀ ଚରଣ ପାଣିଗ୍ରାହୀ, ରାଧାନାଥ ରଥ, ପଠାଣି ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ୧୯୮୩ରୁ ଅନୁଷ୍ଠାନ ପ୍ରତିଭାବାନ ସାହିତ୍ୟିକଙ୍କ ଉଦ୍ଦେଶ୍ୟରେ 'ସାରଳା ସମ୍ମାନ' ଦେବା ଆରମ୍ଭ କଲା। ବିଶିଷ୍ଟ ସାହିତ୍ୟିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରଥମ ସାରଳା ସମ୍ମାନ ପାଇଥିଲେ। ପରେ ପରେ ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ପ୍ରତିଭା ରାୟ ପ୍ରମୁଖ ଏହି ସମ୍ମାନର ଅଧିକାରୀ ହେଲେ। ୧୯୯୬ରେ ସାରଳା ସାହିତ୍ୟ ସଂସଦ କଟକର ବିଜୁ ପଟ୍ଟନାୟକ ଛକରେ ନିଜସ୍ୱ କାର୍ଯ୍ୟାଳୟ ଓ ସଭାଗୃହ ସାରଳା ଭବନ ନିର୍ମାଣ କରିଛି। ୨୦୦୭ ମସିହାର ସାରଳା ସାହିତ୍ୟ ସଂସଦ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଜଣେ ଓଡ଼ିଆଙ୍କୁ 'କଳିଙ୍ଗ ରତ୍ନ ସମ୍ମାନ' ପ୍ରଦାନ କରିବାକୁ ନିଷ୍ପତ୍ତି ନେଲା। ୨୦୦୭ରେ ପ୍ରଥମ ଥର ଜଷ୍ଟିସ ରଙ୍ଗନାଥ ମିଶ୍ର କଳିଙ୍ଗ ରତ୍ନ ସମ୍ମାନ ଲାଭ କଲେ। ପରକୁ ପର ପୂର୍ବତନ ବାଚସ୍ପତି ରବି ରାୟ, ଜଷ୍ଟିସ ଅରଜିତ ପଶାୟତ, ରମାକାନ୍ତ ରଥ, ତୁଳସୀ ମୁଣ୍ଡା, ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କ ଭଳି ବ୍ୟକ୍ତି ଏହି ସମ୍ମାନ ଲାଭ କରିଛନ୍ତି। ଏବେ ସଂସଦ ୧୦୦ରୁ ଅଧିକ ଗ୍ରନ୍ଥ ପ୍ରକାଶନ କରିବା ସହ ବହୁସ୍ଥାନରେ ଶାଖା ଖୋଲିଛି। ଏପରିକି ଦିଲ୍ଲୀ, କୋଲକାତା, ମୁମ୍ବାଇରେ ଅନୁଷ୍ଠାନର ଶାଖା ଖୋଲି ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାରର କରିଚାଲିଛି। ଏହି ଅନୁଷ୍ଠାନ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ 'ସାରଳା ମହାଭାରତ'ର ୧୮ଟି ପର୍ବ ପ୍ରକାଶ କରିଛି। ମହାନଦୀ ରିଂରୋଡ଼ରୁ ପୁରୁଣା ଡିଅର ପାର୍କ ହୋଇ ବିଜୁ ବାବୁଙ୍କ ଆନନ୍ଦ ଭବନ ବାସ ଭବନ ସନ୍ନିକଟ ଅଞ୍ଚଳରେ ରହିଛି ସାରଳା ସାହିତ୍ୟ ସଂସଦ ଯାହାକି ବିଜୁ ପଟ୍ଟନାୟକ ଛକ ଅଞ୍ଚଳ ଅନ୍ତର୍ଭୁକ୍ତ। ଅନେକ ସାରସ୍ୱତ ସଂଗଠନ ଓ ସାରସ୍ୱତ ସାଧକଙ୍କ କାର୍ଯ୍ୟକ୍ରମ ଏପରି ଏକ ମନୋଜ୍ଞ ଅନୁଷ୍ଠାନରେ ନିୟମିତ ଭାବେ ଆୟୋଜିତ ହେଉଛି। ଓଡ଼ିଶାର ଅନ୍ୟଏକ ସାରସ୍ୱତ ସାଧନାର ଅନନ୍ୟ ଓ ଶ୍ରେଷ୍ଠତମ ପୀଠ କହିଲେ ଏହି ସାରଳା ସାହିତ୍ୟ ସଂସଦକୁ ଏହା ଅତ୍ୟୁକ୍ତି ହେବନାହିଁ।

+ପ୍ରତିଷ୍ଠାତା, ସମ୍ପାଦକ
'ସିଂହଭୂମ୍', ପୁରୁଣା ସୋନାରି,
ଜାମସେଦପୁର
ମୋ: ୭୪୮୮୯୯୮୫୩୨

କବିତା କୋଣାର୍କ



## ସୈନିକ

### ବିଷ୍ଣୁ ପ୍ରସାଦ ଦାସ

ଅନ୍ଧାର ରାତିରେ ଯେତେବେଳେ
ସିଆଚୀନ୍ ବରଫ ପାଲଟି ଯାଏ,
ସୈନିକ ନିରବରେ କର୍ତ୍ତବ୍ୟ କରୁଥାଏ
ଆମର ସୁଖ ନିଦ୍ରା ପାଇଁ ଅନିଦ୍ରା ରହେ।

ଅନନ୍ତ ରାତିର ନୀରବତା ମଧ୍ୟରେ
ସୂର୍ଯ୍ୟାଲୋକ ଦେଖିବାର ଆଶାରେ,
ଆଲୋକର କ୍ଷୀଣ ରେଖା ଦେଖି
ମନରେ ନୂଆ ଆଶାର ସଂଚାର ହୁଏ ।

ଅନିଦ୍ରା ରାତ୍ରିର କ୍ଳାନ୍ତ ଦେହ ନେଇ
ଚାଲିଥାଏ ସୀମାରେ ପ୍ରହରା ଦେଇ,
ଦିଗନ୍ତ ବିସ୍ତାରିତ ହିମ ପର୍ବତମାଳା
କଦବା କୋଚିତ୍ ଫୁଟେ ଗୁଳି-ଗୁଳା ।
ସେଠାରେ—
ସୈନିକର ଦେଶ ଭକ୍ତି ସାମ୍ନାରେ ତାର
ସମସ୍ତ ଆକାଂକ୍ଷା ନୀରବି ଯାଏ ।

କର୍ତ୍ତବ୍ୟର ଆହ୍ୱାନରେ ଜାଗ୍ରତ ପ୍ରହରୀ
ହୋଇ ଦେଶର ଗୌରବ ବଢାଏ ।
ପ୍ରଭାତର ସୂର୍ଯ୍ୟ—
ହିମ ଶିଖରକୁ ସ୍ୱର୍ଣ୍ଣିଳ ରୂପ ଦିଏ,
ଶୁଭ ସକାଳ ତାଙ୍କୁ ସଂଗ୍ରାମ ସିଖାଏ,
ଜୀବନର ମାନେ ନୁହେଁ
ବର୍ଷ ମାସ ଦିନ,
ଜୀବନ ତାଙ୍କ ପାଇଁ ଏକ ସ୍ୱାଭିମାନ।
ସ୍ତ୍ରୀର ସ୍ନେହ, ସନ୍ତାନଙ୍କ ହସ
ହୃଦୟରେ ବାନ୍ଧି ରଖିଥାଏ,
କର୍ତ୍ତବ୍ୟର ଆହ୍ୱାନରେ
ସେ ଆଗେଇ ଚାଲୁଥାଏ ।
ବିରହ ବେଦନା,
ସଂସାରର ଭଲ-ମନ୍ଦ ଭୂଲି
ଗୁଳି ଗୋଳା ନେଇ
ଖେଳେ ସେ ହୋଲି।
ହୃଦୟରେ ତା'ର ପରିବାର
ସର୍ବଦା ଥିଲେ, ରହିବେ ଆଜୀବନ,
କର୍ତ୍ତବ୍ୟ ଟାଣି ନିଏ ଦୂରକୁ କିଛି ଦିନ।
ପରିବାରର ସ୍ନେହ, ପ୍ରେମ ଓ ଦେଶଭକ୍ତି
ସୈନିକର ରକ୍ତରେ ରହିଛି,
ନୀରିହ ଦେଶବାସୀଙ୍କ ବିଶ୍ୱାସର
ଜାଗ୍ରତ ପ୍ରହରୀ ସେ ସାଜିଛି ।
ସୈନିକ ଶୋଇ ନାହାନ୍ତି—
ସୀମାରେ ଜଗି ରହିଛନ୍ତି ଦିବା-ରାତ୍ରୀ,
ସୁରକ୍ଷା ଦେଉଛନ୍ତି ଆମକୁ ଦେଖାଇ
ଦେଶ ପ୍ରେମର ଶକ୍ତି ।

ସୈନିକ ଜୀବନ
କେବଳ ଜୀବନ ନୁହେଁ,
ଏହା ଏକ ପ୍ରତିଜ୍ଞା—
ମାତୃଭୂମି ପାଇଁ
ଜୀବନ ସମର୍ପଣର ଅନନ୍ୟ ସଂଜ୍ଞା ।

ସାହସ, ଧୈର୍ଯ୍ୟର ପରାକ୍ରମ ନେଇ
ବଳିଦାନର ଅଗ୍ନିରେ ଝାସ ଦେଇ,
ସାର୍ବଭୌମତ୍ୱକୁ ସୁରକ୍ଷା ଦିଏ
ତ୍ରିରଙ୍ଗା ପତାକାକୁ ଚାହିଁ ।

ଆମ ଆଶା-
ମାତୃଭୂମି ସଦା ଶକ୍ତିଶାଳୀ ରହୁ,
ତ୍ରିରଙ୍ଗା ପତାକା
ଗର୍ବରେ ଆକାଶ ଛୁଇଁ ଥାଉ ।

ଗଭୀର ଶ୍ରଦ୍ଧା ପ୍ରେମରେ
ଆମେ ତାଙ୍କୁ ସଲାମ କରୁଛୁ,
ପ୍ରତିଜ୍ଞା ମଧ୍ୟ କରୁଛୁ-
ଦେଶ ପାଇଁ ଜୀବନ ଦେଇଥିବା
ସହୀଦ ମାନଙ୍କୁ
ହୃଦୟରେ ବାନ୍ଧି ରଖିଛୁ ।

+ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
କଟକ ୭୫୩୦୦୯

# ନୈତିକ ମୂଲ୍ୟବୋଧ ଶିକ୍ଷାର ଆବଶ୍ୟକତା



ଦୀପିକା ହୋତା

ପ୍ରତ୍ୟେକ ଜାତିର ସାମାଜିକ ଏବଂ ସାଂସ୍କୃତିକ ପ୍ରଗତି ଏହାର ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରେ। ସ୍ୱାଧୀନତା ପରଠାରୁ ଆମ ଦେଶରେ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ହୋଇଛି। କିନ୍ତୁ, ଏହାର ଅସୁବିଧା ହେଉଛି ଯେ ନୈତିକ ଶିକ୍ଷାକୁ ପର୍ଯ୍ୟାପ୍ତ ଧ୍ୟାନ ଦିଆଯାଇ ନାହିଁ। ଏହା ଭାରତୀୟ ଯୁବପିଢ଼ିଙ୍କୁ ମୂଲ୍ୟବୋଧ ଏବଂ କେବଳ ଭୌତିକବାଦରୁ ବଞ୍ଚିତ କରୁଛି।

ପ୍ରାଚୀନ ଭାରତରେ, ବର୍ଣ୍ଣ ବ୍ୟବସ୍ଥା ଅଧୀନରେ ଚରିତ୍ର ବିକାଶ ପାଇଁ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ, ଭାରତ ଶହ ଶହ ବର୍ଷ ଧରି ବିଦେଶୀ ଶାସନ ଅଧୀନରେ ରହିବା ପରେ, ଏହାର ବର୍ଣ୍ଣ ବ୍ୟବସ୍ଥା ଭାଙ୍ଗିଗଲା ଏବଂ ଶିକ୍ଷା ଚରିତ୍ର ଗଠନ ନୁହେଁ ବରଂ ଅର୍ଥ ଉପାର୍ଜନ ଉପରେ କେନ୍ଦ୍ରିତ ହୋଇଗଲା। ଏହା ଏଠାରେ ନୈତିକ ଶିକ୍ଷାର ଅବନତି ଘଟାଇଲା। ଏହି ପରିସ୍ଥିତିକୁ ସମାଧାନ କରି, ନୈତିକ ଶିକ୍ଷା ବର୍ତ୍ତମାନ ପ୍ରାଥମିକ ଏବଂ ମାଧ୍ୟମିକ ସ୍ତରରେ ଅନ୍ତର୍ଭୁକ୍ତ କରାଯାଉଛି।

ସଂସ୍କୃତି ପ୍ରେମୀମାନେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାର ଗୁଣ ଏବଂ ଦୋଷ ଉପରେ ପ୍ରତିଫଳିତ ହୋଇଛନ୍ତି ଏବଂ ନୈତିକ ଶିକ୍ଷାର ପ୍ରସାରକୁ ସମର୍ଥନ କରିଛନ୍ତି। ଫଳସ୍ୱରୂପ, ଛାତ୍ର ଜୀବନ ଏକ ଆଚରଣ ବିଦ୍ୟାଳୟ ହୋଇଥିବାରୁ, ଛାତ୍ରମାନଙ୍କ ପାଇଁ ନୈତିକ ଶିକ୍ଷା ସେମାନଙ୍କ ସ୍ତର ଅନୁସାରେ ସଜାଡ଼ିବା ଆରମ୍ଭ ହୋଇଛି। ବ୍ୟକ୍ତି, ସମାଜ ଏବଂ ଜାତି ପାଇଁ ନୈତିକ ଶିକ୍ଷା ଉପଯୋଗୀ। କେବଳ ନୈତିକ ଶିକ୍ଷା ମାଧ୍ୟମରେ ଛାତ୍ରମାନେ ସେମାନଙ୍କର ଚରିତ୍ର ଏବଂ ଏକ ସୁନ୍ଦର ବ୍ୟକ୍ତିତ୍ୱ ବିକଶିତ କରିପାରିବେ। ନୈତିକ ଶିକ୍ଷାରେ ସଜ୍ଜିତ ଜଣେ ଛାତ୍ରର ଭବିଷ୍ୟତ ଉଜ୍ଜ୍ୱଳ ଏବଂ ମର୍ଯ୍ୟାଦାଜନକ, ଏବଂ ଦେଶର ଭବିଷ୍ୟତ ନାଗରିକ ଭାବରେ, ସେମାନେ ସେମାନଙ୍କର ନୈତିକ ଆଚରଣ ଦ୍ୱାରା ସମଗ୍ର ଜାତିକୁ ଉପକୃତ କରନ୍ତି।

ମାନବଜାତି ପାଇଁ ନୈତିକତା ଅତ୍ୟାବଶ୍ୟକ। କୁହାଯାଏ ଯେ ନୈତିକତା ବିନା, ମଣିଷ ପଶୁ ପରି ହୋଇଯାଏ। ପ୍ରାଚୀନ କାଳରୁ, ନୈତିକ ମୂଲ୍ୟବୋଧ ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ନୈତିକ ମୂଲ୍ୟବୋଧ ଜଣେ ବ୍ୟକ୍ତିଙ୍କ ଚରିତ୍ରକୁ ଗଠନ କରେ। କାରଣ ଜଣେ ବ୍ୟକ୍ତି ଆରମ୍ଭରୁ ଯାହା ଶିଖେ ତାହା ଦ୍ୱାରା ଗଢ଼ି ଉଠିଥାଏ, ତେଣୁ ପିଲାମାନଙ୍କୁ ଛୋଟ ବୟସରୁ ନୈତିକ ଶିକ୍ଷା ଦିଆଯିବା ଉଚିତ। ନୈତିକ ଶିକ୍ଷାର ଅଭାବ ପିଲାର ଚରିତ୍ରକୁ କଳୁଷିତ କରିପାରେ, ଯାହା ସେମାନଙ୍କୁ ଚୋରି, ଡକାୟତି, ଲୁଟପାଟ ଏବଂ ଧୂମପାନ ଭଳି ଖରାପ ଅଭ୍ୟାସର ଶିକାର କରିବାକୁ ବାଧ କରେ। ତେଣୁ, ଆପଣଙ୍କ ପିଲାରେ ଯଥାସମ୍ଭବ ନୈତିକ ଶିକ୍ଷା ପ୍ରଦାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ସ୍କୁଲ ଉପରେ ନିର୍ଭର କରିବା ସଠିକ୍ ଉପାୟ ନୁହେଁ। ସ୍କୁଲ ବ୍ୟତୀତ, ଘରେ ମଧ୍ୟ ଆପଣଙ୍କ ପିଲାକୁ ନୈତିକତା ବିଷୟରେ ଶିକ୍ଷା ଦିଅନ୍ତୁ।

ସମାଜରେ, ଜଣେ ବ୍ୟକ୍ତି ଦୁଇଟି ଜିନିଷ ଦ୍ୱାରା ଚିହ୍ନିତ ହୁଏ ଗୋଟିଏ ଜ୍ଞାନ ଏବଂ ଅନ୍ୟଟି ନୈତିକ ଆଚରଣ । ଉଭୟ ଜଣେ ବ୍ୟକ୍ତିଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଅତ୍ୟାବଶ୍ୟକ। ଯଦି ଜ୍ଞାନ ସଫଳତାର ଚାବିକାଠି, ତେବେ ନୈତିକତା ହେଉଛି ସଫଳତାର ପାହାଚ। ଗୋଟିଏର ଅନୁପସ୍ଥିତି ଅନ୍ୟଟିର ପତନକୁ ନେଇଯିବ। ଜଣେ ବ୍ୟକ୍ତି ଏକ ସାମାଜିକ ପ୍ରାଣୀ। ସମାଜରେ ବଞ୍ଚିବା ପାଇଁ, ସାମାଜିକ ନିୟମ ପାଳନ କରିବା ଅତ୍ୟନ୍ତ ଜରୁରୀ। ଯେତେବେଳେ ଏକ ଶିଶୁ ଜନ୍ମ ହୁଏ, ସେତେବେଳେ ସେମାନଙ୍କର ନା ନୀତିର ବୁଝାମଣା ଥାଏ ନା ଅନୈତିକତାର। ତେଣୁ, ସେମାନେ ଯେଉଁ ଶିକ୍ଷା ପାଆନ୍ତି ତାହା ସେମାନଙ୍କୁ ଗଠନ କରିବ। ତେଣୁ, ନୈତିକତାର ଶିକ୍ଷା ଅତ୍ୟନ୍ତ ଜରୁରୀ। ନୈତିକତା ହେଉଛି ଏକ ଗୁଣ ଯାହା ପିଲାମାନଙ୍କୁ ସାମାଜିକ ପ୍ରାଣୀ ହେବାରେ ସାହାଯ୍ୟ କରେ।

ପିଲାକୁ ନୈତିକ ଶିକ୍ଷା ଦେବା ପୂର୍ବରୁ, ଆପଣ ନିଜେ ନୈତିକ ହେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ନିଜେ ନୈତିକତାର ଅଭାବ ରଖନ୍ତି, ତେବେ ଆପଣ ଏହାକୁ କିପରି ଆପଣଙ୍କ ପିଲାକୁ ପ୍ରଦାନ କରିପାରିବେ? ପିଲାଟି ଆପଣଙ୍କୁ ଅନୁକରଣ କରିବ। ତେଣୁ, ଆପଣଙ୍କୁ ପ୍ରଥମେ ନିଜେ ନୈତିକ ହେବା ଆବଶ୍ୟକ। ଏହା ବ୍ୟତୀତ, ନୈତିକ ଶିକ୍ଷାକୁ ସ୍କୁଲ ପାଠ୍ୟକ୍ରମରେ ସମ୍ପୂର୍ଣ୍ଣ ଭାବରେ ସାମିଲ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନ୍ୟ ବିଷୟଗୁଡ଼ିକ ପରି, ଏହାକୁ ପରୀକ୍ଷା କରାଯିବା ଉଚିତ, ଏବଂ ଏହାକୁ ପାସ୍ କରିବା ବାଧ୍ୟତାମୂଳକ ହେବା ଉଚିତ।ଏହି ଶିକ୍ଷା ସାମାଜିକ କ୍ଷେତ୍ରରେ ପିଲାମାନଙ୍କୁ ଠିକ୍ ଏବଂ ଭୁଲ ମଧ୍ୟରେ ପାର୍ଥକ୍ୟ କରିବାକୁ, ସହାନୁଭୂତି ବିକାଶ କରିବାକୁ ଏବଂ ସେମାନଙ୍କ ଭଲ କାର୍ଯ୍ୟର ସକାରାତ୍ମକ ପ୍ରଭାବ ଦେଖିବା ଶିଖାଇ ସେମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ।

ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସ୍କୁଲ ଏକ ପ୍ରମୁଖ ମାଧ୍ୟମ। ଏଠାରେ, ପିଲାମାନେ ସେମାନଙ୍କ ସହପାଠୀ ଏବଂ ଶିକ୍ଷକଙ୍କଠାରୁ ବ୍ୟବହାରିକ ଜୀବନର ଅନେକ ଦିଗ ଶିଖନ୍ତି। ଏହା ସେମାନଙ୍କୁ ସେମାନଙ୍କର ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରେ। ପରେ, ସେମାନଙ୍କ ପାଇଁ ବୃତ୍ତିଗତ କିମ୍ବା ସାମାଜିକ ଦାୟିତ୍ୱ ତୁଲାଇବା ସହଜ ହୋଇଯାଏ।

ଛାତ୍ରମାନେ ଯେକୌଣସି ଉପାୟରେ ପରୀକ୍ଷାରେ ଉଚ୍ଚ ନମ୍ବର ହାସଲ କରିବାକୁ ଚେଷ୍ଟା କରନ୍ତି। ଏହି ପ୍ରକ୍ରିୟାରେ, ସେମାନେ ଆଧୁନିକ ଶିକ୍ଷା ପଦ୍ଧତି ଏବଂ ସାମଗ୍ରୀର ବ୍ୟାପକ ବ୍ୟବହାର କରନ୍ତି।କିନ୍ତୁ ଶିକ୍ଷକ ଏବଂ ଛାତ୍ରମାନେ ମନେ ରଖିବା ଉଚିତ ଯେ

'ବିଦ୍ୟା ନମ୍ରତା ଦିଏ, ନମ୍ରତା ଦିଏ, କ୍ଷମତା ଧନ ଦିଏ, ଏବଂ ଧନ ଜଣେ ବ୍ୟକ୍ତିକୁ ଧାର୍ମିକ କରିଥାଏ, ଯାହା ସୁଖ ଆଡ଼କୁ ନେଇଯାଏ।'

ଏପରି ପରିସ୍ଥିତିରେ, ଛାତ୍ରମାନଙ୍କୁ ବିଷୟବସ୍ତୁ ଜ୍ଞାନ ସହିତ ମାନବିକ ମୂଲ୍ୟବୋଧ, ନୀତି ଏବଂ ସାଂସ୍କୃତିକ ପରମ୍ପରାକୁ ବୁଝିବାରେ ସାହାଯ୍ୟ କରୁଥିବା ଶିକ୍ଷା ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ। ଏହି କାରଣରୁ ମହାନ ଚିନ୍ତାନାୟକ ଲରେନ୍ସ କୋହଲବର୍ଗ ଶିକ୍ଷାଗତ ମନସ୍ତତ୍ତ୍ୱ କ୍ଷେତ୍ରରେ ନୈତିକତାକୁ ଏକ କେନ୍ଦ୍ରୀୟ ବିଷୟ କରିଥିଲେ।

ଆଜି ପାଠ୍ୟକ୍ରମରେ ନୈତିକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ, ଯାହା ମୂଲ୍ୟବୋଧ ଉପରେ ନିର୍ମାଣ କରି ପିଲାମାନଙ୍କୁ ଆଧୁନିକତା ସହିତ ଯୋଡ଼ିପାରିବ।ସମାଜରେ ପ୍ରଚଳିତ ବେକାରୀ, ଦାରିଦ୍ର୍ୟ, ଅରାଜକତା ଏବଂ ଦୁର୍ନୀତି ବ୍ୟକ୍ତିମାନଙ୍କୁ ଭୁଲ କାମ କରିବାକୁ ଉତ୍ସାହିତ କରେ। ଯଦି ପ୍ରାରମ୍ଭିକ ଶିକ୍ଷାରେ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରାଯାଏ, ତେବେ ବ୍ୟକ୍ତିମାନେ ସଂଘର୍ଷ ସମୟରେ ଧୈର୍ଯ୍ୟ ବଜାୟ ରଖିପାରିବେ ଏବଂ ସାମାଜିକ ଆଦର୍ଶକୁ ବଜାୟ ରଖିପାରିବେ। ଶେଷରେ, ଏହା କୁହାଯାଇପାରେ ଯେ ନୈତିକ ଶିକ୍ଷା ମାନବ ବ୍ୟକ୍ତିତ୍ୱର ବିକାଶ, ଏକ ସଂସ୍କୃତିସମ୍ପନ୍ନ ଜୀବନ ଏବଂ ସମଗ୍ର ସମାଜର କଲ୍ୟାଣ ପାଇଁ ଏକ ପ୍ରମୁଖ ମାଧ୍ୟମ। ଏହା ଦୁର୍ନୀତି, ସ୍ୱାର୍ଥପରତା, ଅସାବଧାନତା, ଲୋଭ, ଛଳନା ଏବଂ ଅସହିଷ୍ଣୁତା ଇତ୍ୟାଦି କୁକର୍ମକୁ ଦୂର କରିବାରେ ସାହାଯ୍ୟ କରେ।


+ନୂଆପଡା

ମୋ:୯୯୩୭୪୧୬୯୧୭


## ରାଣୀ

### ସ୍ନିଗ୍ଧା ପଣ୍ଡା



ଜୀବନକୁ ଗୋଟେ ଲମ୍ବା ରସିରେ ଟାଙ୍ଗି
ଜିଇଁବାର ସ୍ୱପ୍ନ ଦେଖୁଥାଏ ସେ
ବାଣ୍ଟୁଥାଏ ବି
ଯୁପିଆଇରେ ଯୋଗାଡ଼ ହେଇଥିବା
ଚାଉଳ ଦି'ମୁଠାକୁ ଭାତ କରିବାକୁ
ଲାଗି ପଡିଥାନ୍ତି ଅନ୍ୟମାନେ ଯେବେ
ସେତେବେଳେ ଗୋଟେ ବାଡ଼ିର ଦୁଇପଟେ
ପୃଥିବୀକୁ ଝୁଲେଇ
ନିସ୍ପୃହ ଆଖିରେ ସାମ୍ନାରେ
ଆଉ ଗୋଟେ ଦି'କେନିଆ ବାଡ଼ିକୁ ନିଘା କରି
ସେ ଅଣ୍ଡାଳୁଥାଏ ପାଦେ ମାତ୍ର
ଜାଗା ଶୂନ୍ୟରେ ।

କେବେ ସଜେଇ ନ ଥିବା ବାଳ କେରାକ
ମୁଣ୍ଡରୁ ଖସିଯିବ କାଳେ
ବନ୍ଧା ହୋଇଥାଏ ପଛରେ
ଧରାପଡ଼ିଯିବ ବୋଲି
କାହାକୁ ଚାହୁଁ ନ ଥିବା
ଆଖି ପୋତା ଥିବା
ମୁହଁରେ ଭୟ ମାଖିଥାଏ
ତା' ଉପରେ ଆଉ ପ୍ରସ୍ତେ
ଅନ୍ୟମନସ୍କତା ବୋଳିଥାଏ
ଖରାରେ ଶୀତରେ ଶୁଖି ଯାଇଥିବା
ଚମରୁ ଓହଳିଥାଏ
ବଞ୍ଚିଛି ବୋଲି ଆଶ୍ୱାସନା ମୁଠାଏ ।

ପାଦରୁ ବଡ଼ ଚପଲ ତଳେ
ମନ୍ଥି ହେଉଥାଏ ଶୈଶବର ପଦ୍ମବନ
କେହି କେହି ଫିଙ୍ଗିଦେଇ ଯାଉଥିବା
ଖୁଚୁରା ପଇସାର ସଂଖ୍ୟା ସାଙ୍ଗରେ
ବଢି ଯାଉଥାଏ
ଆଉ ଚାରିଟା ପେଟ ରାଜ୍ୟର
ଭୋକ ସମ୍ଭାଳିବାର ଦାୟିତ୍ୱ
ଯାହାର ହାତରେ ଚିଡା କୁଟା ହେଇଥାଏ
ରାଣୀ ଗୋଟେ ଚିରା ତମ୍ବୁକୁ ଉଆସ ବନେଇ
ସଂସାର ପାଳୁଥିବା ରାଣୀ
ପାପ ଧୋଇବାକୁ ଆଗକୁ ଲମ୍ବିଥିବା
ସଙ୍ଗମରାସ୍ତାର ରାଣୀ ।


+ଲହଣ୍ଡା

ମୋ- ୯୮୬୧୩୨୩୬୫୦


## ଆମ୍ବ ବଉଳ

### ସରସ୍ୱତୀ ମେହେର

ବସନ୍ତ ଆସିଲେ ଗାଁ ମୁଣ୍ଡରେ
ହସେ ଆମ୍ବ ଗଛ ମନେ ମନେ
କୁସୁମିତ ସୁଗନ୍ଧରେ ମହକେ
ବଉଳ ହସେ ନୀରବ ପବନେ ।

ସୁକୁମାର ରୂପ, ଆଖିକୁ
ଭାରି ସୁନ୍ଦର ଦିଶେ ତ
ମଞ୍ଜରୀ ଭିତରେ ମିଠା ଆମ୍ବର
ଦିଏ ଗୁପ୍ତ ସଂକେତ ।

ମହୁମାଛି ଆସେ ଗୁଞ୍ଜନ କରି
କୋଇଲି ଗାଏ କୁହୁ ତାନ
ଛୋଟ ବଉଳରେ ଲୁଚିଛି
ଗ୍ରୀଷ୍ମର ସୁଆଦିଆ ଫଳ ।

ଅନେକ ବଉଳ ଝଡି ଯାଏ
ମାଟିରେ ମିଶି ଯାଏ
ତଥାପି ଫୁଟିବାକୁ ଭୟ କରେନି
ଝଡିବାର ସତ୍ୟକୁ ଜାଣି ।

ଆମେ ମଧ୍ୟ ବଉଳ ଭଳି
ସ୍ୱପ୍ନ ନେଇ ଆରମ୍ଭ କରୁ
କାହାର ସ୍ୱପ୍ନ ସତ ହୁଏ,
କିଏ ରହିଯାଏ ଅଧା ବାଟରୁ ।

କିନ୍ତୁ ସତ୍ୟର ମୂଲ୍ୟ ରହେ
ଫଳରେ ନୁହେଁ
କର୍ମ କରି ଚାଲିବା, ପାଇବା
ଆଶା ରେ ନୁହେଁ ।

ସମୟ ଆସିଲେ କର୍ମର ଫଳ
ନିଶ୍ଚୟ ମିଳିବ
ସାହସ ଆଉ ଧର୍ଯ୍ୟ ଧରି କଲେ
ସବୁ ଠିକ୍ ହେବ ।


+ଯୋଗିବାହାଲ, ସିନାପାଲି


## ଏମିତି ମଝିରେ ମଝିରେ ଆସୁଥାନ୍ତୁ

### ପ୍ରାର୍ଥନା ଦାସ



ମୋ ସହରକୁ ଏମିତି
ମଝିରେ ମଝିରେ ଆସୁଥାନ୍ତୁ
ନେତା, ମନ୍ତ୍ରୀ, ରାଷ୍ଟ୍ରପତି...
ଅଥଚ ଏଇ ବାହାନାରେ,
ଚକଚକ ଦିଶିବ ମୋ ସହରର ଗଳିକନ୍ଦି...
ଦୀର୍ଘବର୍ଷର ଅଳିଆ ପୋଖରୀ ହେବ ସଫା..
ରାସ୍ତାରେ ଜଳିବ ଚିକିମିକି ଆଲୁଅବତୀ....
ମଲା, କୋଠା ସବୁ ପିନ୍ଧିବେ
ରଙ୍ଗବେରଙ୍ଗର ଶାଢୀ....
ମନ୍ଦିର ଆଖପାଖେ ପଡ଼ିବନି ଅଳିଆ
ରାସ୍ତାରେ ଦିଶିବେନି ଆଉ ଭିକାରି ଯୋଡି...
ଛନଛନ ଦିଶିବ ପ୍ଲାଷ୍ଟିକ ଗଛପତର
ରାସ୍ତାରେ ଜମିରହିବନି ଗୋଡି,
ମାଟି ବାଲି....
କୁଜିନେତା ତାଙ୍କ ବାଟ ମାରିନେବେ
ଖାଲି ହସୁଥିବେ ଖିଲିଖିଲି...
ମଲା, ମଝିରେ ମଝିରେ ଏମିତି
ବୁଲି ଆସୁଥାନ୍ତୁ ମ,
ଭଙ୍ଗା ରାସ୍ତା ସବୁ ହେଉ ତିଆରି..
ପାଞ୍ଚଦିନ ପାଇଁ ହେଉ ପଛକେ,
ତରବରିଆ ଭାବେ ରାସ୍ତାରେ
ଯିବ ପିଚୁ ଭରି...
ଖରାପ ଟ୍ୟାପରୁ ବାହାରିବ ପାଣି
ନଈ ନାଳ ପାଖେ ଲାଗିବ ମାର୍ବଲ ପଥର....
ଧଳା ଧଳା ପୋଷାକ ପିନ୍ଧି
ସବୁ ସଜ ହୋଇଯିବେ...
ତେଣେ ମଲା ଗଛରେ କଅଁଳିବ ପତର।


+ ଯାଜପୁର

ମୋ-୮୩୩୮୮୯୦୩୭




## ସେ ଯଦି ଜଣେ କବିଟିଏ ହୁଅନ୍ତେ

### ପୂଜା ସା



ସେ ଯଦି ଜଣେ କବିଟିଏ ହୁଅନ୍ତେ
ମୋ ନିରବତାର ଗଭୀର ଅର୍ଥକୁ
ଅତି ସହଜେ ବୁଝି ପାରନ୍ତେ
ଶବ୍ଦହୀନ ଯନ୍ତ୍ରଣାରେ ଲୁଚିକି ରହିଥିବା
ମୋର ସେଇ ଭାଙ୍ଗିଥିବା ସ୍ୱପ୍ନର ଭଗ୍ନାଂଶ
ଯୋଡ଼ିଦେଇ
ଆଶାର ଏକ ନୂଆ ଅର୍ଥଟେ ଦିଅନ୍ତେ।

ସେ ଯଦି ଜଣେ କବିଟିଏ ହୁଅନ୍ତେ
ମୋ ଆଖିରେ ଜମିଥିବା
ନୀରବ ଅଶ୍ରୁର କଥାକୁ
ବିନା ପ୍ରଶ୍ନ, ବିନା ଶବ୍ଦରେ ପଢ଼ି ନିଅନ୍ତେ।

ସେ ଯଦି ଜଣେ କବିଟିଏ ହୁଅନ୍ତେ
ମୋ ଭୟ, ମୋ ଅପେକ୍ଷା, ମୋ ଅନିଶ୍ଚିତତାକୁ
ଶବ୍ଦର ଆଲୋକ ଦେଇ
ଅନ୍ଧାରରୁ ବାହାର କରି ଆଣନ୍ତେ।

ସେ ଯଦି ଜଣେ କବିଟିଏ ହୁଅନ୍ତେ
ମୋ ଅବ୍ୟକ୍ତ ପ୍ରେମକୁ
ସାହିତ୍ୟର ସୂତାରେ ବାନ୍ଧିଦେଇ
କବିତାର ସ୍ପର୍ଶରେ ସଜେଇ
ଚିରକାଳ ପାଇଁ ଅମର କରି ଦିଅନ୍ତେ ।


+ସ୍ନାତକୋତ୍ତର ଓଡ଼ିଆ ବିଭାଗ ଛାତ୍ରୀ
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
ଭବାନିପାଟଣା, କଳାହାଣ୍ଡି


ଧାରାବାହିକ ଉପନ୍ୟାସ



(ପୂର୍ବ ପ୍ରକାଶିତ ଉତ୍ତାରୁ)

## ତ୍ରିପାଦମେଦିନୀ

### ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୧୨୭ ॥

କୃତଜ୍ଞତାରେ କୟାଧୂଙ୍କର ନାରୀ ହୃଦୟ ଉଚ୍ଛୁଳି ଉଠିଲା ଅବିରତ ଅଶ୍ରୁପାତରେ ମୁନିଙ୍କ ପଦ ଧୌତ କରି ଆଭୂମ ପ୍ରଣୀତା ହୋଇଗଲେ ସେ। ନାରଦ କୟାଧୂଙ୍କୁ ଆଶ୍ୱାସନା ଦେଇ ନିଜ ଆଶ୍ରମର ଅନ୍ତେବାସିନୀ ଭାବରେ ସ୍ଥାନଦେଲେ। କୟାଧୂଙ୍କ ମନରୁ ଭୟ ଓ ଚିନ୍ତା ଦୂର ହୋଇଗଲା। ସେ ନିର୍ଭୟରେ ନିଜ ସ୍ୱାମୀଙ୍କର ଫେରନ୍ତା ପଥକୁ ଚାହିଁ ରହିଲେ। ନାରଦ ମୁନି ଚିନ୍ତା କଲେ, 'ଏ ଯଦିବା ବିଷ୍ଣୁଭକ୍ତ ହୋଇ ହିରଣ୍ୟ କଶିପୁର ବୀର୍ଯ୍ୟରୁ ସୃଷ୍ଟି ହୋଇ ନଥିବ, ତାକୁ ବିଷ୍ଣୁ ଭକ୍ତ କରିବାକୁ ମୋତେ ଏକ ପରିବେଶ ସୃଷ୍ଟି କରିବାକୁ ହେବ। କାରଣ ଆର୍ଯ୍ୟ ଋଷି ମାନେ ନିଜ ସଂସ୍କାର ପ୍ରଣାଳୀ ଦ୍ୱାରା

ଗର୍ଭସ୍ଥ ଶିଶୁକୁ ନବ ଚେତନା ପ୍ରଦାନ କରନ୍ତି। ବିବାହ କେବଳ ଉପଭୋଗ ପାଇଁ ନୁହେଁ। ତାହା ପରମେଶ୍ୱରଙ୍କ ଦ୍ୱାରା ଉଦ୍ଦିଷ୍ଟ ସୃଷ୍ଟି ପ୍ରକ୍ରିୟାକୁ ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ। ସୁସ୍ଥ,ସବଳ, ନିରୋଗ ଓ ବୁଦ୍ଧିମାନ ସନ୍ତାନ ଜନ୍ମ ଦ୍ୱାରା ଏହାସମ୍ଭବ । (ଜନ୍ମ ଜନ୍ମାନ୍ତରର ପ୍ରବୃତ୍ତି ଓ ଆବୃତ୍ତିକୁ ପରିବର୍ତ୍ତନ କରି ନୂତନ ସଂସ୍କାରର ପ୍ରବାହ ଦ୍ୱାରା ମାତା ଗର୍ଭସ୍ଥ ଶିଶୁର ଦେହ, ମନ ଓ ଆତ୍ମାକୁ ଉଦ୍ବୁଦ୍ଧ କରିଥାଏ। ତେଣୁ ମାତା, ପିତା ଭାବି ସନ୍ତାନର ବିଶ୍ୱକର୍ମା। ଏହି କଲ୍ୟାଣ ପ୍ରଦ ସତ୍ୟକୁ ପ୍ରତ୍ୟେକ ମାତା, ପିତା ଉପଲବ୍ଧି କରିବା ଉଚିତ। ବିଶେଷତଃ ମାତୃ ଜାତି ଏହା ଉପଲବ୍ଧି କଲେ ବିଶ୍ୱର ମଙ୍ଗଳ ହେବ।'ଜନ୍ମ ଗ୍ରହଣ ପୂର୍ବରୁ ତିନୋଟି ସଂସ୍କାର ଅନୁଷ୍ଠିତ ହୋଇଥାଏ ଗର୍ଭାଧାନ, ପୁଂସବନ ଓ ସିମୋନ୍ତୋୟନ। ଗର୍ଭାଧାନ ଏକ ନୂତନ ଆତ୍ମାର ଆବାହକ। ଏହା ଏକ ମାନସ ଯଜ୍ଞ। ଏହା ଉନ୍ନତ ଆତ୍ମାକୁ ଜନ୍ମ ଦେବାରେ ସହାୟକ ହୋଇଥାଏ। ଗର୍ଭଧାରଣ ପୂର୍ବରୁ ଏହି ସଂସ୍କାର କରାଯାଏ। ଗର୍ଭଧାରଣ ପରେ ଗର୍ଭସ୍ଥ ଶିଶୁର ଶାରୀରିକ ଓ ମାନସିକ ବିକାଶ ପାଇଁ ସେ ଅନ୍ୟ ଦୁଇଟି ସଂସ୍କାର ପୁଂସବନ ଓ ସିମୋନ୍ତୋୟୟନ ସଂସ୍କାର କରିଥିଲେ। ଏହାର କାରଣ ଶରୀର ପୂର୍ବଜନ୍ମର ସଂସ୍କାର ଗୁଡିକୁ ନୂତନ ଦେହରେ ଧାରଣ କରିଥାଏ ଓ ସ୍ଥୂଳ ଶରୀ ରରେ ରୂପାନ୍ତରିତ ହୋଇଥାଏ। ଏହି ରୂପାୟନ ପ୍ରକ୍ରିୟା ସୃଷ୍ଟି ହେବା ପୂର୍ବରୁ ପିତା, ମାତା ନିଜ ଆଚାର,ବ୍ୟବହାର ଦ୍ୱାରା ନୂତନ ସଂସ୍କାର ସୃଷ୍ଟି କରି ପାରିଲେ ମାନବର ନିର୍ମାଣ ହୋଇଥାଏ। ରଜ ଓ ବୀର୍ଯ୍ୟ କେବଳ ଭୌତିକ ଆଧାର ହୋଇଥାଏ। ରଜ ଓ ବୀର୍ଯ୍ୟ ଶୁଦ୍ଧ ହେବା ସହ ଆତ୍ମା ଶୁଦ୍ଧ ହେଲେ, ନିଜର ପୁରାତନ ପ୍ରବୃତ୍ତିକୁ ସଂଶୋଧନ କରି ଓ ପୂର୍ବଜନ୍ମର ସଂସ୍କାରକୁ ପରିବର୍ତ୍ତନ କରି ମାନବ ଉତ୍ତମ ସଂସ୍କାର ଯୁକ୍ତ ହୁଏ। ଗର୍ଭାବସ୍ଥାରେ ଏହାର ପରିବେଶ ମଧ୍ୟ ଉତ୍ତମ ହେବା ପ୍ରୟୋଜନ। ଏହିଭଳି ଭାବେ। ଅଭିମନ୍ୟୁ, ଦୁଷ୍ମନ୍ତଙ୍କ ପୁତ୍ର ଭରତ, ସୀତାଙ୍କ ପୁତ୍ର ଲବ,କୁଶ ଓ ଉଦ୍ଦାଳକ ଓ ସୁଜାତାଙ୍କ ପୁତ୍ର ଅଷ୍ଟବକ୍ର ଭାବେ ଆଶ୍ରମରେ ରହି ଚକ୍ରବ୍ୟୁହ, ରାମାୟଣ ଓ ବେଦ ଶ୍ରବଣ କରିଥିଲେ। ପଠିତ।) ସେ ପ୍ରତିଦିନ କୟାଧୂଙ୍କୁ ସମ୍ମୁଖରେ ବସାଇ ଜ୍ଞାନ ଚର୍ଚ୍ଚା କରନ୍ତି ଓ ତାଙ୍କୁ ଧର୍ମ ବାଣୀ ଶୁଣାଇ ଆନନ୍ଦ ଦାନ କରନ୍ତି। କୟାଧୂଙ୍କ ଗର୍ଭରେ ରହି ପ୍ରହ୍ଲାଦ ମଧ ଦେବର୍ଷି ନାରଦଙ୍କର ଧର୍ମବାଣୀ ଶୁଣନ୍ତି। କାୟାଧୂ ଅସୁର ନାରୀ, ଅସୁର ସଂସ୍କାରରେ ଗଢ଼ା। କାଳକ୍ରମେ ନିଜ ଭୁବନକୁ ଆସି ସେ ଦେବର୍ଷି ନାରଦଙ୍କର ସେହି ଶ୍ରୀ ବିଷ୍ଣୁ, ଧର୍ମ ତତ୍ତ୍ୱ ଓ ଜ୍ଞାନ ବାଣୀକୁ ଭୁଲିଗଲେ। କିନ୍ତୁ କଞ୍ଚା ମାଟିର ଆଲେଖ୍ୟ ଭଳି ପ୍ରହ୍ଲାଦଙ୍କର ଶିଶୁ ମସ୍ତିଷ୍କରେ ତାର ପ୍ରଭାବ ଚିରସ୍ଥାୟୀ ହୋଇ ରହିଗଲା। (ଏବେ ଏହିପରି ସଂସ୍କାର ପ୍ରାୟ ନାହିଁ। ତଥାପି ଆମର ପୂର୍ବ ପିଢ଼ିମାନେ ମଧ ରକ୍ଷଣଶୀଳ ଗୃହରେ ଗର୍ଭବତୀ ମାନଂକ ପାଇଁ ଧର୍ମ ଗ୍ରନ୍ଥ ଅଧ୍ୟୟନ ଆଦି କେତେକ ପାରମ୍ପରିକ ନିୟମ ପାଳନ କରିବାକୁ କହନ୍ତି।) ହିରଣ୍ୟ କଶ୍ୟପ ତପସ୍ୟା ଶେଷ କରି ଗୃହକୁ ଫେର ଆସିଲେ। କୟାଧୂ ମଧ ତାଙ୍କ ପ୍ରତ୍ୟା ବର୍ତ୍ତନର ସମ୍ବାଦ ପାଇ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ। ଏହାପରେ ପ୍ରହ୍ଲାଦକୁ ମିଶାଇ ହିରଣ୍ୟ କଶିପୁଙ୍କର ସମୁଦାୟ ଚାରି ପୁତ୍ର ଜନ୍ମ ହେଲେ। ଅନ୍ୟ ତିନି ପୁତ୍ର ହେଲେ ଯଥା କ୍ରମେ ସଂହ୍ରାଦ, ଅନୁହ୍ରାଦ ଓ ହ୍ରାଦ। ଅନ୍ୟ ତିନପୁତ୍ର ଠିକ୍ ନିଜ ପିତାଙ୍କର ଅନୁରୂପ ଥିଲେ। ସେମାନଙ୍କ ପାଇଁ ସାମ୍ରାଟ ଙ୍କର କୌଣସି ଚିନ୍ତା ନଥିଲା। କେବଳ ନାରଦଙ୍କର ଆଶ୍ରମରେ ବଢ଼ିଥିବା ପ୍ରହ୍ଲାଦ ହିଁ ଥିଲେ ତାଙ୍କ ଚିନ୍ତାର କାରଣ।

ପ୍ରହ୍ଲାଦଙ୍କର ଚରିତ୍ର ଓ ଆଚରଣ ଆଶ୍ଚର୍ଯ୍ୟଜନକ ଥିଲା। ବାଳକ ବୟସରୁ ରାଜଭୋଗ୍ୟ ସ୍ୱାଦିଷ୍ଟ ଆହାର, ବସନ, ଭୂଷଣ, ଅଳଙ୍କାର ଅବା ଶିକାର ଆଦିରେ ତାଙ୍କର କୌଣସି ରୁଚି ନଥିଲା। ସେ ସର୍ବଦା ବିଷ୍ଣୁଙ୍କର ନାମ ଗାନ ଓ ଗୁଣ କୀର୍ତ୍ତନରେ ବିହ୍ୱଳ ହୋଇ ଯାଉଥିଲେ। ବିଷ୍ଣୁଙ୍କର ନାମ ଗାନ କରି ନୃତ୍ୟ କରୁଥିଲେ। ବିଷ୍ଣୁଙ୍କର ନାମରେ ତାଙ୍କ ଚକ୍ଷୁରୁ ଧାର ଧାର ଆନନ୍ଦ ଅଶ୍ରୁ ଝରି ପଡୁଥିଲା। ତାଙ୍କର ରୋମରାଜି ପୁଲକିତ ହୋଇ ଉଠୁଥିଲା। ବାରମ୍ବାର ତାଙ୍କର ଲଳିତ, ବାଲ୍ୟ ତନୁ, ମନରେ ବେପଥୁ ଓ ଆନନ୍ଦର ଶୀହରଣ ସୃଷ୍ଟି ହେଉଥିଲା। ସେ ବିଷ୍ଣୁଙ୍କର ନାମରେ ବାରମ୍ବାର ବୃକ୍ଷ, ଲତା, କୁସୁମ, କୁଞ୍ଜ,ଏପରିକି ରାଜପ୍ରାସାଦର ସ୍ତମ୍ଭ ଓ ଦିଆଲକୁ ମଧ ସେ ଚୁମ୍ବନ କରୁଥିଲେ। ନଦୀର ପ୍ରବାହମାନ ଜଳ ରାଶି, ତାରକା ଖଚିତ ଆକାଶ,ପର୍ବତ ଶୀର୍ଷରୁ ଲମ୍ଫ ମାରୁଥି ବା ନିର୍ଝରିଣୀ,ନବ ଦୁର୍ବାଦଳ ରାଜିତ ପ୍ରାନ୍ତର, ସବୁଠାରେ ସେହି ବିଷ୍ଣୁଙ୍କର ସ୍ୱରୂପ ଛଡା ସେ ଆଉ କିଛି ଦେଖି ପାରୁ ନଥିଲେ। ବ୍ୱାଲକ ସଙ୍ଗୀ ମାନଙ୍କ ମେଳରେ ଶିଶୁ ସୁଲ୍ଲଭ କ୍ରୀଡା କରି ବାରେ ତାଙ୍କର କୌଣସି ଆଗ୍ରହ ନଥିଲା। କ୍ରୀଡ଼ନକ ଅବା କନ୍ଦୁକ ପ୍ରତି ତାଙ୍କର ଦୃଷ୍ଟି ରହୁନଥିଲା। ସେ ତରବାରୀ ବା ଶୂଳ ଆଦି କୌଣସି ଅସ୍ତ୍ର,ଶସ୍ତ୍ରକୁ ସ୍ୱର୍ଶ କରୁନଥିଲେ। କେବଳ କେହି କୌଣସିଠାରେ ବିଷ୍ଣୁଙ୍କ ବିଷୟରେ କୌଣସି ଚର୍ଚ୍ଚା କରୁଥିଲେ, ସେ ତାହାକୁ ଆଗ୍ରହରେ କର୍ଣ୍ଣପାତି ଶୁଣୁଥିଲେ। ସେ ଥିଲେ ତାଙ୍କର ଆଦର୍ଶ ପୁରୁଷ। ସେ ହିଁ ଥିଲେ ତାଙ୍କର ଲକ୍ଷ୍ୟ। କୌଣସି ବିଷୟକୁ ଗଭୀର ଭାବେ ଚିନ୍ତା କଲେ, କୌଣସି ବିଷୟରେ ତଲ୍ଲିନ ହୋଇଗଲେ, ପ୍ରେମ, ପୁରୁଷ ଓ ନାରୀଙ୍କ ଦୈହିକ, ମାନସିକ ସମ୍ପର୍କ ନେଇ, କୌଣସି ଇଚ୍ଛାର ଅପ୍ରାପ୍ତି, ଗଭୀର ଚିନ୍ତା କଲେ ଏହି ବିକାର ସୃଷ୍ଟି ହୁଏ। ମନ, ବୁଦ୍ଧି, ବିବେକରୁ ନିୟନ୍ତ୍ରଣ ହରାଇ ମଣିଷ ଉନ୍ମାଦ ଓ ବିହ୍ୱଳ ହୋଇଯାଏ। ଇଂରାଜୀରେ ଏହାକୁ ହିଷ୍ଟ୍ରୀୟା କୁହାଯାଏ। କିନ୍ତୁ ଭାରତୀୟ ଭାଷାରେ ଏହାକୁ ସାତ୍ତ୍ୱିକ ବିକାର କୁହାଯାଏ । କୃଷ୍ଣଙ୍କ ପ୍ରତି ରାଧାଙ୍କର ଏହି ବିକାର ସୃଷ୍ଟି ହୋଇଥିଲା। ତାଙ୍କ ପାଇଁ କୃଷ୍ଣ ଥିଲେ ଜୀବନର ଆନନ୍ଦ ଓ ତାଙ୍କ ବ୍ୟତୀତ ସେ ଜୀବନକୁ ନିରର୍ଥକ ମନେ କରୁଥିଲେ। ଚୈତନ୍ୟ, ନାରଦ ଆଦି ଏହିପରି ଭକ୍ତ ଥିଲେ। କବି, ଶିଳ୍ପୀ, ପାଠକ ମାନେ ବେଳେ ବେଳେ ଏହି ସାତ୍ତ୍ୱିକ ବିକାର ଅନୁଭବ କରୁଥିବେ। ବାସ୍ତବ ରେ ନାରଦ ବିଷ୍ଣୁଙ୍କ ପ୍ରତି ପ୍ରହ୍ଲାଦଙ୍କ ଶିଶୁ ମନରେ ଗଭୀର ପ୍ରଭାବ ପକାଇ ପାରିଥିଲେ। ହିରଣ୍ୟକଶିପୁ ଚିନ୍ତିତ ହୋଇପଡିଲେ। ଏହା କିପରି ଘଟିଲା ? ତାଙ୍କର ପୁତ୍ର ହୋଇ ଅବିରତ ତାଙ୍କ ଶତ୍ରୁକୁ ପ୍ରେମକରି ଚାଲିଛି ! ଏହା କେଉଁ ପିତା ମାତା ବା ସହ୍ୟ କରିପାରିବେ ? କୁମାରଙ୍କୁ ଠିକ ରାସ୍ତାକୁ ଆଣିବେ କିପରି? କିଏ ସେ, କାହାର ମନ୍ଦ ବୁଦ୍ଧିରେ ପଡି ମୋର ସୁକୁମାର ପୁତ୍ରର ସର୍ବନାଶ ହୋଇଗଲା? 'ଆପଣ ଚିନ୍ତା କରନ୍ତୁ ନାହିଁ ଦାନବ ରାଜ'.. ଅସୁର ଅମାତ୍ୟ ମାନେ ପରାମର୍ଶ ଦେଲେ। ' ପ୍ରହ୍ଲାଦ ବର୍ତ୍ତମାନ ଶିଶୁ ଅଛନ୍ତି। ତାଙ୍କୁ ଆମ ପ୍ରାସାଦ ସ୍ଥିତ ଗୁରୁଙ୍କ ବିଦ୍ୟାଳୟକୁ ଛାଡ଼ନ୍ତୁ। ସେଠାରେ ଉପଯୁକ୍ତ ଶିକ୍ଷା ପାଇ ସେ ବଦଳିଯାଇ ପାରନ୍ତି'। ( ବୋଧହୁଏ, ମାହେଷ୍ମତୀ ପୁର, ମଧ ପ୍ରଦେଶ, ନର୍ମଦା ନଦୀ କୂଳରେ ଜନ୍ମ ହୋଇ ସେଠାରୁ ହିରଣ୍ୟକଶିପୁ ଦକ୍ଷିଣ ଭାରତରେ ରାଜା ହୋଇ (ମହାରାଷ୍ଟ୍ର, ରାଜସ୍ଥାନ, ଗୁଜୁରାଟ ଆଦି ଅଞ୍ଚଳ ହୋଇ ପାରେ) ସ୍ୱର୍ଗ ଅଭିମୁଖେ ଯୁଦ୍ଧ ଯାତ୍ରା କରି ତାକୁ ଅଧିକାର କରିଥନ୍ତି। ସେ ବିଜ୍ଞ ମନ୍ତ୍ରୀମାନଙ୍କ ପରାମର୍ଶରେ ସମ୍ମତ ହେଲେ। ତାଙ୍କର ସାହସ ଓ ବଳ ହେଉଛନ୍ତି ,ଗୁରୁ ଶୁକ୍ରାଚାର୍ଯ୍ୟ ଏବଂ ଗୁରୁପତ୍ନୀ ଉର୍ଜ୍ଜସ୍ୱତୀଙ୍କର ଆଶୀର୍ବାଦ ସେହି ଗୁରୁ ଶୁକ୍ରାଚାର୍ଯ୍ୟଙ୍କର ଦୁଇପୁତ୍ର, ଷଣ୍ଢ ଓ ଅମର୍କ ଏବେ ଦାନବ ପୁତ୍ର ମାନଙ୍କୁ,ବିଶେଷତଃ ରାଜକୁଳର କୁମାର ମାନଙ୍କର ବିଦ୍ୟା ପଠନର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏବେ ପ୍ରହ୍ଲାଦଙ୍କୁ ସେହି ବିଦ୍ୟାଳୟକୁ ଶିକ୍ଷାଲାଭ ପାଇଁ ଛାଡିବାକୁ ପଡିବ। ଷଣ୍ଢ ଓ ଅମର୍କ ଗୁରୁ ଦ୍ୱୟଙ୍କୁ ଡକାଇ, ହିରଣ୍ୟ କଶିପୁ ରାଜକୁମାର ପ୍ରହ୍ଲାଦଙ୍କର ଦାୟିତ୍ୱ ତାଙ୍କୁ ସମର୍ପି ଦେଲେ। ପ୍ରତିଦିନ ସେମାନେ ରାଜ ଭବନକୁ ଆସୁଥିଲେ ଏବଂ ଅନ୍ୟା ନ୍ୟ ଦାନବ ବାଳକ ମାନଙ୍କ ସହିତ ପ୍ରହ୍ଲାଦଙ୍କୁ ମଧ ଶିକ୍ଷା ପ୍ରଦାନ କରୁଥିଲେ। ସମସ୍ତଙ୍କ ମଧ୍ୟରେ ପ୍ରହ୍ଲାଦ ସବୁଠାରୁ ମେଧାବୀ ଛାତ୍ର ଥିଲେ। ସେ ଥରେ ଯାହା ଶିକ୍ଷା କରୁଥିଲେ, ଚିରଦିନ ତାହା ସ୍ମରଣ ରଖୁଥିଲେ ଓ ବୁଝିମଧ ପାରୁଥିଲେ।


(କ୍ରମଶଃ)



+ ବାଲିଝରି, କାନପୁର, ବଡ଼ମ୍ବା, କଟକ

## ପ୍ଲାଷ୍ଟିକ ମୁକ୍ତ ଭାରତ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭୁବନ, ୪/୨ (ନି.ପ୍ର): ଭୁବନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ପ୍ଲାଷ୍ଟିକ ମୁକ୍ତ ଭାରତ ଓ କ୍ୟାମ୍ପସରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ଶ୍ରୀମତୀ ସୁପ୍ତିମୟୀ ସେନ ଉଦଘାଟନ କରି ପ୍ଲାଷ୍ଟିକର ପରିବେଶ ପ୍ରତି କୁପ୍ରଭାବ ଓ ଭୟାବହତା ସମ୍ପର୍କରେ ଆଲୋକପାତ କରିବା ସହିତ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧାପକ ସୁଧାଂଶୁ ଶେଖର ବେହେରାଙ୍କ ତତ୍ୱାବଧାନରେ ଛାତ୍ରୀ ମାନେ କଲେଜ ପରିସରରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପ୍ଲାଷ୍ଟିକ ବର୍ଜନ ପାଇଁ ଜନ ସାଧାରଣଙ୍କୁ ସଚେତନ କରିଥିଲେ। ଏଥିରେ ଅଧାପକ ସୁଧାଂଶୁ ଶେଖର ଓଝାଙ୍କ ସମେତ ରେଡକ୍ରସ କାଉନସେଲର ନମିତା ଦ୍ୱିବେଦୀ, ବିଜୟ କୁମାର ପୃଷ୍ଟି ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ପ୍ରଥମେ ଛାତ୍ରୀ ମାନେ କଲେଜ ପରିସରରେ ଅଳିଆ ଆବର୍ଜନା ସବୁ ସଫା କରିଥିଲେ ।

# ଅନୁଗୁଳରେ ଆୟୁର୍ବେଦ ପ୍ରତିଷ୍ଠାନ ସ୍ୱପ୍ନ: ସହାୟକ ହେବ ବିରଳ ବୃକ୍ଷରାଜି, ଯୁକ୍ତି ରଖିବାକୁ ବିଧାୟକଙ୍କ ପ୍ରସ୍ତୁତି

ଅନୁଗୁଳ, ୪/୨ (ନି.ପ୍ର): ଔଷଧୀୟ ବୃକ୍ଷଲତାରେ ପରିପୂର୍ଣ୍ଣ ଅନୁଗୁଳଜିଲ୍ଲା। ସାତକୋଶିଆର ଜୈବ ବିବିଧତା ଭରା ଜଙ୍ଗଲ ହେଉ କି ଦୁର୍ଲଭ ବୃକ୍ଷରାଜିର ସମ୍ଭାର ଥିବା ମନ୍ଦରଗିରି ପାହାଡ଼, ସବୁବେଳେ ଏହା ଆୟୁର୍ବେଦ ଚିକିତ୍ସକଙ୍କ ଆକର୍ଷଣର କାରଣ ସାଜିଛି। ଦେଶରେ ୩ଟି ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ହେବା ନେଇ କେନ୍ଦ୍ର ବଜେଟ୍‌ରେ ଘୋଷଣା ହେବା ପରେ ପୁଣି ଚର୍ଚ୍ଚାରେ ଅନୁଗୁଳର ବିରଳ ଔଷଧୀୟ ବୃକ୍ଷଲତାର ଭଣ୍ଡାର। ଆୟୁର୍ବେଦ ଚିକିତ୍ସା ନେଇ ଏଠାରେ ଥିବା ସମ୍ଭାବନାକୁ ସରକାର ସୁଯୋଗରେ ପରିଣତ କରିବା ନେଇ ଆଶା ବାନ୍ଧିଲେଣି ଅନୁଗୁଳବାସୀ। ବହୁଦିନ ଧରି ଅବହେଳାର ଶିକାର ହୋଇ ରହିଥିବା ଅନୁଗୁଳ ଜିଲ୍ଲାରେ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ କରି ଡବଲ୍ ଇଞ୍ଜିନ୍ ସରକାର ହକ୍ ଦେବାକୁ ଦାବି ଉଠିଛି।



ଅନୁଗୁଳ ଜିଲ୍ଲାରେ ପ୍ରାୟ ୧୨୦୦ ପ୍ରକାରର ଔଷଧୀୟ ବୃକ୍ଷଲତା ଓ ଗୁଳ୍ମ ରହିଛି। ସାତକୋଶିଆ ସହିତ ମନ୍ଦରଗିରି ଓ ମାଲ୍ୟଗିରି ପର୍ବତରେ ବହୁ ବିରଳ ଔଷଧୀୟ ବୃକ୍ଷର ସନ୍ଧାନ ପାଇଛନ୍ତି ଗବେଷକ। ଅନୁଗୁଳ ଜିଲ୍ଲାରେ ୧୩ ପ୍ରକାରର ଆଦିମ ଜନଜାତି ବାସ କରନ୍ତି। ଏହି ଆଦିମ ଜନଜାତି ରୋଗ ଉପଶମ ପାଇଁ ଏଠାକାର ଜଙ୍ଗଲରେ ଥିବା ଔଷଧୀୟ ବୃକ୍ଷ ବ୍ୟବହାର କରି ଆସୁଛନ୍ତି। ଏମିତିକି ଅନୁଗୁଳ ଜିଲ୍ଲାରେ ବିଲୁପ୍ତପ୍ରାୟ ୪୧ଟି ବିରଳ ପ୍ରଜାତିର ଔଷଧୀୟ ବୃକ୍ଷ ରହିଛି। ଏଣୁ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ ହେଲେ ଏସବୁ ଔଷଧୀୟ ବୃକ୍ଷ ସଂରକ୍ଷଣ ହେବା ସହ ରୋଗ ଉପଚାରରେ ବେଶ୍ ସହାୟକ ହୋଇପାରିବ ବୋଲି କୁହାଯାଉଛି। ଉଦ୍ଭିଦ ବିଜ୍ଞାନୀ ଡ. ଗୌରୀଶଙ୍କର ଯୁଗ ପ୍ରକାଶ ଜେନା କହିଛନ୍ତି, ଆୟୁର୍ବେଦ ପ୍ରତିଷ୍ଠାନ ପାଇଁ ଅନୁଗୁଳ ଜିଲ୍ଲାରେ ଉପଯୁକ୍ତ ପରିବେଶ ଓ ଭିତ୍ତିଭୂମି ରହିଛି। ଏଠାରେ ଥିବା ବିରଳ ଔଷଧୀୟ ବୃକ୍ଷଲତା ଆୟୁର୍ବେଦ ଚିକିତ୍ସାକୁ ବେଶ୍ ସହାୟକ ହୋଇପାରିବ। ବିଶେଷକରି ଗବେଷଣା ଓ ସଂରକ୍ଷଣ ଦିଗରେ ଅନୁଗୁଳ ପ୍ରକୃଷ୍ଟ ସ୍ଥାନ ବୋଲି ସେ କହିଛନ୍ତି।

ରାଜସ୍ୱ ଦେବା କ୍ଷେତ୍ରରେ ସବୁବେଳେ ଆଗରେ ରହୁଥିବା ଅନୁଗୁଳ ଏ ପର୍ଯ୍ୟନ୍ତ ନିଜର ଉପଯୁକ୍ତ ହକ୍ ପାଇନି। ଏହି ଜିଲ୍ଲାରେ ଏ ପର୍ଯ୍ୟନ୍ତ କୌଣସି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ନିର୍ମାଣ ହୋଇପାରିଲାନି। ଜାତୀୟସ୍ତରରେ ପ୍ରତିଷ୍ଠାନ ବି ନାହିଁ। ଚିକିତ୍ସା ଭିତ୍ତିଭୂମି ମଧ ଦୁର୍ବଳ। ଏଣୁ ବିଳମ୍ବରେ ହେଲେ ବି ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ କରିବାକୁ ସାଧାରଣରେ ଦାବି ଉଠିଛି। କାରଣ ମନ୍ଦରଗିରି ପାହାଡ଼ ଔଷଧୀୟ ବୃକ୍ଷର ମାହାତ୍ମ୍ୟ ସାରା ଦେଶ ଜାଣିଛି। ଅନୁଗୁଳରେ ଆୟୁର୍ବେଦ ପ୍ରତିଷ୍ଠାନ ସ୍ଥାପନ କରିବାକୁ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଖରେ ଦାବି ରଖିବେ ବୋଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସରକାର ଦେଶରେ ୩ଟି ଆୟୁର୍ବେଦ ପ୍ରତିଷ୍ଠାନ ଖୋଲିବାକୁ ଯାଉଥିଲା ବେଳେ ଏଥିରୁ ଗୋଟିଏ ପ୍ରତିଷ୍ଠାନ ଅନୁଗୁଳ ଜିଲ୍ଲାରେ ସ୍ଥାପନ ହେବା ଦରକାର। ଏ ଦିଗରେ ପଦକ୍ଷେପ ନେବାକୁ ସେ ସରକାରଙ୍କ ପାଖରେ ଯୁକ୍ତି ରଖିବେ।

## ବିଦ୍ୟା ବିକାଶ ଏବଂ ମିଡ଼ିଆ ଏକାଦଶ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ

ସମ୍ବଲପୁର, ୪/୨ (ନି.ପ୍ର): ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଆୟୋଜନରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟା ବିକାଶ ହସ୍ପିଟାଲ ଏକାଦଶକୁ ୪୬ ରନରେ ହରାଇ ସମ୍ବଲପୁର ମିଡିଆ ଏକାଦଶ ବିଜୟୀ ହୋଇଛି। ଶାସନ ସ୍ଥିତ ବିକାଶ ସ୍କୁଲ ପଡ଼ିଆରେ ଆୟୋଜିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂକରି ସୁଭାଶିଷ ପାଢ଼ୀଙ୍କ ଅଧିନାୟକତ୍ୱରେ ମିଡିଆ ଏକାଦଶ ଦଳ ୧୨ ଓଭରରେ ୭ ୱିକେଟ୍ ହରାଇ ୧୦୭ ରନ୍ କରିଥିଲା। ଜବାବରେ ବିଦ୍ୟା ବିକାଶ ହସ୍ପିଟାଲ ଦଳ ୯ ଓଭରରେ ୬୧ ରନ କରି ଅଲଆଉଟ୍ ହୋଇଯାଇଥିଲା। ମିଡ଼ିଆ ଦଳର ସତ୍ୟଜିତ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁନୀଲ ସିଂହ, ସୁଶାନ୍ତ ଏବଂ ଅକ୍ଷୟ ଖେଳ ପରିଚାଳନା କରିଥିବା ବେଳେ ପ୍ରାଞ୍ଜଳ ସିଂହ ଏବଂ ପ୍ରେମରାଜ ବଘାର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଅଧକ୍ଷ ଜି. ଭାସ୍କର ରାଓ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ ବାବୁ, ବିକାଶ ଦି କନସେପ୍ଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି, ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ଅଧକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଡଃ. ଦିବ୍ୟସିଂହ ମହାନ୍ତ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ମାନବ ସମ୍ବଳ ଅଧିକାରୀ ପ୍ରୀତମ ଦାସ ଓ ସମ୍ବଲପୁରର ଜନ ସମ୍ପର୍କ ଏବଂ ଆଇନ ଅଧିକାରୀ ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମିଡ଼ିଆ ଏକାଦଶ ପକ୍ଷରୁ ସୁଭାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ବୟସ୍କ ଓ ତରୁଣ ସଦସ୍ୟ ମ୍ୟାଚରେ ଅଂଶଗ୍ରହଣ କରିଥିଲେ।

# ବିବାଦୀୟ ୟୁଜିସି ବିଲକୁ ସଂପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ବ୍ରାହ୍ମଣ ମହାସଭାର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ବଲାଙ୍ଗିର, ୪/୨ (ନି.ପ୍ର): ସାରା ଦେଶରେ ୟୁଜିସି ବିଲକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମାଜରୁ ଜାତିଭେଦ ଦୂରେଇ ଥିବା ବେଳେ ନିଜେ କେନ୍ଦ୍ର ସରକାର ଜାତିଭେଦ ପ୍ରଥାକୁ ପ୍ରୋତ୍ସାହିତ କରୁଛନ୍ତି। ବିଲ୍‌ରେ ଯେଉଁଭଳି ବ୍ୟବସ୍ଥା ରହିଛି କେବଳ ବ୍ରାହ୍ମଣ ମାନେ ଦୋଷୀ ବୋଲି ସିଧାସଳଖ ସରକାର ବିଚାର କରି କରିଛନ୍ତି ଯାହାକି ସଂପୂର୍ଣ୍ଣ ମିଥ୍ୟା ଓ ତୃଟିପୂର୍ଣ୍ଣ ବୋଲି କହି ଆଜି ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ରାହ୍ମଣ ମହାସଭାର ଜିଲ୍ଲା ସଭାପତି ପ୍ରାଣବଲ୍ଲଭ ତ୍ରିପାଠୀ, ଉପସଭାପତି କିଶୋର କୁମାର ପୁରୋହିତ ଓ ସଂପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ସଭ୍ୟା ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ୟୁଜିସି ବିଲ୍ କୁ କେନ୍ଦ୍ର ସରକାର ତୁରନ୍ତ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହାର ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୟୁଜିସି କେବଳ ଭୋଟବ୍ୟାଙ୍କ ସୃଷ୍ଟି ପାଇଁ କରାଯାଇଛି। ବିଲରେ ଜାତିଗତ ବିଦ୍ୱେଶ ସୃଷ୍ଟି କରାଯାଇ ଦେଶକୁ ଭୁଲ୍ ରାସ୍ତାରେ ନେବାକୁ ଉଦ୍ୟମ ହେଉଛି । ଆଜି ପର୍ଯ୍ୟନ୍ତଏସସି/ଏସଟି ଆଟ୍ରୋସିଟିର ବହୁଳ ମାତ୍ରାରେ ଅପବ୍ୟବହାର ହେଉଛି ଓ ଏହି ବିଲ୍ ଆସିଲେ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆହୁରି ବିଭେଦ ସୃଷ୍ଟି ହେବାକୁ ଯାଉଛି । ବିଲ୍ ରେ ଏସ/ଏସଟି, ଓବିସି ବର୍ଗର ସଭ୍ୟ ଇକ୍ୟୁଟି କମିଟିରେ ରଖାଯାଇଥିବା ବେଳେ ସାଧାରଣ ବର୍ଗର ସଭ୍ୟ ରଖିବାର ପ୍ରାବଧାନ ନାହିଁ । ଠିକ୍ ସେହିପରି ଯେଉଁମାନେ ଅଭିଯୋଗ କରିଥିବେ ସେମାନଙ୍କ ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲେ ସେମାନେ ବିଲ୍ ର ଅପବ୍ୟବହାର କରିଥିବା ଅଭିଯୋଗରେ ଦଣ୍ଡିତ ହେବାର ବ୍ୟବସ୍ଥା ମଧ ରଖାଯାଇ ନାହିଁ । ଫଳରେ କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀ ସବୁବେଳେ ଭୟର ବାତାବରଣ ମଧ୍ୟରେ ରହି ମାନସିକ ଚାପରେ ପାଠ ମଧ ପଢି ପାରିବେ ନାହିଁ । ଏହା ସମ୍ବିଧାନର ଧାରା ୧୪ର ସଂପୂର୍ଣ୍ଣ ଉଲ୍ଲଂଘନ ହେଉଛି ଓ ବ୍ରାହ୍ମଣମାନଙ୍କର ବଞ୍ଚିବାର ଅଧିକାରର ହନନ ହେବ ବୋଲି କୁହାଯାଇଛି । ସମ୍ବିଧାନରେ କୌଣସି ଜାତି, ବର୍ଣ୍ଣ ଓ ଧର୍ମକୁ ନେଇ ବିଭେଦ କରାଯାଇ ପାରିବ ନାହିଁ ବୋଲି ନିୟମ ରହିଥିବା ବେଳେ ୟୁଜିସି ବିଲ୍ ଏହି ନିୟମର ବିରୁଦ୍ଧାଚରଣ କରୁଛି, ତେଣୁ ତୁରନ୍ତ ଏଭଳି ବିବାଦୀୟ ବିଲ୍ କୁ ପ୍ରତ୍ୟାହାର କରାଯାଉ ବୋଲି ବ୍ରାହ୍ମଣ ମହାସଭା ଦାବି କରିଛି । ଆଜିର ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ସଂକିର୍ତ୍ତନ ମିଶ୍ର, ଯୁଗ୍ମ ସଂପାଦକ ସୋମନାଥ ମିଶ୍ର, ରାକେଶ ପଣ୍ଡା, କାହ୍ନା ଶତପଥି, ବିଜୟଲକ୍ଷ୍ମୀ ମିଶ୍ରଙ୍କ ସମେତ ଶତାଧିକ ସଭ୍ୟ/ସଭ୍ୟା ସାମିଲ ହୋଇଥିଲେ ।

## ରାଜ୍ୟର ୨ ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଏବଂ ଗୋଟିଏ ସ୍ଥାନରେ ହାଲୁକା କୁହୁଡ଼ି ଦୃଶ୍ୟମାନ

ଭୁବନେଶ୍ୱର, ୪/୨ (ନି.ପ୍ର): ରାଜ୍ୟର ୨ ସ୍ଥାନରେ ମଧ୍ୟମ ଧରଣର କୁହୁଡ଼ି ଏବଂ ଗୋଟିଏ ସ୍ଥାନରେ ହାଲୁକା କୁହୁଡ଼ି ଦେଖିବାକୁ ମିଳିଛି । ଆଜି ସକାଳେ ଖୋର୍ଦ୍ଧା, କୋରାପୁଟରେ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିଛି । ଯାହାର ଦୃଶ୍ୟମାନ ଦୂରତା ୨୦୦ରୁ ୫୦୦ ମିଟର ମଧ୍ୟରେ ରହିଛି । ଅନୁରୂପ ଭାବେ ଭବାନୀପାଟଣାରେ ହାଲୁକା କୁହୁଡ଼ି ଦେଖିବାକୁ ମିଳିଛି । ଯାହାର ଦୃଶ୍ୟମାନ ଦୂରତା ୫୦୦ ମିଟରରୁ ୧୦୦୦ ମିଟର ମଧ୍ୟରେ ରହିଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ଚିଟ୍‌ଫଣ୍ଡ ତଦନ୍ତ କମିଶନ ବନ୍ଦକୁ ୬ ବର୍ଷ: ଖତ ଖାଉଛି ଗୁରୁତ୍ୱପୂର୍ଣ୍ଣ ନଥିପତ୍ର

କଟକ, ୪/୨ (ନି.ପ୍ର): ଚିଟ୍‌ଫଣ୍ଡ ଦୁର୍ନୀତି ଘଟଣାର ବିଚାରବିଭାଗୀୟ ତଦନ୍ତ ବନ୍ଦ ହେବାକୁ ୬ ବର୍ଷ ପୂରିଛି। ପୂର୍ବ ବିଜେଡି ସରକାର ଅଧାରୁ ଚିଟ୍‌ଫଣ୍ଡ ତଦନ୍ତକୁ ବନ୍ଦ କରି ଦେଇଥିଲେ। ନୂଆ ସରକାର ଆସିବା ପରେ ମଧ ବିଚାରବିଭାଗୀୟ ତଦନ୍ତ ପ୍ରସଙ୍ଗ ଶୀତଳଭଣ୍ଡାରରେ ରହିଯାଇଛି। କମିସନଙ୍କ ତଦନ୍ତ ରିପୋର୍ଟ ଏବେ ବି ରହସ୍ୟ ହୋଇ ରହିଛି। ଚିଟ୍‌ଫଣ୍ଡ ଦୁର୍ନୀତି ଘଟଣାର ବିଚାରବିଭାଗୀୟ ତଦନ୍ତ ପାଇଁ ତତ୍କାଳୀନ ସରକାର ୨୦୧୩ ଜୁଲାଇ ୯ରେ ଜଣିକିଆ କମିସନ ଗଠନ କରିଥିଲେ। ପ୍ରଥମରୁ ୫ଟି ପ୍ରସଙ୍ଗରେ ତଦନ୍ତ ପାଇଁ କମିସନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହାପରେ ପୂର୍ବ ଟର୍ମସ୍ ଅଫ୍ ରେଫରେନ୍ସରେ ଆଉ ଏକ ପ୍ରସଙ୍ଗ ଯୋଡ଼ି ୨୦୧୫ ଫେବ୍ରୁଆରି ୨୦ରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା।



କମିସନଙ୍କ କାର୍ଯ୍ୟକାଳ ବିଭିନ୍ନ ସମୟରେ ବୃଦ୍ଧି କରାଯାଇଥିବା ବେଳେ ଶେଷ ଥର ୨୦୧୯ ଅଗଷ୍ଟ ୨ରେ ସରକାର ବିଜ୍ଞପ୍ତି ପ୍ରକାଶ କରି ୬ ମାସ କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ୨୦୧୫ ଫେବ୍ରୁଆରି ୨୦ର ଟର୍ମସ୍ ଅଫ୍ ରେଫରେନ୍ସରେ ସଂଶୋଧନ କରି ସରକାର ୨୦୧୯ ଡିସେମ୍ବର ୧୧ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ପୂର୍ବରୁ ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ କରାଯିବ ବୋଲି ଟର୍ମସ୍ ଅଫ୍ ରେଫରେନ୍ସରେ ରହିଥିଲା। କିନ୍ତୁ ୨୦୧୯ ଡିସେମ୍ବର ୧୧ରେ ପ୍ରକାଶିତ ସଂଶୋଧିତ ବିଜ୍ଞପ୍ତିରେ ଜମାକାରୀ ବଦଳରେ କ୍ଷୁଦ୍ର ଜମାକାରୀ ବୋଲି ଉଲ୍ଲେଖ କରାଯାଇଥିଲା। କମିସନ୍ ପ୍ରାୟ ୪ ଲକ୍ଷ ୯୭ ହଜାର ୮ଶହ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରି ସରକାରଙ୍କୁ ସାତଟି ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଥିଲେ। ୨୧ଶହରୁ ଅଧିକ କ୍ଷୁଦ୍ର ଜମାକାରୀ କମିସନଙ୍କ ଜରିଆରେ ସେମାନଙ୍କ ଜମା ଟଙ୍କା ଫେରସ୍ତ ପାଇଥିଲେ। ବହୁ କ୍ଷତିଗ୍ରସ୍ତ ଜମାକାରୀ ୨୦୧୩ରେ ସତ୍ୟପାଠ ଦାଖଲ କରି ନଥିଲା ବେଳେ କମିସନ ୨୦୧୮ ନଭେମ୍ବର ୧୩ରେ ସାନି ବିଜ୍ଞପ୍ତି ପ୍ରକାଶ କରି ୨୦୧୯ ଜାନୁଆରି ୩୧ ସୁଦ୍ଧା ସତ୍ୟପାଠ ଦାଖଲ ପାଇଁ ସୁଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୭ ଲକ୍ଷ କ୍ଷତିଗ୍ରସ୍ତ ଜମାକାରୀ ସତ୍ୟପାଠ ଦାଖଲ କରିଥିଲେ। କିନ୍ତୁ ୨୦୨୦ ଫେବ୍ରୁଆରି ୪ରୁ ଜଷ୍ଟିସ୍ ମଦନ ମୋହନ ଦାସ କମିସନଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଏହା ଆଉ ବୃଦ୍ଧି କରାଯାଇ ନଥିଲା। ଏଭଳି ପରିସ୍ଥିତିରେ ବକ୍ସିବଜାର ପୁଲିସଲାଇନ୍‌ସ୍ଥିତ ତଦନ୍ତ କମିସନଙ୍କ କାର୍ଯ୍ୟାଳୟରେ ୨୦୨୦ରୁ ତାଲା ପଡ଼ିଛି। କାର୍ଯ୍ୟାଳୟରେ ନୂଆ ଓ ପୁରୁଣା ସତ୍ୟପାଠ ସବୁ ପଡ଼ି ରହିଛି। ଆସବାବପତ୍ର, କମ୍ପ୍ୟୁଟର, ପ୍ରିଣ୍ଟର, ଜେରକ୍ସ ମେସିନ୍, ଫ୍ୟାକ୍ସ, ଏସି, ଗୁରୁତ୍ୱପୂର୍ଣ୍ଣ ନଥିପତ୍ରରେ ଗଛଲତା ମାଡ଼ି ଗଲାଣି। ଉଇ ଲାଗି, ପାଣି ପବନ ଖାଇ ନଷ୍ଟ ହୋଇଗଲାଣି। ଚିଟ୍‌ଫଣ୍ଡ ତଦନ୍ତ କମିସନଙ୍କ ୭ଟି ଅନ୍ତରୀଣ ରିପୋର୍ଟରେ କ୍ଷତିଗ୍ରସ୍ତ ଜମାକାରୀଙ୍କ ପ୍ରସଙ୍ଗରେ କଣ ତଥ୍ୟ ରହିଛି ତାହା ଏବେ ବି ଅସ୍ପଷ୍ଟ। ଚିଟ୍‌ଫଣ୍ଡ ତଦନ୍ତ ପାଇଁ ୬.୧୯ କୋଟି ଟଙ୍କାରୁ ଅଧିକ ସରକାରୀ ତହବିଲରୁ ଖର୍ଚ୍ଚ ହୋଇଛି। କମିସନ ଅଫ୍ ଇନ୍‌କ୍ୱାରି ଆଇନ ଅନୁସାରେ ସରକାର ତଦନ୍ତ କମିସନ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିବା କଥା। କିନ୍ତୁ ଏ ପ୍ରସଙ୍ଗରେ ସରକାର ଏବେ ବି ନିରବ ରହିଛନ୍ତି।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

କେନ୍ଦୁଝର, ୪/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ପଂଚାୟତ ସରକାରୀ ଆଂଚଳିକ ଉଚ୍ଚ ବିଦ୍ୟାଳୟର ସିଲିଦା ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ମହାନ୍ତଙ୍କ ସଭାତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ମିନାକ୍ଷୀ ନାଏକ ଯୋଗ ଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ପ୍ରଦୀପ ନାଏକ, ଯୋଗଦେଇ ସଂସ୍କାର, ସଂସ୍କୃତି ଓ ଶୃଙ୍ଖଳା ରହିଲେ ପ୍ରତ୍ୟେକ ଛାତ୍ର, ଛାତ୍ରୀ ସଫଳ ମଣିଷ ଟିଏ ହୋଇପାରିବେ ବୋଲି ବକ୍ତବ୍ୟ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସମାଜ ସେବୀ ଯୋଗେନ୍ଦ୍ର ନାଏକ ଯୋଗ ଦେଇଥିଲେ । ଅତିଥି ପରିଚୟ ଓ ମଂଚ ସଂଯୋଜନା ଶିକ୍ଷକ ସୁବ୍ରତ କୁମାର ମଲିକ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଦୁଲବ ମହାନ୍ତ, ଅଜିତ କୁମାର ମହାନ୍ତ, ପ୍ରମୋଦ ବେହେରା, ବିଜୟ କୁମାର ଗାରଡ଼ିଆ, ଶିଶିର କୁମାର ମହାନ୍ତି, ବିଜୟା ନନ୍ଦ ସେଠୀ (ବିଜୁ) କର୍ମଚାରୀ ସହଯୋଗ କରିଥିଲେ । ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପାତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆର୍ଥିକ ବର୍ଷ ୨୦୨୫ -୨୬ରେ ସେଲ, ରାଉରକେଲା ଇସ୍ପାତ କାରଖାନାର ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ

ରାଉରକେଲା, ୪/୨ (ନି.ପ୍ର): ମହାରତ୍ନ କମ୍ପାନୀ ସେଲର ଅନ୍ୟତମ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି), ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହାର ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଛି ଏବଂ ପ୍ରମୁଖ ଉତ୍ପାଦନ ଓ ଚାଲାଣ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ଅତିକ୍ରମ କରିଛି। ରାଉରକେଲା ଇସ୍ପାତ କାରଖାନା ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ଦଶ ମାସରେ ୩୪,୫୭,୭୬୧ ଟନ୍ ବିକ୍ରିଯୋଗ୍ୟ ଉତ୍ପାଦନ କରି ଏହାର ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ରେକର୍ଡ ହାସଲ କରିଛି ଏବଂ ଅନୁରୂପ ପୂର୍ବ ବର୍ଷ ଅବଧି (ସିପିଏଲୱାଇ)ରେ ହାସଲ କରିଥିବା ଏହାର ପୂର୍ବ ଶ୍ରେଷ୍ଠ ୩୪,୩୫,୭୬୭ ଟନ୍ କୁ ଅତିକ୍ରମ କରିଛି। ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚଏସଏମ-୨) ୨୨,୦୬,୪୩୨ ଟନ୍ ଏଚ ଆର କଏଲ ରୋଲିଂ କରି ଏହି ସଫଳତାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଯାହା ଏହାର ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ରହିଛି ଏବଂ ଏହା ଅନୁରୂପ ପୂର୍ବ ବର୍ଷ ଅବଧିରେ ହାସଲ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୨୧,୧୬,୦୯୭ ଟନ୍ କୁ ଅତିକ୍ରମ କରିଛି। ଏଚଏସଏମ-୨ ର ନୂତନ ସିଟ୍ ସିଅରିଂ ଲାଇନ (ଏସଏସଏଲ) ମଧ ଅପ୍ରେଲ-ଜାନୁଆରୀ ମଧ୍ୟରେ ୨,୫୯,୮୭୦ ଟନ୍ ଏଚ ଆର ପ୍ଲେଟ୍ ଉତ୍ପାଦନ କରି ଏହାର ଶ୍ରେଷ୍ଠ ପ୍ରଦର୍ଶନ ପଞ୍ଜିକୃତ କରିଛି, ଯାହା ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୨୩ % ବୃଦ୍ଧି ରହିଛି। ନୂତନ ପ୍ଲେଟ୍ ମିଲ୍ ବିଭାଗ ଆର୍ଥିକ ବର୍ଷର ପ୍ରଥମ ଦଶ ମାସରେ ୮,୨୫,୯୯୯ ଟନ୍ ପ୍ଲେଟ୍ ଉତ୍ପାଦନ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ୨୦୨୪ -୨୫ ର ସମାନ ଅବଧିରେ ରେକର୍ଡ କରାଯାଇଥିବା ଏହାର ପୂର୍ବ ଶ୍ରେଷ୍ଠ ୭,୭୩,୭୭୯ ଟନ୍ କୁ ଅତିକ୍ରମ କରିଛି। ସେହିପରି ଅପଷ୍ଟ୍ରିମରେ, ବ୍ଲାଷ୍ଟ ଫର୍ଣ୍ଣେସ୍-୫ 'ଦୁର୍ଗା' ୨୬,୯୭,୯୬୧ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ କରି ଅପ୍ରେଲ-ଜାନୁଆରୀ ମଧ୍ୟରେ ଏହାର ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସ୍-୧ 'ପାର୍ବତୀ' ସମାନ ଅବଧି ମଧ୍ୟରେ ୮,୯୫,୪୪୬ ଟନ୍ ଉତ୍ତପ୍ତ ଧାତୁର ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ରେକର୍ଡ କରି ଏହି ପ୍ରଦର୍ଶନକୁ ପରିପୂରକ କରିଛି। ସେହିଭଳି ସିଣ୍ଟର ପ୍ଲାଣ୍ଟ-୩ ବିଭାଗ ମଧ ୩୦,୯୭,୯୮୬ ଟନ୍ ରେକର୍ଡ ସିଣ୍ଟର ଉତ୍ପାଦନ ସହିତ ଏହାର ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଛି। ଆରଏସପି ଜାନୁଆରୀ ୩୦ ତାରିଖ ରେ ଗୋଟିଏ ଦିନରେ ୫,୫୭୬ ଟନ୍ ର ରେକର୍ଡ ସଡକ ଯୋଗେ ଚାଲାଣ ପଞ୍ଜିକରଣ କରି ଲଜିଷ୍ଟିକ୍ସରେ ଏକ ନୂତନ ମାଇଲଖୁଣ୍ଟ ହାସଲ କରିଛି। ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗ ମଧ ଚଳିତ ଜାନୁଆରୀ ମାସରେ ୩,୦୪,୬୪୯, ଟନ୍ ରେଳ ଯୋଗେ ଚାଲାଣ କରି ଶ୍ରେଷ୍ଠ ରେକର୍ଡ ସ୍ଥାପନ କରିଛି ଏବଂ ଗତ ଜାନୁଆରୀ ୨୦୨୪ ରେ ହାସଲ କରାଯାଇଥିବା ପୂର୍ବ ଶ୍ରେଷ୍ଠ ୨,୯୮,୨୧୯, ଟନ୍ ଚାଲାଣକୁ ଅତିକ୍ରମ କରିଛି।



# ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବର ୩ୟ ସନ୍ଧ୍ୟାରେ ନାଟକ ଚାକ ମଞ୍ଚସ୍ଥ

ପାରାଦୀପ, ୪/୨ (ନି.ପ୍ର): ପାରାଦୀପର ଜୟଦେବ ସଦନ ଠାରେ ଜାତୀୟ ନାଟ୍ୟ ବିଦ୍ୟାଳୟ ତରଫରୁ ଆୟୋଜିତ ୨୫ ତମ ଆନ୍ତର୍ଜାତିକ ନାଟକ ମହୋତ୍ସବ 'ଭାରତ ରଙ୍ଗ ମହୋତ୍ସବର' ୩ୟ ସନ୍ଧ୍ୟାରେ କଲିକତାର ଲିଟଲ ଥିଏଷ୍ଟିଆନ ନାଟ୍ୟ ଅନୁଷ୍ଠାନ ଉମା ଝୁନଝୁନୱାଲାଙ୍କ ନିର୍ଦ୍ଦେଶନାରେ ଉର୍ଦ୍ଦୁ ଭାଷାର ନାଟକ ଚାକ୍ ମଞ୍ଚସ୍ତ କରିଥିଲେ । ଏହି ନାଟକଟି ୧୯୭୧ ମସିହାରେ ପାକିସ୍ତାନ ଏବଂ ପୂର୍ବ ପାକିସ୍ତାନ ବିଭାଜନ ସମୟରେ ଭାରତୀୟ ମୁସଲମାନ ମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ଓ ସମସ୍ୟା ବିଷୟରେ । ଏହି ନାଟକଟି ଏପରି ଏକ ମୁସଲମାନ ପରିବାରର ସଂଘର୍ଷକୁ ପ୍ରଦର୍ଶିତ କରୁଛି ଯେଉଁଠାରେ ପିତା ଗଫୁର ଖାନ୍ ତାଙ୍କ ଉତ୍ତରାଧିକାରୀ ପାରିବାରିକ ସମ୍ପତି ପାଇଁ ଅନନ୍ତ କୋର୍ଟ ମାମଲାର ସମ୍ମୁଖୀନ ହେଉଛନ୍ତି ଏବଂ ମଧ୍ୟମ ପୁତ୍ର ଅର୍ଶଦ ବିଭିନ୍ନ ଦୁଃଖ ଓ ଚିନ୍ତା ସହିତ ଭାବନାର ଏକ କାନଭାସ୍ ଦେଖାଉଛନ୍ତି । ମାଆ ଯୋହରା, ବଡ଼ ପୁଅ ମାଜିଦ ଏବଂ ସାନ ଝିଅ ରଜିଆଙ୍କର ନିଜସ୍ୱ ଆଘାତ ଏବଂ କଷ୍ଟ ଏହି ନାଟକରେ ପ୍ରଦର୍ଶିତ ହୋଇଛି । ନାଟକର ଆନନ୍ଦ ନେବା ପାଇଁ ଅଧିକ ନାଟ୍ୟପ୍ରେମି ଦର୍ଶକ ଆଜି ଜୟଦେବ ସଦନରେ ଉପସ୍ଥିତ ଥିଲେ ଏବଂ କଳାକାର ମାନେ ସେମାନଙ୍କର ନିଖୁଣ ଅଭିନୟରେ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲେ ।



## କୃଷକ କଲ୍ୟାଣ ମଂଚ ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର, ୪/୨ (ନି.ପ୍ର): କୋରାପୁଟ ଜିଲ୍ଲା ମୁଖ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀଙ୍କ ଜରିଆରେ ଏକ ଦାବୀପତ୍ର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କୋରାପୁଟ ମନୋଜ ସତ୍ୟବାନ ମହାଜନଙ୍କୁ ଦେଇଛି କୃଷକ କଲ୍ୟାଣ ମଂଚ। ଏଥିରେ ରହିଥିବା ପ୍ରମୁଖ ଦାବୀ ଗୁଡ଼ିକ ମଧ୍ୟରେ ତୁରନ୍ତ ଧାନ ମଣ୍ଡି ଗୁଡିକରୁ ଧାନ ଉଠାଣ ନିମନ୍ତେ ମାସ ଓ ସାସ ପ୍ରଦାନ କରିବା ସମ୍ପର୍କେ ରହିଛି। ନିବେଦନରେ ଜିଲ୍ଲାର ବହୁ ମଣ୍ଡିରେ ମାସ ଓ ସାସ ନଥିବା ଯୋଗୁଁ ଲକ୍ଷାଧିକ କ୍ୱିଣ୍ଟାଲ ଧାନ ବିଭିନ୍ନ ମଣ୍ଡିରେ ପଡି ରହିଛି। ତତ୍ ସହିତ ବହୁ ଚାଷୀଙ୍କ ଟୋକେନ ଆସିନାହିଁ ତୁରନ୍ତ ମଣ୍ଡି ଗୁଡିକୁ ମାସ ଓ ସାସ ପ୍ରଦାନ କରିବା ସହିତ ଚାଷୀଙ୍କ ଟୋକେନ କିଭଳି ଆସିବ ତା'ର ବ୍ୟବସ୍ଥା କରାଯାଉ । ମଣ୍ଡିରୁ ଚାଷୀଙ୍କ ଅସହାୟତାର ସୁଯୋଗ ନେଇ ମିଲର୍ସ ୫ରୁ ୧୫ କେ.ଜି. ପର୍ଯ୍ୟନ୍ତ ଅଧିକ ଧାନ କଟନୀ ଛଟଣି ବାବଦକୁ ନେଉଛନ୍ତି।

# ଜନଗଣନା ସମ୍ବନ୍ଧୀୟ ସମୀକ୍ଷା ଆଲୋଚନା ତଥା ତାଲିମ କାର୍ଯ୍ୟକ୍ରମ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା, ୪/୨ (ନି.ପ୍ର): ୨୦୨୭ ଜନଗଣନା ଐତିହାସିକ ହେବ: ନିର୍ଦ୍ଦେଶକ:ଶ୍ରୀ କଲ୍ୟାଣ :-ଖୋର୍ଦ୍ଧା ତା ୦୪.୦୨.୨୦୨୬ ରିଖ: ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଓଡ଼ିଶା ଜନଗଣନା କାର୍ଯ୍ୟ ଏବଂ ନାଗରିକ ପଞ୍ଜୀକରଣ ନିର୍ଦ୍ଦେଶକ ଶ୍ରୀ ନିଖିଲ ପବନ କଲ୍ୟାଣ ଙ୍କ ଅଧ୍ୟକ୍ଷତାରେ ଜନଗଣନା ଅଧିକାରୀ ଓ କର୍ମଚାରୀ ମାନଙ୍କ ନିମନ୍ତେ ଅନୁଷ୍ଠିତ ହୋଇ ଯାଇଅଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଖୋର୍ଦ୍ଧା, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ, ଖୋର୍ଦ୍ଧା,ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଓଡ଼ିଶା ଜନଗଣନା କାର୍ଯ୍ୟ ଏବଂ ନାଗରିକ ପଞ୍ଜୀକରଣ ବିଭାଗ ସହକାରୀ ନିର୍ଦ୍ଦେଶକ ଶ୍ରୀ ଚନ୍ଦ୍ର ମୋହନ ମହନ୍ତ ମଞ୍ଚାଶିନ ରହି ଜନଗଣନା କାର୍ଯ୍ୟ ସମ୍ପାଦନ ବିଷୟ ବସ୍ତୁ ଉପରେ ଆଲୋଚନା କରିଥିଲେ । ଜନଗଣନା ନିର୍ଦ୍ଦେଶକ ଶ୍ରୀ ନିଖିଲ ପବନ କଲ୍ୟାଣ କହିଥିଲେ ଯେ ୨୦୨୭ ଜନଗଣନା ଏକ ନିର୍ଦ୍ଦିଷ୍ଟ ସମୟାନୁବର୍ତ୍ତିତା କାର୍ଯ୍ୟ ଅଟେ । ଏଣୁ ଜିଲ୍ଲାରେ ଯେତେ ତହସିଲଦାର, ବିଡିଓ, ବିଭିନ୍ନ ଲାଇନ୍ ଡିପାର୍ଟ ମେଣ୍ଟ ଅଧିକାରୀ ଓ କର୍ମଚାରୀ ଅଛନ୍ତି ସମସ୍ତେ ନିର୍ଦ୍ଦିଷ୍ଟ ସମୟ ରେ ତାଲିମ ନେଇ ସମ୍ପୂର୍ଣ୍ଣ ଜନଗଣନା ପଦ୍ଧତି ଉପରେ ଅବଗତ ହୋଇ ତାଲିମ ଗ୍ରହଣ କରି ଏବଂ ଗଣନା କାରୀ ମାନଙ୍କୁ ତାଲିମ ଦେଇ ଜନଗଣନା କାର୍ଯ୍ୟ ଶତ ପ୍ରତିଶତ ସଠିକ୍ ଓ ସୁଚାରୁରୂପେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଆସନ୍ତା ୨୦୨୭ ମସିହାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜନଗଣନା ଏକ ଐତିହାସିକ କାର୍ଯ୍ୟକ୍ରମ ବୋଲି, ନିର୍ଦ୍ଦେଶକ ଶ୍ରୀ ନିଖିଲ ପବନ କଲ୍ୟାଣ ଉଦ୍ଧାପନ କରି ଏହି ମହତ୍ କାର୍ଯ୍ୟକ୍ରମକୁ ନିଷ୍ଠାପର ଭାବେ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସମ୍ପାଦନ କରି ରାଷ୍ଟ୍ରର ଗୌରବକୁ ବୃଦ୍ଧି କରିବାକୁ ପ୍ରକାଶ କରିଥିଲେ । ଏହି ଅବସରରେ ନିର୍ଦ୍ଦେଶକ ଶ୍ରୀ କଲ୍ୟାଣ ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀ ମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ ଦିଗରେ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ୧୬ ଶ ଦଶ ବାର୍ଷିକ ଜନଗଣନା ୨୦୨୭ କୁ ଜିଲ୍ଲା ସ୍ତରରେ ସି ପରିଚାଳନା ନିମନ୍ତେ ନିର୍ଦ୍ଦେଶକ ଶ୍ରୀ ନିଖିଲ ପବନ କଲ୍ୟାଣ ବିସ୍ତୃତ ଭାବେ ସମସ୍ତ ସୂଚନା ଉପରେ ପାୱାର ପଏଣ୍ଟ ଉପକରଣରେ ତାଲିମ ପ୍ରଦାନ କରିଥିଲେ । ଆସନ୍ତା ୧୬ ଏପ୍ରିଲ ୨୦୨୬ ରୁ ୧୫ ମଇ ୨୦୨୬ ପ୍ରଥମ ପର୍ଯ୍ୟାୟରେ ଘର ଗଣନା କାର୍ଯ୍ୟ ଅନୁଷ୍ଠିତ ହେବ । ଏହି ସମୟରେ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଅନ ଲାଇନ୍ ମାଧ୍ୟମରେ ନିଜେ ନିଜର ଜନଗଣନା ତଥ୍ୟ ପୂରଣ କରିପାରିବେ କ୍ଷ ପରିବାର ଲୋକ ସଂଖ୍ୟା ଦ୍ୱିତୀୟ ପର୍ଯ୍ୟାୟରେ ଫେବୃୟାରୀ ୯ ତାରିଖରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ସମ୍ପାଦିତ ହେବ । ଏହି ସମୟରେ ପ୍ରତ୍ୟେକ ଘରର ମୁଖ୍ୟମାନେ ନିଜ ଗୃହର ସଠିକ୍ ତଥ୍ୟ ଦେଇ ୨୦୨୭ ଜନଗଣନା କାର୍ଯ୍ୟକୁ ସ୍ୱଚ୍ଛତା ଦିଗରେ ସହଭାଗିତା ହୋଇ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାକୁ ଜନଗଣନା ନିର୍ଦ୍ଦେଶକ ଶ୍ରୀ ନିଖିଲ ପବନ କଲ୍ୟାଣ ଜିଲ୍ଲା ବାସୀଙ୍କ ସହଯୋଗ ଲୋଡିଛନ୍ତି । ସେ କହି ଛନ୍ତି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ ହୋଇଥିବା ସମସ୍ତ ଜନଗଣନାକାରୀ, ସୁପର ଭାଇଜର, ଚାର୍ଜ ଅଧିକାରୀ ସମସ୍ତଙ୍କୁ ଖୋର୍ଦ୍ଧା ଜନ ସାଧାରଣ, ଜନପ୍ରତିନିଧି ସମସ୍ତେ ସହଯୋଗ କଲେ ଜନଗଣନା କାର୍ଯ୍ୟ ଉଚ୍ଚକୋଟୀର ସମ୍ପାଦନ ହେବାସହ ଜିଲ୍ଲାର ବିକାଶ ସହ ଆମ ରାଜ୍ୟ ଓ ଦେଶର ପ୍ରଗତୀ ତ୍ୱରାନ୍ୱିତ ହୋଇପାରିବ । ଏହି ମହତ କାର୍ଯ୍ୟରେ ମୁଖ୍ୟତଃ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଗଣନାକାରି ଭାବେ କାର୍ଯ୍ୟ କରିବେ । ସେହିପରି ମାଧମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସୁପର ଭାଇଜର ଭାବେ କାର୍ଯ୍ୟ କରିବେ । ତହସିଲଦାର ମାନେ ଚାର୍ଜ ଅଫିସର ଭାବେ କାର୍ଯ୍ୟ କରିବେ । ପ୍ରାକ୍ ପ୍ରସ୍ତୁତି ଜନଗଣନା ତାଲିମ ପ୍ରତ୍ୟେକ ତହସିଲ, ବ୍ଲକ୍, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ ଆଦିରେ ପ୍ରଦାନ କରାଯିବ । ସେହିପରି ଜନଗଣନା ମ୍ୟାପ୍ ପ୍ରସ୍ତୁତ କରାଯାଇ ପ୍ରତ୍ୟେକ ଜନଗଣନାକାରୀଙ୍କୁ ପ୍ରଦାନ କରାଯିବ ଯାହାକି ସେମାନେ ନିଜର ପରିସୀମା ମଧ୍ୟରେ ସୁଚାରୁ ରୁପେ ଜନଗଣନା କାର୍ଯ୍ୟ ସମ୍ପାଦନ କରିପାରିବେ । ଶେଷରେ ଉପଜିଲ୍ଲାପାଳ ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନିରବ ନବୀନଙ୍କ ଛାୟା ...

ଗଢିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମୋହନଙ୍କ ମନ୍ତ୍ରୀଙ୍କୁ ଜଗିଥାନ୍ତେ ନବୀନଙ୍କ ବିଧାୟକ । ବିଧାନସଭାରୁ ଆରମ୍ଭ କରି ସଡ଼କ ପର୍ଯ୍ୟନ୍ତ, ସବୁଠି ସରକାରଙ୍କ ଭୁଲକୁ ନେଇ କରିଥାନ୍ତେ ଗଠନମୂଳକ ସମାଲୋଚନା। ହେଲେ ଛାୟା କ୍ୟାବିନେଟ ଗଠନ କରିବା ପରେ ଯେମିତି ଭୁଲି ଯାଇଛନ୍ତି ନବୀନ। ପରବର୍ତ୍ତୀ ସମୟରେ ବିଧାୟକଙ୍କୁ ମାଗିନାହାନ୍ତି ବିଭାଗୀୟ ରିପୋର୍ଟକାର୍ଡ। ଅନ୍ୟପଟେ ଅନ୍ତଃକନ୍ଦଳରେ ଜର୍ଜରିତ ବିଜେଡି ଦଳରେ ବିଧାୟକ ନିଜକୁ କେବଳ ନିର୍ବାଚନମଣ୍ଡଳୀରେ ସୀମିତ ରଖିଛନ୍ତି। ତେବେ ପ୍ରଶ୍ନ ଉଠୁଛି, କେବଳ ମାଇଲେଜ୍ ? ନେବାକୁ ହୋଇଥିଲା କି ଛାୟା କ୍ୟାବିନେଟ୍‌ର ଗଠନ ? ଛାୟା କ୍ୟାବିନେଟରେ ଦାୟିତ୍ୱ ପାଇଥିବା ବିଜେଡିର ନାମମାତ୍ର କିଛି ବିଧାୟକଙ୍କୁ ଛାଡିଦେଲେ ଅନ୍ୟ ବିଧାୟକଙ୍କ ପ୍ରଦର୍ଶନ ବିଧାନସଭାରେ ସେତେଟା ପ୍ରଭାବୀ ନୁହେଁ। ସରକାରଙ୍କୁ ଘେରିବାକୁ ମାଳମାଳ ପ୍ରସଙ୍ଗ ଥିଲେ ମଧ୍ୟ ଅନେକ ବିଜେଡି ବିଧାୟକଙ୍କ ନିରବ ଅବତାର ଛାୟା କ୍ୟାବିନେଟର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶ୍ନ ଉଠୁଛି, ନବୀନଙ୍କ ନିର୍ଦ୍ଦେଶକୁ ପାଳନ କରୁନାହାନ୍ତି କି ଦଳୀୟ ବିଧାୟକ? ବିଭାଗୀୟ ତର୍ଜମା କରିବାକୁ ବିଜେଡି ବିଧାୟକଙ୍କର ଆଗ୍ରହ ନାହିଁ କି ? ଅନ୍ୟପଟେ ଛାୟା କ୍ୟାବିନେଟକୁ ପ୍ରଭାବଶୂନ୍ୟ କହି କଟାକ୍ଷ କରିଛି ଶାସକ ବିଜେପି।

### ଲୋକସଭା ମୁଲତବୀ...

କହିବାକୁ ଚାହୁଁଥିଲେ ହେଁ ତାଙ୍କୁ ଗୃହରେ ଅନୁମତି ମିଳୁନାହିଁ। ସେହିପରି ଭାରତ-ଆମେରିକା ବାଣିଜ୍ୟ ଡିଲ ସମ୍ପର୍କରେ ମଧ୍ୟ ବିରୋଧୀ ବିତର୍କ ଚାହୁଁଛନ୍ତି। ଏହାକୁ ନେଇ ଆଜି ଦିନ ତମାମ ବିରୋଧୀଙ୍କ ନାରାବାଜୀ ଦେଖିବାକୁ ମିଳିଥିଲା। ମଙ୍ଗଳବାର ଗୃହରେ ବିଶୃଙ୍ଖଳା ଆଚରଣ ପାଇଁ ବାଚସ୍ପତି ୮ ଜଣ କଂଗ୍ରେସ ସାଂସଦଙ୍କୁ ଗୃହରୁ ନିଲମ୍ବିତ କରିଥିଲେ। ଏହାକୁ ମଧ୍ୟ ଆଜି କଂଗ୍ରେସ ପ୍ରସଙ୍ଗ କରି ବିକ୍ଷୋଭ କରିଥିଲା। ଏଥିଯୋଗୁ ଆଜି ସଦନ ବାରମ୍ବାର ସ୍ଥଗିତ ହୋଇଥିଲା। ଶେଷରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ପୂର୍ବରୁ ହିଁ ଗୃହ କାର୍ଯ୍ୟକୁ ଆସନ୍ତାକାଲି ଯାଏ ମୁଲତବୀ କରି ଦିଆଯାଇଛି। ଆସନ୍ତାକାଲି ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଜବାବ ରଖିବେ ବୋଲି ଜଣାପଡ଼ିଛି। ତେବେ ଏନେଇ ବିଧିବଦ୍ଧ ସୂଚନା ମିଳି ନାହିଁ। ସଂସଦର ବଜେଟ ଅଧିବେଶନ ସମୟରେ ଦେଖିବାକୁ ମିଳିଲା ରାଜନୈତିକ ଉଷ୍ମତା। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ କେନ୍ଦ୍ରମନ୍ତ୍ରୀ ରଭନୀତ ସିଂହ ବିଟ୍ଟୁ ଲୋକସଭାରେ ମୁହାଁମୁହିଁ ହୋଇଥିଲେ।

## ଜଙ୍ଗଲ ନିଆଁ ରୋକିବାକୁ ବ୍ୟବହାର ହେଉଛି ମିନି ଡ୍ରୋନ୍

ଭୁବନେଶ୍ୱର, ୪/୨ (ନି.ପ୍ର): ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ରୋକିବା ପାଇଁ ରାଜ୍ୟ ବନ ବିଭାଗ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରାଯାଇଛି । ଆବଶ୍ୟକ ସ୍ଥଳରେ ଜଙ୍ଗଲ ନିଆଁ ଉପରେ ନଜର ରଖିବା ପାଇଁ ମିନି ଡ୍ରୋନ ବ୍ୟବହାର କରାଯାଉଛି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ୍) କେ ମୁରୁଗେସନ ସୂଚନା ଦେଇଛନ୍ତି। ଜଙ୍ଗଲରେ ନିଆଁ ଲାଗିଲେ ତୁରନ୍ତ ୧୮୦୦-୩୪୫-୭୧୫୮ ଟୋଲ୍-ଫ୍ରି ନମ୍ବରରେ ସୂଚନା ଦେବାକୁ ପିସିସିଏଫ୍ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି ।ସେହିପରି, ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଇଲେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସିଏଫ୍ ଚେତାବନୀ ଦେଇଛନ୍ତି। ରାଜ୍ୟରେ ଆସନ୍ତା ବନାଗ୍ନି ଋତୁକୁ ସଫଳତାର ସହ ମୁକାବିଲା କରିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ନେଇ ଭୁବନେଶ୍ୱରସ୍ଥିତ 'ଅରଣ୍ୟ ଭବନ'ଠାରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଡ କେ. ମୁରୁଗେସନଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କାର୍ତିକ ଭି., ସି.ଏଫ୍, ପି ଏଣ୍ଡ ଏସ୍ ଏମ୍ ଉପସ୍ଥିତ ରହି ବନାଗ୍ନିର ପ୍ରଭାବ ଏବଂ ଏହାର ପ୍ରତିକାର ପାଇଁ ବିଭାଗ ଗ୍ରହଣ କରିଥିବା ବୈଷୟିକ ଓ କ୍ଷେତ୍ରସ୍ତରୀୟ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବନାଗ୍ନି କେବଳ ଜଙ୍ଗଲ ନୁହେଁ, ବରଂ ବନ୍ୟପ୍ରାଣୀ ଏବଂ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଜୀବିକା ପାଇଁ ଏକ ବଡ଼ ସଙ୍କଟ ବୋଲି ବୈଠକରେ ମତପ୍ରକାଶ ପାଇଛି।

## ଦହପାଣିଆ ସ୍କୁଲରେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପନ

ଭଦ୍ରକ, ୪/୨ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଦହପାଣିଆ ସ୍ଥିତ ଦଳିତ ଓ ଆଦିବାସୀ ଆବାସିକ ବିଦ୍ୟାଳୟ ରେ ଚାଲିଥିବା ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ର ଉଦଯାପନ ହୋଇଯାଇଛି। ଏହି ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ରେ ଜିଲ୍ଲାରୁ ୯ ଗୋଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଦୌଡ଼, ଦଉଡ଼ି ଡିଆଁ, ପୋଟୀ, ବାଇଗଣ ଦୌଡ, ଗଣିତ ଦୌଡ଼ ଆଦି ଖେଳରେ ଶତାଧିକ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ତେବେ ଏହି ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ରେ ଉଦଯାପନୀ ଉତ୍ସବରେ ଅପରାହ୍ନ ରେ ଏକ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଆବାସିକ ବିଦ୍ୟାଳୟର ପ୍ରଧାଶିକ୍ଷକ କାଳିପଦ ଦାସ ସଭାପତିତ୍ୱ କରିଥିଲାବେଳେ, ମୁଖ୍ୟଅତିଥି ଭାବେ ଭଦ୍ରକ ପିଡି ଦନେଇ ଚରଣ ଟୁଡୁ ଯୋଗଦେଇ , ଓଡ଼ିଶା ମାଟିର ଝିଅ ମହାମହିମ ରାଷ୍ଟ୍ରପତି ଦ୍ରୋପଦି ମୁର୍ମୁ ଦେଶର ପ୍ରଥମ ନାଗରିକ ହୋଇ ସମସ୍ତ ଓଡ଼ିଶାବାସୀ ଙ୍କୁ ଗର୍ବିତ ଅନୁଭବ କରାଇଛନ୍ତି ତେବେ ଆମ ଦହପାଣିଆ ଆବାସିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଆଗାମୀ ଦିନରେ ଖେଳ ରେ, ଗୀତ, ନାଚ, ଶିକ୍ଷ୍ୟା ନିଶ୍ଚିତ ଭାବେ ଜିଲ୍ଲା ତଥା ରାଜ୍ୟରେ ସୁନାମ ଅର୍ଜନ କରି ଓଡ଼ିଶା କୁ ଗୌରାବନିତକରିବେ ବୋଲି ମତ ପ୍ରକାଶ କରିଥିଲେ। ସେହି ପରି ମୁଖ୍ୟବକ୍ତା ଭାବେ ତିହିଡ଼ି ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ବାରିକ୍ ଯୋଗ ଦେଇ ମୁଁ ବହୁତ ବିଦ୍ୟାଳୟ ଯାଇଛି ଏବଂ ନିଜେ ଏକ ଆଦର୍ଶ ବିଦ୍ୟାଳୟ ର କିଛି କାଳ ଶିକ୍ଷକତା କରିଛି କିନ୍ତୁ ମୋତେ ଏହି ଆବାସିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଶୃଙ୍ଖଳା, ଖେଳୁଆଡ ମନୋଭାବ ମୋତେ ବହୁତ ପ୍ରଭାବିତ କରିଛି ବୋଲି କହିଥିଲେ ।ଅନ୍ୟାନ୍ୟ ଅତିଥି ମଧ୍ୟରୁ ଜିଲ୍ଲା ମଙ୍ଗଳ ଅଧିକାରୀ ସାଲୁ କୁମାର ଟୁଡୁ, ତିହିଡ଼ି ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରିଣୀ ସୋମ୍ୟାସୁଚରିତା ମହାନ୍ତି, ଧାମନଗର ବିଧାୟକ ଙ୍କ ପ୍ରତିନିଧି ରମାକାନ୍ତ ମଲ୍ଲିକ,ଭଦ୍ରକ ମୋହରିର ସଙ୍ଘ ର ସଭାପତି ରାମଚନ୍ଦ୍ର ନାୟକ, ଚାନ୍ଦବାଲି ଗୋଷ୍ଠି ସମ୍ପ୍ରସାରଣ ଅଧିକାରୀ ଧନେଶ୍ୱର ନାୟକ,ବାରୋ ପଞ୍ଚାୟତ ର ସରପଞ୍ଚ ଭାରତୀ ମଲ୍ଲିକ, କାପଡ଼ା କ୍ଲଷ୍ଟର ସି ଆର ସି ସି ଶନିଶ୍ଚର ମହାଲିକ, ବାସନ୍ତି କମିଟି ର ସଭାପତି ପଦ୍ମଲୋଚନ ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ସୋମନାଥ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା କ୍ରୀଡ଼ା ଶିକ୍ଷକ କମଳା କାନ୍ତ ସାହୁ, ତନ୍ମୟ ବେହେରା, ସୁରଜିତ୍ ଜେନା,ପ୍ରଭାତ ଜେନା ଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ରେ ଭାଗ ନେଇ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମ ଟିକୁ ଆବାସିକ ବିଦ୍ୟାଳୟ ଶିକ୍ଷୟତ୍ରୀ ଖିରାବ୍ଧି ମାଝୀ, ସସ୍ମିତା ସାହୁ, ଶାନ୍ତିଲତା ସାମଲ, ତୃପ୍ତିମୟୀ ବେହେରା, ଶିକ୍ଷକ ଶଶିକାନ୍ତ ପଣ୍ଡା, ଦେବୀ ଦତ୍ତା ଦାସ, ବସନ୍ତ କୁମାର ପାଗରାଇ, ମନୋରଞ୍ଜନ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ଟିକୁ ପରିଚଳନ କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାସୁଦେବପୁର, ୪/୨ (ନି.ପ୍ର): ବାସୁଦେବପୁର ସହରର ନବ ଗ୍ରହ ମନ୍ଦିର ନିକଟସ୍ଥ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଅଟଳ ବିହାରୀ ମହାବିଦ୍ୟାଳୟର ଅଧାପକ ବିଜୟ କୁମାର ଅଗସ୍ତି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ଏହି ଉତ୍ସବରେ ସହ ଶ୍ରମ ଅଧିକାରୀ ଡକ୍ଟର ମନୋରଞ୍ଜନ ନାୟକ,ଏକାଡେମୀକ୍ କୋଚ୍ ସୁଚିସ୍ମିତା ରାଜଗୁରୁ,ବିଦ୍ୟାଳୟର ଚେୟାରମ୍ୟାନ୍ ରବୀନ୍ଦ୍ର କୁମାର ଦାସ,ପରିଚାଳନା ନିର୍ଦ୍ଦେଶକ ସସ୍ମିତା ଦାସ, ଅଧକ୍ଷ ଶୁଭମ୍ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ଶିକ୍ଷୟତ୍ରୀ ମମତା ପ୍ରିୟ ଦର୍ଶିନି ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ପ୍ରଭାସ କୁମାର ସ୍ୱାଇଁ, କୈଳାସ ସାହୁ, ଚିରଞ୍ଜିବ ମହାନ୍ତି, ଶରତ ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ବ୍ୟାସକବି ଫକୀରମୋହନ ସେନାପତିଙ୍କ ଆବକ୍ଷ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ

ନୀଳଗିରି , ୪/୨ (ନି.ପ୍ର): ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ନୀଳଗିରି ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ଛକ ଠାରେ ସ୍ଥାପିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଆବକ୍ଷ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତିର ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଆ ଭାଷା ଓ ସାହିତ୍ୟର ଅନନ୍ୟ ବିନ୍ଧାଣୀ ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା,ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଫିତାକାଟି ଅନାବରଣ କରିଥିଲେ। ପରେ ପରେ ଏକ ସାଧାରଣ ସଭାରେ ମୁଖ୍ୟଅତିଥି ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମେତ ନୀଳଗିରି ପଞ୍ଚାୟତସମିତି ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ,ନୀଳଗିରି ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ରନାଥ ବେହେରା, ନୀଳଗିରି ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମକେଶରୀ ପରିଡ଼ା, ପୌରପରିଷଦ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଂଶୁମାନ ପରିଡ଼ା, ଜିଲ୍ଲାପରିଷଦ ସଦସ୍ୟା ଶ୍ରୀମତୀ ରଞ୍ଜିତା ସିଂ,ଶ୍ରୀମତୀ ସୁବର୍ଣ୍ଣ ମଞ୍ଜରୀ ସିଂ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅନାବରଣ ଉତ୍ସବରେ ମୁଖ୍ୟଅତିଥି ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ନିଜବକ୍ତବ୍ୟରେ ଓଡ଼ିଶାର ମହାନ ମନୀଷୀ ମାନଙ୍କ ମଧ୍ୟରେ ବ୍ୟାସକବି ଫକୀରମୋହନ ସେନାପତି ଅନନ୍ୟ ବୋଲି କହିଥିଲେ। ବାଲେଶ୍ୱର ଜିଲ୍ଲାର ନୀଳଗିରି ଗଡ଼ଜାତମାଟି ତାଙ୍କ କର୍ମସ୍ଥଳୀରେ ଦିୱାନ ସହ ସାହିତ୍ୟ ସାଧନକରି ନିଜର ବହୁମୁଖୀ ଦକ୍ଷତାର ପରିଚୟ ସୃଷ୍ଟି କରିଥିଲେ। ଏଥିସହ ଅନ୍ୟ ଦେଶୀୟରାଜ୍ୟରେ ମଧ୍ୟ ଦେୱାନି କାର୍ଯ୍ୟଭାର ତୁଲାଇଥିଲେ ।ତାଙ୍କ ତୀକ୍ଷ୍ଣ ଶକ୍ତ ଲେଖନୀମୁନରେ ଓଡ଼ିଆଭାଷା ସାହିତ୍ୟର ସମୃଦ୍ଧି ହେବା ସହିତ ଭାଷା ଭିତ୍ତିକ ରାଷ୍ଟ୍ରଗଠନର ମୂଳ କର୍ଣ୍ଣଧାର ଥିଲେ ।ତାଙ୍କରି ଅଦମ୍ୟ ଚେଷ୍ଟା ଓ ଲେଖନୀଚାଳନା ବଳରେ ସମାଜରେ ପରିବର୍ତ୍ତନ ହୋଇପାରିଥିଲା ।ଆଜି ସେହି ମହାନ୍ ବୈପ୍ଳବିକ ପରିବର୍ତ୍ତନର କର୍ଣ୍ଣଧାର ବ୍ୟାସକବି ଫକୀରମୋହନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ବା ଅନାବରଣ କରି ନିଜକୁ ଧନ୍ୟ ମନେ କରୁଛି ବୋଲି ସାଂସଦ ଅଭିବ୍ୟକ୍ତି ରଖିଥିଲେ। ଅନ୍ୟାନ୍ୟ ବରେଣ୍ୟ ଅତିଥିଗଣ ଫକୀର ମୋହନଙ୍କ ଅତୀତ ଇତିବୃତି ସ୍ମୃତି ଚାରଣ କରିଥିଲେ ।ଉକ୍ତ ସାଧାରଣ ସଭାରେ ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମକେଶରୀ ପରିଡ଼ା ପୌରୋହିତ୍ୟ କରିଥିବା ବେଳେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ମଞ୍ଚପରିଚାଳନା କରିଥିଲେ ।ଏହି ଉତ୍ସବରେ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଆସିଥିବା ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ,ବରିଷ୍ଠ ନାଗରିକ, ବୁଦ୍ଧିଜିବୀ,ସମାଜସେବୀ, ଲୋକ ପ୍ରତିନିଧି, ପୁର୍ବତନ ଲୋକ ପ୍ରତିନିଧି, ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ଏବଂ ସାମ୍ବାଦିକଗଣ ଯୋଗଦେଇ ସଫଳତା ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୁବନେଶ୍ୱରରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ



ଭୁବନେଶ୍ୱର , ୪/୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମ ର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀଙ୍କ ଅଧ୍ୟକ୍ଷତାରେ,ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ, ତାଙ୍କ ସୁ ପୁତ୍ର ଆୟୁଷ୍ମାନ୍ ଇ ନିଶୀଥେ ନୟନ ବାରିକ-ସୁ ପୁତ୍ରବଧୂ ଆୟୁଷ୍ମତୀ ମୁନି ମତୀ ଡ଼ା ଲିପିକା ବାଛିନୀ ଙ୍କର ଏକମାତ୍ର ସୁ କନ୍ୟା ଆୟୁଷ୍ମତୀ କୁମାରୀ ଗୀତାଶୀ ଗଉରୀ ନନ୍ଦିନୀ ଙ୍କ ର୮ ମ ଶୁଭ ଜନ୍ମଦିନ ମୁନି ପରିବାରର ସମସ୍ତ ସଦସ୍ୟ-ସଦସ୍ୟା,ବନ୍ଧୁ-ବାନ୍ଧବ ମାନଙ୍କ ଗହଣରେ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମତୀ କୁମାରୀ ଗୀତାଶୀ ଗଉରୀ ନନ୍ଦିନୀ ଙ୍କ ର ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ବିଶ୍ୱରେ ସେ ଜଣେ ପ୍ରତିଷ୍ଠିତା ବିଦୁଷୀ ବ୍ରହ୍ମଜ୍ଞାନୀ ନାରୀ ହବାର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା ।ଉପସ୍ଥିତ ଥିଲେ- ମାତା,ପିତା, ଜେଜେମା- ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକ, ଆଇ ଶ୍ରୀମତୀ ଚମ୍ପକଲତା ବାରିକ୍,ମାମୁ-ଅଭିଜିତ୍ ବାଛିନୀ ,ସୁଶ୍ରୀ ଶିବାନୀ, ନିବେଦିତା ଭଞ୍ଜ, ପିଉସା ଶ୍ରୀଯୁକ୍ତ ଗୋପବନ୍ଧୁ ବର, ପିଇସି ମା, ଶ୍ରୀମତୀ ପ୍ରମୋଦିନୀ ବାରିକ, କୁମାରୀ ଆକୃତି ସାମଲ, ଭୁବନେଶ୍ୱରୀ ପ୍ରଧାନ, ସଙ୍ଗୀତା ସାହୁ, ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ, ଶ୍ରୀଯୁକ୍ତ ମିନାସ୍ ଦେବତା,ଶ୍ରୀମତୀ ଜୟନ୍ତୀ ଦେବତା,ଶ୍ରୀଯୁକ୍ତ ଦେବବ୍ରତ ସେଠି, ଶ୍ରୀଯୁକ୍ତ ପ୍ରତାପ ପ୍ରଧାନ ପ୍ରମୁଖ । ଶେଷରେ ଜେଜେ ଯୋଗୀ ପରମାନନ୍ଦ ବାରିକ, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ସ୍ରଷ୍ଟାର ବାର୍ଷିକ ଉତ୍ସବ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

### ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ହେଲା ନାଟକ 'ନଷ୍ଟ ନାଟକର ନାଟ୍ୟକାର'

ବାଲେଶ୍ୱର, ୪/୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ଓ ବୁଁ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟନୁଷ୍ଠାନ ସ୍ରଷ୍ଟାର ୪୮ତମ ବାର୍ଷିକ ଉତ୍ସବ ଓ ଚତୁର୍ଥ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ର ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟ ଆୟୋଜିତ ହୋଇ ଯାଇଛି। ଏଇ ସନ୍ଧ୍ୟା ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସଂସ୍କାରକ, ସଂଗଠକ ସ୍ୱର୍ଗତ ରାଜା ବୈକୁଣ୍ଠ ନାଥ ଦେବଙ୍କୁ ଉତ୍ସର୍ଗ କରାଯାଇଥିଲା। ପ୍ରଯୋଜନା କରିଥିଲେ ତାଙ୍କର ଅଣନାତି ଶ୍ରୀ ସୁଜିତ କୁମାର ଦେବ। ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଶିଷ୍ଟ ନାଟ୍ୟ ତତ୍ତ୍ୱବିତ୍ ଡ.ରାଖାଲ ଚନ୍ଦ୍ର ଘଡ଼େଇ ଓ ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଅଧକ୍ଷ ଡ.ନଟବର ପାଣିଗ୍ରାହୀ ଯୋଗ ଦେଇ ନାଟକ ର ବିଭିନ୍ନ ଦିଗନ୍ତ ତଥା ସମାଜର ଦୈନନ୍ଦିନ ଜୀବନର ଘଟୁଥିବା ଘଟଣା ମାନ କିପରି ନାଟକ ରେ ପ୍ରତିଫଳିତ ହୋଇ ସମାଜ କୁ ଦିଗଦର୍ଶନ ଦିଏ ବୋଲି ମତ୍ ବ୍ୟକ୍ତ କରିଥିଲେ ।ସ୍ରଷ୍ଟା ର ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲାବେଳେ ଅନୁଷ୍ଠାନର ସଭାପତି ଶ୍ରୀ ଆଲୋକ କୁମାର ସାହୁ ପ୍ରାକ୍ କଥନ ରଖିଥିଲେ ।ଉପ ସଭାପତି ଶ୍ରୀ ପ୍ରସନ୍ନ କୁମାର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ନାଟ୍ୟକାର ଶ୍ରୀ ପୀତାମ୍ବର ଦାସ ଶେଷ କଥା ଓ ଧନ୍ୟବାଦ୍ ଦେଇଥିଲେ। ପରେ ସ୍ରଷ୍ଟାର ନିଜସ୍ୱ ନାଟକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ 'ନଷ୍ଟ ନାଟକର ନାଟ୍ୟକାର'ନିଜ କଳାକାର ଙ୍କ ଦ୍ୱାରା



ଅଭିନୀତ ହୋଇଥିଲା। ସଙ୍ଗୀତ ରେ ଥିଲେ ଗୁରୁ ନନ୍ଦ କିଶୋର ଦାସ।'ବର୍ତ୍ତମାନ ମଣିଷ ଯଶ,ଖ୍ୟାତି,ଅର୍ଥ, କ୍ଷମତା ପିପାସୁ ହୋଇ ଯାଇଛି ।ସୃଷ୍ଟି କର୍ତ୍ତାଙ୍କୁ ଅଣଦେଖା କରି ନିଜ ଗର୍ବରେ ଆଗେଇଚାଲୁଛି ।ଏକ ଡ଼ାକ୍ତର ଦମ୍ପତି ନିଜର ସମୟ ନାହିଁ ବାହାନାରେ ଯଶ, ଖ୍ୟାତି ଅର୍ଥ ଲୋଭରେ ବିଜ୍ଞାନ ଗବେଷଣା ଚଳାଇ ମଣିଷର ଆୟୁକୁ ବଢ଼ାଇ ଅମର କରିବାର ପ୍ରୟାସ ଜାରି ରଖି,ନାରୀକୁ ସନ୍ତାନରେ ଜନନୀରୁ ବଞ୍ଚିତ ସମୟ ଅପଚୟ ନକରିବାକୁ ଚେଷ୍ଟା ଚଳାଉଛି । ଶେଷରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଧରାବତରଣ ପୂର୍ବକ ମଣିଷ ର ମାନସିକତାକୁ ପରିବର୍ତ୍ତନ କରି ସୃଷ୍ଟି ରକ୍ଷା କରିବାକୁ ପୃଥିବୀକୁ ଆସନ୍ତି ।ସୁଭଦ୍ରା ଡାକ୍ତରାଣି ଗର୍ଭରେ ଗର୍ଭସ୍ଥ ହୋଇ ଜନ୍ମ ନେବାକୁ ବ୍ୟାକୁଳିତ ହେଉ ଥିବାବେଳେ ତାକୁ ନଷ୍ଟ କରି ଡାକ୍ତର ଦମ୍ପତି ପିତୃ ମାତୃତ୍ୱ କୁ ଅବମାନନା କରନ୍ତି ।ଏଣେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ସୃଷ୍ଟି ରକ୍ଷା ର ପ୍ରୟାସ ତେଣେ ଡାକ୍ତର ଦମ୍ପତି ଙ୍କ ସୃଷ୍ଟିର ବିନାଶ ପ୍ରୟାସ ମଧ୍ୟରେ ନାଟ୍ୟକାର ଙ୍କର ବୁଦ୍ଧିବଣା ହୋଇଯାଏ ।କାହାକୁ କରିବେ ବଡ,ବିଜ୍ଞାନ କୁ ନା ସୃଷ୍ଟି କର୍ତ୍ତାଙ୍କୁ।ଏଇ ଦ୍ୱନ୍ଦ ମଧ୍ୟରେ ନାଟ୍ୟକାର କଲମ ପରିତ୍ୟାଗ କରି ଦର୍ଶକ ଙ୍କ ଉପରେ ନାଟକର ଶେଷ ଯବନିକା କଣହେବ ଛାଡ଼ି ଦି ଅନ୍ତି।' ଏହାହିଁ ନାଟକର ବିଷୟବସ୍ତୁ। କଳାକାର ଶ୍ରୀ ସଂଗ୍ରାମ ମହାନ୍ତି,ଅଜିତ ପଣ୍ଡା,ରତିକାନ୍ତ ମଲିକ,ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ,ସମ୍ ରାଇ କର,ପୁଷ୍ପିତା ପାଢ଼ୀ, ସ୍ୱାତିସ୍ମିତା ଦାସଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା।

## ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବାସୁଦେବପୁର, ୪/୨ (ନି.ପ୍ର): ବାସୁଦେବପୁର ସହର ନିକଟସ୍ଥ ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ସଭାପତିତ୍ୱ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡକ୍ଟର ରାମଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ସାହିତ୍ୟ ଓ କଳା ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତୃପ୍ତି ମହିଳା ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷା ଡକ୍ଟର ଅନିମା କୁମାରୀ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଉତ୍ସବରେ ତୃପ୍ତି ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ସୁଶ୍ରୀ ଅଳକାନନ୍ଦା ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧାପିକା ସୋନାଲି ଅପରାଜିତା ପଟ୍ଟନାୟକ ଏହି ଉତ୍ସବରେ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅଧାପକ ରମାକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡକ୍ଟର ମହେଶ୍ୱର ପାଢ଼ୀ ବେଦ ପାଠ କରିଥିଲା ବେଳେ ଅଧାପିକା ପଙ୍କଜିନି ଦାସ ମାନପତ୍ର ପାଠ କରିଥିଲେ। ଅଧାପିକା ପୁଷ୍ପମାଳା ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର ଉନ୍ମୋଚିତ ହୋଇ ଥିଲା। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଶେଷରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବହୁ ସଂଖ୍ୟାରେ ଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ।

# କାଶୀଡିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୪ ତମ ବାର୍ଷିକ ଉତ୍ସବ ପାଳିତ

ଜଳେଶ୍ୱର, ୪/୨ (ନି.ପ୍ର): ଜଳେଶ୍ୱର ବ୍ଲକ ଶୁଗୋ ପଞ୍ଚାୟତ କାଶୀଡିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଶାନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ।ଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ଡ.କାଳୀପଦ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟର ଅତୀତର ସ୍ମୃତି,ବର୍ତ୍ତମାନର ସଫଳତା ଏବଂ ଭବିଷ୍ୟତର ସ୍ୱପ୍ନ କୁ ସାକାର କରିବା ଉଦେଶ୍ୱରେ ବକ୍ତବ୍ୟ ପ୍ରଦାନ କରିଥିଲେ।ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅରୁଣ କୁମାର ପ୍ରଧାନ,ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଜେନା,ଅବସରପ୍ରାପ୍ତ ଅଧକ୍ଷ କମଳାକାନ୍ତ ଚନ୍ଦ,ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ,ଆଞ୍ଚଳିକ ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜକ ମହେନ୍ଦ୍ର କୁମାର ପାତ୍ର,ସୀମାନ୍ତ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାସନା ଗିରି,ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ କୁମାର ରାଉଳ,ସାମ୍ବାଦିକ ମନୋଜ କୁମାର ଭୂୟାଁ,ସରପଞ୍ଚ ଜୟନ୍ତୀ ପରିଡା, ସମିତି ସଭ୍ୟା ଅନିତା ମାହାନ୍ତି,ପରିଚାଳନା କମିଟିର ସଭାପତି ସଞ୍ଜିବ କୁମାର ସେନାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଛାତ୍ରୀ ପ୍ରିୟଙ୍କା ସେନାପତି ମଞ୍ଚ ଆହ୍ୱାନ କରିଥିଲା ବେଳେ ଶିକ୍ଷୟିତ୍ରୀ ମାଳବିକା ଗିରୀ ବାର୍ଷିକ ବିବରଣୀ ପାଠ କରିଥିଲେ।ବେଦ ପାଠ କରିଥିଲେ ପଣ୍ଡିତ କିଶୋର କୁମାର କର।ଶିକ୍ଷୟିତ୍ରୀ ବିଶ୍ୱଭାରତୀ ପାତ୍ର ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।ମଧୁମିତା ଜେନା,ଅନିତା ଦାସ,ରାଜୀବ ସେନାପତି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମଞ୍ଚ ପରିଚାଳନା କରିଥିଲେ।ସଂଧ୍ୟାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ‘ଜୀବନ ସଂଘର୍ଷ‘ ଏକ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା।



# କୁଳଡିହାରେ ପୁଣି ୬ ଶିକାରୀ ଗିରଫ: ଜଙ୍ଗଲିଜନ୍ତୁଙ୍କ ଦେହାବଶେଷ ସହ ମୋବାଇଲ୍ ଓ ମଟରସାଇକେଲ ଉଦ୍ଧାର




ନୀଳଗିରି , ୪/୨ (ନି.ପ୍ର): କୁଳଡିହା ବନବିଭାଗ ଦ୍ୱାରା ବାରମ୍ବାର ଚଢ଼ାଉ ଜାରିରହିଥିବା ବେଳେ ଅଧିକାଂଶ ସମୟରେ ଶିକାରୀ ଧରାପଡ଼ିବା ଏବଂ ଗିରଫହେବା ସାମ୍ନାକୁ ଆସିଛି। ଗତ ଜାନୁଆରୀ ୨୨ତାରିଖ ୧୭କେ ୨୦୨୫/୨୬ଅନୁଯାୟୀ ପୁଣି ୬ ଶିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୧୩ଟି ବଜ୍ରକାପ୍ତା କାତି, ୮ଟି ମୋବାଇଲ ସହ ୩ଟି ମଟରସାଇକେଲ ଜବତ କରିଛି। ତେବେ ଏହି ରାକେଟରେ ୨ସପ୍ତାହ ମଧ୍ୟରେ ଆଜିକୁ ଲଗାଇ ମୋଟ ୧୧ଜଣ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଆଜି ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ସହକାରୀ ଶିକ୍ଷକ ଥିବା ବନବିଭାଗ ସୂଚନା ଦେଇଛି।

# ଆଜିଠୁ ଭୁବନେଶ୍ୱରରେ ଆରମ୍ଭ ହେବ ପ୍ରଥମ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ

ଭୁବନେଶ୍ୱର, ୪/୨ (ନି.ପ୍ର): ପ୍ରଥମ ଥର ପାଇଁ ଭାରତରେ ଆୟୋଜିତ ହେବାକୁ ଯାଉଛି ବ୍ଲାକ୍ ସ୍ୱାନ୍ ସମ୍ମିଳନୀ। ଆସନ୍ତା ୫-୬ ଫେବୃଆରୀ ଦୁଇ ଦିନ ଧରି ରାଜ୍ୟ ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଏହି ସମ୍ମିଳନୀରେ ଦେଶର ପ୍ରଥମ ମହିଳା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବେ । ରାଜ୍ୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ସଚିବ ବିଶାଳ କୁମାର ଦେବ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମ ବ୍ଲାକ୍ ସ୍ୱାନ୍ ସମ୍ମିଳନୀ ଭାରତର ଡିଜିଟାଲ୍ ଏବଂ ଅର୍ଥନୈତିକ ଭବିଷ୍ୟତ ଗଠନ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦୃଢ଼ କରିବ।

# ବାଳିକା ଆତ୍ମସୁରକ୍ଷା ତାଲିମ ଶିବିରର ଉଦ୍‌ଘାଟନ ଉତ୍ସବ




ଉଦଳା, ୪/୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ଠାରେ ଚଳିତ ଫେବୃଆରି ୩ ତାରିଖ ମଙ୍ଗଳବାର ଦିନ +୩ ପ୍ରଥମ ବର୍ଷ ବାଳିକା ମାନଙ୍କର ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରି ଆତ୍ମ ସୁରକ୍ଷା ତାଲିମ ବର୍ତ୍ତମାନ ବାଳିକା ମାନଙ୍କ ପକ୍ଷେ କିପରି ଜରୁରି ହୋଇ ପଡ଼ିଛି ବ୍ୟକ୍ତ କରିଥିଲେ । ଏହି ଶିବିରର ସଂଯୋଜିକା ଅଧାପିକା ଡ଼. ଆରତିବାଳା ସାହୁ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବାର ଦକ୍ଷ ଆତ୍ମ ସୁରକ୍ଷା ତାଲିମ ମାନସପଟ୍ଟରେ ଭରିଦେଇଥାଏ ବୋଲି ନିଜର ବକ୍ତବ୍ୟରେ କହିଥିଲେ । ଅଧାପିକା ମଂଜୁଳା କଳିଆ ଏହି ତାଲିମ ଆଜିଠାରୁ ୧୦ ଦନି ଧରି ଚାଲିବା ସହ ୧୧ ତାରିଖ ବୁଧବାର ଦିନ ଉଦ୍‌ଯାପିତ ହେବ ବୋଲି ସୂଚନା ପ୍ରଦାନ କରିବା ସହ ତାଲିମରେ ଶିକ୍ଷା ଦିଆଯାଉଥିବା କୌଶଳ ଗୁଡ଼ିକୁ ନିୟମିତ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ । ମୋଟ ୧୧୩ଜଣ ଛାତ୍ରୀ ଏହି ତାଲିମ ନେଉଥିବା ବେଳେ ପ୍ରଶିକ୍ଷିକା ଭାବରେ ନାନିକା ସିଂ ତାଲିମ ଦେଉଛନ୍ତି । ଅଧାପକ ରବିନାରାୟଣ ମହାପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପିକା ପ୍ରଣତି ରାଜ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେବା ସହ ଉଦ୍‌ଘାଟନ ଉତ୍ସବର ଯବନିକା ପକାଇଥିଲେ ।

# ଅମର୍ଦାରୋଡ ସାର୍ବଜନୀନ ଶ୍ରୀପଞ୍ଚମୀ ମେଳା ଉତ୍ସବ ଆଜିଠୁ ଆରମ୍ଭ

ବସ୍ତା , ୪/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା,ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତ ସ୍ଥିତ ହାଟପଡିଆ ଠାରେ ସର୍ବପୁରାତନ ଶ୍ରୀ ପଞ୍ଚମୀ ମେଳା ୫ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୂଚନା ଥାଉ କି ଯେ,ଏହି ମେଳା ପ୍ରାୟ ୮୦ ବର୍ଷରୁ ଉର୍ଦ୍ଧ ହେବ ହୋଇଆସୁଛି। ଏହି ମେଳାଉତ୍ସବରେ ବିଶିଷ୍ଟ ଅତିଥି ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ମେଲୋଡି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯିବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀପଞ୍ଚମୀ ମେଳା ଅମର୍ଦାରୋଡ଼ର ସାଂସ୍କୃତିକ ପରମ୍ପରା ଏକ ଭିନ୍ନ ପରିଚୟ ଦେଇଛି। ୯ ଦିନ ଧରି ସୁପ୍ରସିଦ୍ଧ ଶ୍ରୀପଞ୍ଚମୀ ମେଳା ଚାଲିବ। ଆବାଳ ବୃଦ୍ଧବନିତା ଏହି ମେଳା ଉତ୍ସବକୁ ପଶ୍ଚିମ ବଙ୍ଗ,ମୟୁରଭଞ୍ଜ, ଜଳେଶ୍ୱର, ବାଲେଶ୍ୱରର ଆଖପାଖ ଅଞ୍ଚଳ ଓ ବହୁ ଦୂରଦୂରାନ୍ତରୁ ଆସି ପରିବାର ସହିତ ସାମିଲ ହୁଅନ୍ତି।ଏହି ମେଳାର ବିଶେଷତ୍ୱ ଏଠାରେ ସରସ୍ୱତୀ ପୂଜା ଠାରୁ ମେଳା ନସରିବା ଯାଏଁ ମା’ ସରସ୍ୱତୀଙ୍କ ମେଢ଼କୁ ବିସର୍ଜନ କରାଯାଇ ନଥାଏ।ମେଳା ସରିବା ପରେ ବିସର୍ଜନ କରାଯାଇଥାଏ। ଚଳିତ ବର୍ଷ ଏହି ମେଳା ପୂଜାର ୧୧ ଦିନ ପରେ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ କଳା ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପ୍ରକାଶ କରିଛନ୍ତି।ଦୀର୍ଘଦିନ ଠାରୁ ଏହି ମେଳା ଏକ ଗଣ ପର୍ବରେ ପରଣିତ ହୋଇଛି।

# ବିଶ୍ୱ କର୍କଟ ଦିବସ-୨୦୨୬ ପାଳିତ




ବାଲେଶ୍ୱର, ୪/୨ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ବିଶ୍ୱ କର୍କଟ ଦିବସ -୨୦୨୬ ପାଳିତ ହୋଇଛି। ଏହି ଉପଲକ୍ଷେ ଜିଲ୍ଲା ତାଲିମ୍ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷୟ ବସ୍ତୁ - ‘ଅନନ୍ୟ ଓ ସମ୍ମିଳିତ ପ୍ରୟାସ ଉପଯୋଗରେ କର୍କଟ ରୋଗର ନିରାକରଣ’ ଉକ୍ତ ସଭା ଅମୂଲ୍ୟ କୁମାର ଦାସ(ଡି ଏମ ଓ)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସହରାଞ୍ଚଳ ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧକାରୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ୍ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନେ ଉପସ୍ଥିତ ଥିଲେ।ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ପ୍ରଦୀପ କୁମାର କର (ଡି ପି ଏଚ ଓ)ବକ୍ତବ୍ୟରେ କହିଥିଲେ କି ସହଳ ଚିହ୍ନଟ ଓ ସମ୍ପୂର୍ଣ୍ଣ ଚିକିତ୍ସା ଦ୍ୱାରା କର୍କଟ ରୋଗ ଆରୋଗ୍ୟ ସାଧ। ଏହା ପାଇଁ ସଚେତନତା ଆବଶ୍ୟକ। ଏପରିକି ଏକ ତୃତୀୟାଂଶ କର୍କଟ ରୋଗ ଆରୋଗ୍ୟ ସାଧ।ସଭାପତି ଶ୍ରୀଯୁକ୍ତ ଦାସ ତାଙ୍କ ଅଭିଭାଷଣରେ କର୍କଟ ରୋଗର ଲକ୍ଷଣ ଯଥା ଅସ୍ୱାଭାବିକ ଗୋଳି,କାଶ, ଗିଳିବାରେ କଷ୍ଟ, ଅସ୍ୱାଭାବିକ ରକ୍ତସ୍ରାବ, ଅସ୍ୱାଭାବିକ ଓଜନ କମିବା, ରାତିରେ ପ୍ରଚୁର ଝାଳ ବୋହିବା, ଦିର୍ଘ ଦିନ ଧରି କୌଣସି କ୍ଷତ ନ ଶୁଖିବା, ଅସ୍ୱାଭାବିକ ସ୍ତନର ପରିବର୍ତନ ଉପରେ ଗୃହରେ ମତ ରଖିଥିଲେ। ଡ଼ାକ୍ତର ଅରୂପ ଅଭିଷେକ ନିଜର ଅଭିଭାଷଣରେ କହିଥିଲେ କି ମଦ୍ୟପାନ କରିବା, ମେରବହୁଲତା, ଶାରୀରିକ ପରିଶ୍ରମ ନ କରିବା,ତମାଖୁ ସେବନ କରିବା,କର୍ମ ପରିବେଶ ଇତ୍ୟାଦି ଉପରେ ଦୃଷ୍ଟି ଦେଲେ କର୍କଟ ରୋଗରୁ ଦୂରେଇ ରହି ପାରିବା ଉପରେ ଗୁରୁତ୍ୱାରୋପ କରିଥିଲେ।ସଭାରେ ଡ଼ାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ (ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ(ଭି ବି ଡି) କର୍କଟ ରୋଗ ନ ହେବା ପାଇଁ କଣ ପ୍ରତିଷେଧକ ବ୍ୟବସ୍ଥା ଯଥା, (ଏଚ - ପି - ଭି ଓ ଏଚ୍ - ବି - ଭି) ଟୀକାକରଣ, ତମାଖୁ ଓ ମଦ୍ୟପାନଠୁ ଦୁରେଇରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭା ଶେଷରେ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟ କର୍ମୀ , ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଆଶା ମାନେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟିପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସାହୁ (ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ)ଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ମୋସୁମି ସାମଲ (ଏ - ମ ଏନ୍ ସି ଡି) ଧନ୍ୟବାଦ ଜଣାଇଥିଲେ।

# ବଇଂଚା ରାଧାକୃଷ୍ଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ




ବାଲେଶ୍ୱର , ୪/୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ବଇଂଚା ଗ୍ରାମପଞ୍ଚାୟତର ରାଧାକୃଷ୍ଣ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରାକାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ବିଆରସିସି ଶୁଭେନ୍ଦୁ କୁମାର ତ୍ରିପାଠୀ ଯୋଗଦେଇ ଶିଶୁ ମାନଙ୍କର ଅନ୍ତର୍ନିହିତ ଶକ୍ତି ଓ ସକାରାତ୍ମକ ଚିନ୍ତାଧାରା ପରିପ୍ରକାଶ କରିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦାୟିତ୍ୱ ଏବଂ ସେମାନଙ୍କର କୃତିତ୍ୱ ଓ ସଂସ୍କାର ବିଦ୍ୟାଳୟର ଗୈାରବ ଆଣିଥାଏ ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ବଟକୃଷ୍ଣ ମିଶ୍ର ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗ ଦର୍ଶନ କରିଥିଲେ ।ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରେଣୁବାଳା ଦାସ, ସିଆରସିସି ନିରଞ୍ଜନ ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘର ନେତା ଅରୁଣ ପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାକୃଷ୍ଣ ଆଚାର୍ଯ୍ୟ,ପାଖରାବାଡ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଧରିତ୍ରୀ ମିଶ୍ର, ପୂର୍ବତନ ଶିକ୍ଷକ ସନ୍ତୋଷ ପ୍ରଧାନ ଓ ବଇଂଚା ଗ୍ରାମପଞ୍ଚାୟତର ସରପଞ୍ଚ ରବିନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ସଫଳ ଓ ଭଲ ମଣିଷ ହେବାକୁ ଅତିଥିମାନେ ବକ୍ତବ୍ୟରେ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ରୀତାଞ୍ଜଳୀ ଜେନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟତ୍ରୀ ସରିତା ଲାହା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହରିଶ୍ଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଦେବସ୍ମିତା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ସ୍ୱାମୀ ପରିତ୍ୟକ୍ତା ମା’ ଝରଣାବାଳା

ଉଦଳା, ୪/୨ (ନି.ପ୍ର): ଯେ ହେଉଛି ଖୁଂଟା ବ୍ଲକର ଡ଼େଙ୍ଗାମ ପଂଚାୟତ ଅନ୍ତର୍ଗତ ବଣିଆବସା ଗ୍ରାମରେ ଥିବା ଖଡ଼ିଆସାହିର ଦୃଶ୍ୟ। ଏହି ସାହିରେ ଦିର୍ଘ ବର୍ଷ ଧରି ବସବାସ କରି ଆସୁଥିବା ସ୍ୱାମୀ ପରିତ୍ୟକ୍ତା ମା’ ଝରଣାବାଳା ବେହେରା ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ଥିବାର ଗଣମାଧ୍ୟମକୁ ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଝରଣାବାଳା ଘୋର ଆର୍ଥିକ ଅନାଟନ ଭିତରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ଖବର ନେବାରୁ ଝରଣାବାଳାଙ୍କର ଆଧାର କାର୍ଡ଼ ନଥିବାଯୋଗୁଁ ସେ ଏହିସବୁ ପାଇପାରୁନଥିବାର ଜଣାଯାଇଛି । ତେବେ ଆଧାରକାର୍ଡ଼ ପାଇଁ ସେ ବାରମ୍ବାର ଫୋଟ ଉଠାଇଛନ୍ତି ଓ ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ଗୁହାରି ଜଣାଇଛନ୍ତି । କିନ୍ତୁ କେହି ତାଙ୍କର ଗୁହାରି କର୍ଣ୍ଣପାତ କରୁନଥିବା କଥା ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହେଉଛି ।

# କ୍ୟାନ୍ସରର ହଟ ସ୍ପଟ ପାଲଟିଛି ଓଡିଶା

ଭୁବନେଶ୍ୱର, ୪/୨ (ନି.ପ୍ର): କ୍ୟାନ୍ସର ରୋଗର ହଟ ସ୍ପଟ ପାଲଟିଛି ଓଡିଶା। ରାଜ୍ୟରେ ପ୍ରତି ବର୍ଷ ୫୫ହଜାର କ୍ୟାନ୍ସର ରୋଗୀ ଚିହ୍ନଟ ହେଉଛନ୍ତି। ଏହା ସହିତ ଚିହ୍ନଟର ପ୍ରଥମ ବର୍ଷରେ ୬୦ ପ୍ରତିଶତ ଅର୍ଥାତ ପ୍ରାୟ ୩୫ ହଜାର ରୋଗୀ ମୃତ୍ୟୁ ବରଣ କରୁଛନ୍ତି। ୨୦୨୫-୨୬ ବର୍ଷରେ ତେବେ ରାଜ୍ୟରେ ସର୍ବାଧିକ ମୁଖ ଗହ୍ୱର କର୍କଟ ଚିହ୍ନଟ ହେଉଛନ୍ତି।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ , ୪/୨ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ତଥା ସାମାଜିକ ଓ ଆଇନଗତ ସଚେତନତା ନିମନ୍ତେ ଭଣ୍ଡାରୀପୋଖରୀ ଉଚ ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିଥିଲେ। ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ସେ ଗଭୀର ଆଲୋଚନା କରିଥିଲେ, ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ଏବଂ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବର ରେ ଅଭିଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ମଂଚ ନିମନ୍ତ୍ରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ରତିକାନ୍ତ ବେହେରା କରିଥିବାବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ସଚେତନ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ବହ୍ନିଶିଖା ବିଶ୍ୱାଳ ପିଲାମାନଙ୍କ ନିମିତ୍ତ ବାଲ୍ୟ ବିବାହକୁ ମନା ଏବଂ ବିଦ୍ୟାଳୟକୁ ହଁ ପରି ସୁନ୍ଦର କବିତା ଆବୃତି କରିଥିଲେ। ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଗଣ ଉପସ୍ଥିତ ରହିଥିଲେ ଏବଂ ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ସମ୍ପର୍କିତ ଏକ ସୁନ୍ଦର ନାଟକରେ ଅଭିନୟ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀ ଗଣ ପରିଚାଳନା ରେ ସହଯୋଗ କରିଥିଲେ।

# ନିୟୁ ଆଜାଦ ନଗର ବିସ୍ଫୋରଣ ଘଟଣା: ଗୁରୁତର ମୁଖ୍ୟ ଅଭିଯୁକ୍ତର ମୃତ୍ୟୁ

ଭୁବନେଶ୍ୱର, ୪/୨ (ନି.ପ୍ର): ଏୟାରଫିଲଡ଼ ଥାନା ନିୟୁ ଆଜାଦ ନଗର ବିସ୍ଫୋରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ବିସ୍ଫୋରଣରେ ଗୁରୁତର ଆହତ ହୋଇଥିବା ସେହେନୱାଜ୍ ମଲ୍ଲିକ ଓରଫ ମଫି ର ମୃତ୍ୟୁବରଣ ହୋଇଛି। ବିସ୍ଫୋରଣରେ ଗୁରୁତର ହୋଇ ମଫି ଘରୋଇ ହସ୍ପିଟାଲରେ ଗତ ୨୭ ତାରିଖରୁ ଚିକିତ୍ସାଧୀନ ଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଏନଆଇଏ ରାଜ୍ୟ ବାହାର ବିସ୍ଫୋରଣ ସହ ଏୟାରଫିଲଡ଼ ବିସ୍ଫୋରଣ ଲିଙ୍କ ଖୋଳତାଡ଼ କରୁଛି। ବରିଷ୍ଠ ଅଧିକାରୀଙ୍କ ସହ ଏନଆଇଏ ଅଧିକାରୀ ପୂର୍ବରୁ ଆଲୋଚନା କରୁଥିଲେ। ଦେଶଦ୍ରୋହ ସମ୍ପର୍କିତ ଲିଙ୍କ ଜଣାପଡିବା ପରେ ଖୋଳତାଡ଼ ଜାରି ରଖିଥିଲା ଏନଆଇଏ। ଘଟଣାସ୍ଥଳରୁ ଆରଡିଏକ୍ସ ଜବତ ହୋଇଥିଲା।

# ପି.ସି.ପୁର ସ୍କୁଲରେ କ୍ୟାନ୍ସର ସଚେତନତା କାର୍ଯ୍ୟକ୍ରମ




ବାରିପଦା , ୪/୨ (ନି.ପ୍ର): ବିଶ୍ୱ କ୍ୟାନ୍ସର ଦିବସ ଅବସରରେ ସାରା ବିଶ୍ୱରେ ଏହି ରୋଗର ପ୍ରଭାବ, ପ୍ରତିରୋଧ ଓ ଚିକିତ୍ସା ଉପରେ ଗୁରୁତ୍ୱ ଦେଇ ସଚେତନତା ବୃଦ୍ଧି କରିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ କର୍କଟ ରୋଗରେ ପୀଡିତ ହେବା ସହ ଅନେକ ପ୍ରାଣ ହରାଇଥାନ୍ତି । ଏହି ଅବସରରେ ବାରିପଦା ମୁନିସିପାଲିଟି ଅନ୍ତର୍ଗତ ୧୫ ନଂ ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତେଣୁ କ୍ୟାନ୍ସର ରୋଗର କାରଣ ଓ ନିରାକରଣ ଜାଣିବା ଏକାନ୍ତ ଜରୁରୀ - ଏହି ପରିପେକ୍ଷୀରେ ‘କ୍ୟାନ୍ସର କୁ ହରାଇବା କିନ୍ତୁ ହାରିବା ନାହିଁ‘ ବିଷୟ ଉପରେ ସ୍ଥାନୀୟ ଗାୟତ୍ରୀ ସ୍କୁଲ ଏଣ୍ଡ କଲେଜ ଅଫ ନର୍ସିଙ୍ଗର ଛାତ୍ରଛାତ୍ରୀମାନେ ଏକ ସଚେତନତା ମୂଳକ ନାଟକ ପରିବେଷଣ କରିଥିଲେ । ପ୍ରାରମ୍ଭିକ ଚିହ୍ନଟ ଓ ପ୍ରତିରୋଧକ ଚିକିତ୍ସାକୁ ଗୁରୁତ୍ୱ ଦେବାପାଇଁ କଳାକାରମାନେ ଉପସ୍ଥିତ କୁନିକୁନି ଛାତ୍ରଛାତ୍ରୀ, ଶିକ୍ଷକ / ଶିକ୍ଷୟତ୍ରୀ, ଅବିଭାବକ ମାନଙ୍କୁ ନାଟକ ମାଧ୍ୟମରେ ବାର୍ତ୍ତା ଦେଇଥିଲେ ଓ ତତସହିତ ଗୁଟଖା, ପାନ ମସଲା, ଖଇନି, ମଦ ଆଦି ନିଶାଦ୍ରବ୍ୟଠାରୁ ଦୁରେଇ ରହିବାକୁ ଉପଦେଶ ଦେଇଥିଲେ।ଗାୟତ୍ରୀ ଅନୁଷ୍ଠାନର ଅଧାପକ ତଥା ମୟୁରଭଞ୍ଜ ହୋମିଓପ୍ୟାଥିକ କଲେଜର ଅବସରପ୍ରାପ୍ତ ଅଧାପକ ଡଃ ସପନ କୁମାର ଦତ୍ତ, ନିର୍ଦ୍ଦେଶକ କଳ୍ପନା ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**NOTICE**

By Virtue of an affidavit sworn before Executive Magistrate, Balasore, dated 04-02-2026, I JAYA BRATA UPADHYAYA, Address At- Krushnapur, P.O.- Bahanaga, P.S.- Khantapada, Dist.- Balasore, Odisha-756042 declare that I have changed my name from JAYABRAT UPADHYAYA to JAYA BRATA UPADHYAYA. Henceforth, I shall be known as JAYA BRATA UPADHYAYA for all purposes.

**JAYA BRATA UPADHYAYA**

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Editor: Sairindhree Sahoo
❒ Managing & Executive Editor : Srustidhar Parida